- Vol.- 46, Issue No. 195
- Wednesday, 14 October 2026
- ବୁଧବାର, ୧୪ ଅକ୍ଟୋବର ୨୦୨୬
- Bhubaneswar
- Price: Rs. 3.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


## ବିରୋଧୀ 'ଚା'ରେ ଚର୍ଚ୍ଚା ପାଇଁ ହେଲେ ଏକାଠି



ନୂଆଦିଲ୍ଲୀ, ୧୩।୧୦: ଭୋଟ ଚୋରି ଅଭିଯୋଗରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବିରୋଧରେ ଚାଲିଥିବା ପ୍ରତିବାଦ ମଧ୍ୟରେ ମଙ୍ଗଳବାର ଇଣ୍ଡିଆ ବ୍ଲକ୍ ନେତାମାନେ ରାହୁଲ ଗାନ୍ଧୀଙ୍କ ବାସଭବନରେ ଚା'ରେ ଚର୍ଚ୍ଚା ପାଇଁ ଏକାଠି ହୋଇଥିଲେ। ଚାରି ଦିନର ପ୍ରତିବାଦ ଏବଂ ସିଇସିଙ୍କ ବିରୋଧରେ ସୁପ୍ରିମକୋର୍ଟରେ ଏକ ଆବେଦନ ଦାଖଲ କରିବା ପରେ ସେମାନେଏପରି ଆସରରେ ଏକାଠି ହୋଇଥିଲେ। ସିଇସିଙ୍କୁ ସିଧାସଳଖ ନିନ୍ଦା କରିବାଠାରୁ ଏସଆଇଆର୍ ପ୍ରକ୍ରିୟାକୁ ସମାଲୋଚନା କରିବା ଏବଂ ପ୍ରଧାନମନ୍ତ୍ରୀ ମୋଦି ଏବଂ ଅମିତ ଶାହଙ୍କୁ ସମାଲୋଚନା କରିବା ପର୍ଯ୍ୟନ୍ତ, ରାହୁଲ ଗାନ୍ଧୀ, ମଲ୍ଲିକାର୍ଜୁନ ଖାର୍ଗେ, ସୁପ୍ରିୟା ସୁଲେ, ତେଜସ୍ୱୀ ଯାଦବ, ସଞ୍ଜୟ ରାଉତଙ୍କ ସମେତ ଅନେକ ନେତା ବୈଠକ ଆୟୋଜନ କରିଥିଲେ ।

---

### ସୁରକ୍ଷା ବ୍ୟବସ୍ଥାର ବୈଧତାକୁ ଚ୍ୟାଲେଞ୍ଜ

## ସୁପ୍ରିମକୋର୍ଟ ଶୁଣାଣି କରିବାକୁ ରାଜି

ନୂଆଦିଲ୍ଲୀ, ୧୩।୧୦: ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଏବଂ ନିର୍ବାଚନ କମିଶନରମାନେ ସେମାନଙ୍କ ସରକାରୀ କର୍ତ୍ତବ୍ୟ ସମ୍ପାଦନ ସମୟରେ କରିଥିବା କେତେକ କାର୍ଯ୍ୟ ପାଇଁ ଆଇନଗତ ସୁରକ୍ଷା ପାଉଥିବା ବ୍ୟବସ୍ଥାର ବୈଧତାକୁ ଚ୍ୟାଲେଞ୍ଜ କରି ଦାଖଲ



ଏକ ଆବେଦନର ଶୁଣାଣି କରିବାକୁ ମଙ୍ଗଳବାର ରାଜି ହୋଇଛନ୍ତି ସୁପ୍ରିମକୋର୍ଟ। ୨୦୨୩ରେ ପ୍ରଣୀତ ଏକ ଆଇନରେ ଥିବା ଏହି ବ୍ୟବସ୍ଥାକୁ ନେଇ ଦାଖଲ ଆବେଦନ ଉପରେ ବିଚାର କରିବା ସହ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ସରକାର ଏବଂ ଭାରତୀୟ ନିର୍ବାଚନ ଆୟୋଗଙ୍କଠାରୁ ଜବାବ ମାଗିଛନ୍ତି।ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ବିଚାରପତି ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ଏବଂ ଜଷ୍ଟିସ୍ ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏହି ମାମଲାର ଶୁଣାଣି ହୋଇଥିଲା। ଏହି ଆବେଦନ ଏନଜିଓ ଆସୋସିଏସନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ ପକ୍ଷରୁ ଦାଖଲ କରାଯାଇଛି। ଆବେଦନରେ ସିଇସି ଆଇନର ଧାରା ୧୬କୁ ଅସାମ୍ବିଧାନିକ ଏବଂ ଅବୈଧ ଘୋଷଣା କରିବାକୁ ଦାବି କରାଯାଇଛି। ଏହି ବ୍ୟବସ୍ଥା ସମ୍ବିଧାନର ଅନୁଚ୍ଛେଦ ୧୪ ଓ ୨୧ ସହିତ ସମ୍ବିଧାନର ମୌଳିକ ଢାଞ୍ଚାର ଉଲ୍ଲଂଘନ କରୁଥିବା ଆବେଦନରେ ଯୁକ୍ତି ଦର୍ଶାଯାଇଛି।

### ୧୧ ବିଭାଗର ୧୬ ପ୍ରସ୍ତାବକୁ କ୍ୟାବିନେଟ୍ ମୋହର

# ନବମ, ଦଶମ ଛାତ୍ରଛାତ୍ରୀଙ୍କୁ ମିଳିବ ମାଗଣା ପାଠ୍ୟପୁସ୍ତକ



ଭୁବନେଶ୍ୱର, ୧୩।୧୦: ମଙ୍ଗଳବାର ରାଜ୍ୟ ମନ୍ତ୍ରିମଣ୍ଡଳ (କ୍ୟାବିନେଟ)ର ୪୮ତମ ବୈଠକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ବୈଠକରେ ୧୧ଟି ଅସ୍ତରଙ୍ଗରେ ୩୩.୮୧ କୋଟି ଟଙ୍କା ବ୍ୟୟରେ ମତ୍ସ୍ୟବନ୍ଦର ନିର୍ମାଣ ହେବ। ସହରାଞ୍ଚଳ ବର୍ଷାଜଳ ନିଷ୍କାସନ ଓ ଉନ୍ନୟନ କାର୍ଯ୍ୟକ୍ରମରେ ୫୦୦କୋଟି ଟଙ୍କା ୨୦୨୬-୨୬ ଆର୍ଥିକ ବର୍ଷରୁ ୨୦୩୦-୩୧ ମଧ୍ୟରେ ଖର୍ଚ୍ଚ କରାଯିବ। ୪ଲକ୍ଷ ୨୦ ନବମ ଓ ଦଶମ ଶ୍ରେଣୀର ୨୮.୭୦ ଲକ୍ଷ ଛାତ୍ରଛାତ୍ରୀଙ୍କୁ (ଏସସି/ଏସଟି ବ୍ୟତୀତ) ମାଗଣାରେ ବହି ଯୋଗାଇ ଦିଆଯିବ। ପୂର୍ବରୁ କେବଳ ୯ମ ଓ ୧୦ମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ମାଗଣା ପାଠ୍ୟପୁସ୍ତକ ମିଳୁଥିଲା। ଏହାସହ ୧.୧୭

- ଅସ୍ତରଙ୍ଗରେ ୩୩.୮୧ କୋଟି ବ୍ୟୟରେ ହେବ ମତ୍ସ୍ୟବନ୍ଦର
- ମହାନଦୀ ରିଭରଫ୍ରଣ୍ଟ ସମନ୍ୱିତ ବିକାଶ ପ୍ରକଳ୍ପ ଲାଗି ୧୩୩.୭୧ କୋଟି
- ୪ଲକ୍ଷ ୨୦ ହଜାର ଯୁବକଯୁବତୀ ସାମିଲ ହେବେ ଦକ୍ଷତା ବିକାଶ ଯୋଜନାରେ

ବିଭାଗର ୧୬ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି । ବୈଠକରେ ମୁଖ୍ୟମନ୍ତ୍ରୀ ନିଜର ଅଭିଭାଷଣର ପ୍ରାରମ୍ଭରେ ଶାସନ ମୁଖ୍ୟ ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ୨୫ ବର୍ଷର କାର୍ଯ୍ୟକାଳ ପୂର୍ଣ୍ଣ ହୋଇଥିବା ଅବସରରେ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପ୍ରସ୍ତାବଗୁଡ଼ିକ ସମ୍ପର୍କରେ ବିଶଦ ତଥ୍ୟ ରଖିଥିଲେ। ସୂଚନାନୁସାରେ, ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଅନୁମୋଦିତ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବଗୁଡ଼ିକ ମୁତାବକ ପୁରୀ ଜିଲ୍ଲାର ହଜାର ଯୁବକଯୁବତୀଙ୍କୁ ଦକ୍ଷତା ବିକାଶ ଯୋଜନାରେ ସାମିଲ କରିବାକୁ ୪୫୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ପ୍ରାଥମିକ ଶିକ୍ଷା ନିଯୁକ୍ତି ପଦ୍ଧତି ଓ ଶିକ୍ଷକ ଓ ଅଧିକାରୀ ସେବା ନିୟମାବଳୀ ୧୯୯୭ର ସଂଶୋଧନ କରାଯିବ। ଶିକ୍ଷା କ୍ଷେତ୍ରକୁ ଅଧିକ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ 'ନିଃଶୁଳ୍କ ପାଠ୍ୟପୁସ୍ତକ ଯୋଗାଣ' ଯୋଜନାକୁ ମଧ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ଯେଉଁଥିରେ ଆଗାମୀ ୫ ବର୍ଷ ପାଇଁ ୨୮୪.୦୭ କୋଟି ଟଙ୍କା ବ୍ୟୟରେ ସରକାରୀ ଓ ଅନୁଦାନପ୍ରାପ୍ତ ହାଇସ୍କୁଲର ଲକ୍ଷଙ୍କୁ ସ୍ୱନିଯୁକ୍ତିଆଦୀ ପ୍ରଶିକ୍ଷଣ, ଉଚ୍ଚ ଶିକ୍ଷାନୁଷ୍ଠାନରେ ସ୍କିଲ୍ ହବ୍ ସ୍ଥାପନ, ଜର୍ମାନ ଓ ଜାପାନୀ ଭାଷା ଶିକ୍ଷା ସହିତ ବିଦେଶ ନିଯୁକ୍ତି ସହାୟତା ଓ ଦିବ୍ୟାଙ୍ଗ ତଥା ଜେଲ୍ ଅନ୍ତେବାସୀଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନିଆଯିବ। ଏଥି ସହ 'ସ୍କିଲ୍ଡ-ଇନ୍-ଓଡ଼ିଶା ଡିଜିଟାଲ୍ ହବ୍' ସ୍ଥାପନ ହେବ। ଚାଷୀମାନଙ୍କୁ ସୁଲଭ ମୂଲ୍ୟରେ ଉନ୍ନତ ବିହନ ଓ ସାର ଯୋଗାଇବା ପାଇଁ ଓଡ଼ିଶା ରାଜ୍ୟ ବିହନ ନିଗମ ଓ ଓଡ଼ିଶା ରାଜ୍ୟ ସମବାୟ ମାର୍କେଟିଂ ଫେଡେରେସନକୁ ୧୩୬୦ କୋଟି ଟଙ୍କାର ସୁଧମୁକ୍ତ କର୍ପସ୍ ପାଣ୍ଠି ମଞ୍ଜୁର କରାଯାଇଛି। ସହରୀ ଭିତ୍ତିଭୂମିର ଉନ୍ନତି ପାଇଁ କଟକ ମହାନଦୀ ରିଭରଫ୍ରଣ୍ଟ ସମନ୍ୱିତ ବିକାଶ ପ୍ରକଳ୍ପ ଲାଗି ୧୩୩.୭୧ କୋଟି ଟଙ୍କା ଓ ବଲାଙ୍ଗିର ସଇଁତଳାରେ ଇନଷ୍ଟ୍ରିମ୍ ଜଳାଶୟ ନିର୍ମାଣ ପାଇଁ ୧୦୫.୬୨ କୋଟି ଟଙ୍କାର ଟେଣ୍ଡର ଅନୁମୋଦିତ ହୋଇଛି। ଏହାସହ କେନ୍ଦୁଝରସ୍ଥିତ ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ପ୍ରାୟ ୧୭୬.୮୩ କୋଟି ଟଙ୍କା ବ୍ୟୟରେ ଏକ ଡିଜିଟାଲ୍ ବିପର୍ଯ୍ୟୟ ପୁନରୁଦ୍ଧାର-ସହ-ତଥ୍ୟ କେନ୍ଦ୍ର ସ୍ଥାପନ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁର କରିଛନ୍ତି, ଯାହା ସରକାରୀ ଡିଜିଟାଲ୍ ସେବାକୁ ସୁରକ୍ଷିତ ଓ ନିରବଚ୍ଛିନ୍ନ ରଖିବ। ଜଳସମ୍ପଦ ବିଭାଗରେ ଡିପ୍ଲୋମା ଯନ୍ତ୍ରୀଙ୍କ କ୍ୟାଡର ପୁନର୍ବିନ୍ୟାସ, ଶିଳ୍ପ ନୀତି ୨୦୨୨ ରେ ଷ୍ଟାମ୍ପ ଶୁଳ୍କ ସଂଶୋଧନ ଓ ରାଇରଙ୍ଗପୁରରେ ଡାକ ବିଭାଗର ବିଭିନ୍ନ କାର୍ଯ୍ୟାଳୟ ନିର୍ମାଣ ପାଇଁ ମାଗଣାରେ ଜମି ହସ୍ତାନ୍ତର ଭଳି ବହୁ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ଦେଇଛନ୍ତି।

## କେନ୍ଦ୍ରମନ୍ତ୍ରୀ ଏଲ୍. ମୁରୁଗନ୍ ଦେଲେ ଇସ୍ତଫା

### ତାମିଲନାଡୁ ବିଜେପିକୁ ମଜଭୁତ କରିବାରେ ଦେବେ ଗୁରୁତ୍ୱ

ନୂଆଦିଲ୍ଲୀ, ୧୩।୧୦: ସୂଚନା ଓ ପ୍ରସାରଣ ତଥା ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଡ. ଏଲ୍. ମୁରୁଗନ୍ ମନ୍ତ୍ରିପରିଷଦ ଏବଂ ରାଜ୍ୟସଭାରୁ ଇସ୍ତଫା ଦେବାକୁ ଘୋଷଣା କରିଛନ୍ତି। ଏ ସମ୍ପର୍କରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପତ୍ର ଲେଖିଥିବା ବେଳେ ଏହାକୁ ସୋସିଆଲ୍ ମିଡିଆରେ ମଧ୍ୟ ସେୟାର କରିଛନ୍ତି।ନିଜ ପୋଷ୍ଟରେ ମୁରୁଗନ୍ କହିଛନ୍ତି ଯେ ତାମିଲନାଡୁର ଏକ ଗାଁରେ ଜଣେ ଦିନମଜୁରିଆଙ୍କ ପୁଅ ଭାବେ ଜନ୍ମ ନେଇ କେନ୍ଦ୍ରମନ୍ତ୍ରୀ ହେବା ତାଙ୍କ ଜୀବନର ସବୁଠାରୁ ବଡ଼ ସୌଭାଗ୍ୟ। ଏବେ ସେ ନିଜର ସମସ୍ତ ସମୟ ତାମିଲନାଡୁରେ ବିଜେପି ସଂଗଠନ ଓ କାର୍ଯ୍ୟକର୍ତ୍ତାଙ୍କୁ ମଜଭୁତ କରିବାରେ ନିୟୋଜିତ କରିବେ। ବିଶେଷକରି ୨୦୨୯ ଲୋକସଭା ନିର୍ବାଚନ ପାଇଁ ସେ ଦଳୀୟ ସଂଗଠନକୁ ସୁଦୃଢ଼ କରିବା ଉପରେ ଧ୍ୟାନ ଦେବେ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱକୁ ନିଜର



ରାଜନୈତିକ ଯାତ୍ରାର ଶ୍ରେୟ ଦେଇ ମୁରୁଗନ୍ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଏବଂ ବିଜେପି ସହ ନିଜର ଦୀର୍ଘଦିନର ସମ୍ପର୍କ ବିଷୟରେ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି, ନିଜ କାର୍ଯ୍ୟକର୍ତ୍ତାଙ୍କ ସହ ରହି ୨୦୨୯ ଲୋକସଭା ନିର୍ବାଚନ ପୂର୍ବରୁ ତାମିଲନାଡୁରେ ବିଜେପିକୁ ମଜଭୁତ କରିବା ପାଇଁ ନିଜର ସମସ୍ତ ସମୟ ସମର୍ପଣ କରିବାକୁ ଚାହୁଁଛି।

## ପୋଲିସକୁ ଦେଲେ ଚକମା: ନେତୃତ୍ୱ ନେଲେ ରାଙ୍କା ଓ ଦାସ

ନୂଆଦିଲ୍ଲୀ, ୧୩।୧୦: ଜନ୍ତରମନ୍ତରକୁ ବିରୋଧ ପ୍ରଦର୍ଶନ ସ୍ଥଳ ତାଲିକାରୁ ହଟାଇବାର ଦିନକ ପରେ କକରୋଚ ଜନତା ପାର୍ଟି (ସିଜେପି)ର କର୍ମୀମାନେ ପୁଣି ସେଠାରେ ପହଞ୍ଚିଥିଲେ। ସିଜେପିର ଜାତୀୟ ମୁଖପାତ୍ର ଆଶୁତୋଷ ରାଙ୍କା ଓ ସୌରଭ ଦାସଙ୍କ ନେତୃତ୍ୱରେ କର୍ମୀମାନେ ପୁଲିସକୁ ଚକମା ଦେଇ ଲୁହା ଗେଟ୍ ଓ ବ୍ୟାରିକେଡ୍ ଡେଇଁ ଜନ୍ତରମନ୍ତରରେ ପହଞ୍ଚିଥିଲେ। ସେଠାରେ ସେମାନେ ନାରାବାଜି କରିଥିଲେ।ପୁଲିସ ପ୍ରଦର୍ଶନକାରୀଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲା। ଏହି ସମୟରେ ସେଠାରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ଉପୁଜିଥିଲା। ପୁଲିସ ପ୍ରଦର୍ଶନକାରୀମାନଙ୍କୁ ହେପାଜତକୁ ନେଇଥିଲା। ପରେ ସେଠାରେ ସୁରକ୍ଷା ବ୍ୟବସ୍ଥା ଆହୁରି କଡ଼ାକଡ଼ି କରାଯାଇଛି। ସିଜେପି ମୁଖ୍ୟ ଅଭିଜିତ ଦୀପକେ 'ଏକ୍ସ'ରେ ଏକ ଭିଡିଓ ଫୁଟେଜ୍ ସେୟାର କରିଛନ୍ତି।

## ଶ୍ରୀମନ୍ଦିର ଉପରେ ପୁଣି ଉଡ଼ିଲା ଡ୍ରୋନ

ପୁରୀ, ୧୩।୧୦(ନିପ୍ର): ପୁଣି ଶ୍ରୀମନ୍ଦିର ଉପରେ ଉଡ଼ିଛି ଡ୍ରୋନ୍। ମଙ୍ଗଳବାର ଭୋର୍ ସମୟରୁ ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳ ରେ ଡ୍ରୋନ୍ ଉଡ଼ିବା ସାମନାକୁ ଆସିଛି। ଭୋର୍‌ରୁ ଶ୍ରୀମନ୍ଦିର ଉତ୍ତର ପାର୍ଶ୍ୱରେ ପ୍ରାୟ ୧୫ ମିନିଟ୍ କାଳ ଚକ୍କର କାଟିଥିଲା ଏହି ଡ୍ରୋନ୍। ଭୋର୍ ୫ ଟା ୦୫ ଠାରୁ ପ୍ରାୟ ୫ ଟା ୨୦ ପର୍ଯ୍ୟନ୍ତ ଶ୍ରୀମନ୍ଦିର ଉତ୍ତର ପାର୍ଶ୍ୱରେ ଚକ୍କର କାଟିବା ସହ ଶ୍ରୀଦାଣ୍ଡ ପଟକୁ ଡ୍ରୋନଟି ଚାଲି ଯାଇଥିଲା ।ଶ୍ରୀମନ୍ଦିର ଉପରେ ବିଭିନ୍ନ ସମୟରେ ଡ୍ରୋନ ଉଡୁଥିବାରୁ ଆଣ୍ଟିଡ୍ରୋନ ଟେକେନୋଲୋଜି ବ୍ୟବସ୍ଥା କାର୍ଯ୍ୟକରୀ କରିବା ପାଇଁ ସବୁ ପ୍ରକାର ଉଦ୍ୟମ କରାଯାଉଥିବା ଜିଲ୍ଲାପାଳ କହିଛନ୍ତି। ବର୍ତ୍ତମାନ ବିଭିନ୍ନ ପ୍ରକାର ଅତ୍ୟାଧୁନିକ ଡ୍ରୋନ ପ୍ରାୟ ୧.୫ କି.ମି ରୁ ୨ କି.ମି ପରିଧି ମଧ୍ୟରେ ଅପରେଟ୍ ହେଉଛି। ଫଳରେ ଡ୍ରୋନ ଅପରେଟ୍ କରୁଥିବା ବ୍ୟକ୍ତି ବିଶେଷଙ୍କୁ ଧରାଯାଇ ପାରୁନାହିଁ । ଶ୍ରୀମନ୍ଦିର ନୋ ଫ୍ଲାଇଂ ଜୋନ୍ ଘୋଷଣା କରାଯାଇଛି। ଆଣ୍ଟିଡ୍ରୋନ ଟେକେନୋଲୋଜ ବ୍ୟବସ୍ଥା ଲାଗୁ ହେବା ପରେ ଡ୍ରୋନ ଉଡାଣ ଉପରେ ଲଗାମ ଲାଗିପାରିବ ବୋଲି କୁହାଯାଇଛି।

### ସମ୍ ହସ୍ପିଟାଲ ରୋଡ୍: ସ୍କର୍ପିଓ ଘଟାଇଲା ସିରିଜ ଦୁର୍ଘଟଣା

## ୨ ମୃତ, ୭ ଗୁରୁତର



ଭୁବନେଶ୍ୱର, ୧୩।୧୦: ସମ୍ ହସ୍ପିଟାଲ ନିକଟସ୍ଥ ବ୍ୟସ୍ତବହୁଳ ରାସ୍ତାରେ ମଙ୍ଗଳବାର ସନ୍ଧ୍ୟାରେ ଏକ କଳା ରଙ୍ଗର ସ୍କର୍ପିଓ ଗାଡ଼ିର ବେପରୁଆ ଚାଳକ କ୍ରମାଗତ ଭାବେ ଏକାଧିକ ଗାଡ଼ିକୁ ଧକ୍କା ଦେବା ଫଳରେ ୨ ଜଣଙ୍କ ମୃତ୍ୟୁ ଘଟିଛି ଓ ୭ ଜଣ ଗୁରୁତର ହୋଇଥିବା ବେସରକାରୀ ସୂତ୍ରରୁ ପ୍ରକାଶ।ଏହି ଧକ୍କା ଯୋଗୁଁ ରାସ୍ତାରେ ବ୍ୟାପକ ଅରାଜକତା ସୃଷ୍ଟି ହୋଇଥିଲା। ପ୍ରାଥମିକ ସ୍ଥାନୀୟ ଖବର ଅନୁଯାୟୀ, ଏଥିରେ ଅନେକ ବ୍ୟକ୍ତି ଆହତ ହୋଇଛନ୍ତି ଏବଂ ସେମାନଙ୍କୁ ତୁରନ୍ତ ଚିକିତ୍ସା ପାଇଁ ନିଆଯାଇଛି।ତୀବ୍ର ଗତିରେ ଏକାଧିକ ଧକ୍କା ଲାଗିବା ଫଳରେ ସ୍କର୍ପିଓ ଗାଡ଼ିର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାବେ ଚୂରମାର ହୋଇଯାଇଛି। 'ହିଟ୍-ଆଣ୍ଡ-ରନ୍' (ଧକ୍କା ଦେଇ ଫେରାର ହେବା) ଘଟଣା ଘଟାଇଥିବା ସଂପୃକ୍ତ ବେପରୁଆ ଚାଳକକୁ ଠାବ କରିବା ପାଇଁ ସ୍ଥାନୀୟ ଭରତପୁର ପୋଲିସ୍ ତଦନ୍ତ ଆରମ୍ଭ କରିଛି। ନିଶାସକ୍ତ ହୋଇ ଚାଳକ ସ୍କର୍ପିଓ ଚଳାଇବାରୁ ଏପରି ଘଟିଥିବା ଆଶଙ୍କା କରାଯାଇଛି।

# ଗରିବଙ୍କୁ ଘର, ଯୁବପିଢ଼ିକୁ ଖେଳପଡ଼ିଆ




### ଦୁଇ ସୁଲଭ ଆବାସିକ ପ୍ରକଳ୍ପ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

- ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ହେଉଛି 'ମୁଣ୍ଡ ଉପରେ ଛାତ'
- ଉପକୃତ ହେବେ ୧,୬୦୮ ପରିବାର
- ୯୬୨ ପରିବାର କଲେ ଗୃହପ୍ରବେଶ
- 'ପିଏମଏୱାଇ-ଅର୍ବାନ ବନ୍ଧୁ' ଯୋଜନାରେ
- ଗାଡ଼କଣରେ ସୁଲଭ ଭଡ଼ା ଆବାସ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ
- ୧୨ ଅତ୍ୟାଧୁନିକ ଖେଳପଡ଼ିଆ ଉତ୍ସର୍ଗୀକୃତ
- ବସ୍ତି ବାସିନ୍ଦାଙ୍କୁ ମିଳିବ ନୂଆ ପରିଚୟ : ନଗର ଉନ୍ନୟନ ମନ୍ତ୍ରୀ

ଭୁବନେଶ୍ୱର, ୧୩।୧୦: ଆମେ ଏପରି ଏକ ଭୁବନେଶ୍ୱର ଗଢିବାକୁ ଚାହୁଁଛୁ, ଯେଉଁଠି ଗରିବ ପରିବାର ସମ୍ମାନର ସହ ରହି ପାରିବେ, ଶ୍ରମିକମାନେ ସୁଲଭ ଆବାସ ପାଇ ପାରିବେ, ଯୁବପିଢି ନିଜ ପ୍ରତିଭା ବିକଶିତ କରିପାରିବେ ଏବଂ ପ୍ରତ୍ୟେକ ନାଗରିକ ସୁସ୍ଥ ଓ ଉନ୍ନତ ଜୀବନଯାପନ କରିପାରିବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଘାଟିକିଆଠାରେ ସୁଲଭ ଆବାସିକ ପ୍ରକଳ୍ପ ଲୋକାର୍ପଣ ଅବସରରେ ଏହା କହିଛନ୍ତି । ମୁଖ୍ୟମନ୍ତ୍ରୀ ଘାଟିକିଆଠାରେ 'ନୀଳକଣ୍ଠେଶ୍ୱର ନିବାସ' ଏବଂ ଗାଡ଼କଣଠାରେ 'ମୁକ୍ତେଶ୍ୱର ରେସିଡେନ୍ସି' ନାମକ ଦୁଇଟି ସୁଲଭ ଆବାସିକ ପ୍ରକଳ୍ପ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଛନ୍ତି । ଗାଡ଼କଣରେ ୬ ଏକରରୁ ଅଧିକ ଜମି ଉପରେ ପ୍ରାୟ ୯୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ୬୮୦ଟି ଆବାସ ଗୃହ ଏବଂ ଘାଟିକିଆରେ ୫ ଏକରରୁ ଅଧିକ ଜମି ଉପରେ ୬୬ କୋଟି ୪୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ୯୨୮ଟି ଆବାସ, ଅର୍ଥାତ୍ ମୋଟ ୧,୬୦୮ଟି ସୁଲଭ ଆବାସ ସହ ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ୧୨ଟି ଅତ୍ୟାଧୁନିକ ଖେଳ ପଡିଆ ମୁଖ୍ୟମନ୍ତ୍ରୀ ଲୋକାର୍ପିତ କରିଛନ୍ତି। ଏଥିସହିତ ବୁଦ୍ଧ ବିହାର, ନୀଳମାଧବ, ସୁବୁଦ୍ଧିପୁର ଓ ଶାନ୍ତିପଲ୍ଲୀ ଠାରେ ମଧ୍ୟ ୯୬୨ଟି ପରିବାରକୁ ଗୃହପ୍ରବେଶ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଖାଦ୍ୟ ପରେ ଜଣେ ବ୍ୟକ୍ତିଙ୍କ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ହେଉଛି 'ମୁଣ୍ଡ ଉପରେ ଛାତ'। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କେବଳ ଘର ନିର୍ମାଣ ନୁହେଁ, ବରଂ ଶୌଚାଳୟ, ପାଇପ୍ ଯୋଗେ ପିଇବା ପାଣି, ବିଦ୍ୟୁତ୍ ଏବଂ ରନ୍ଧନ ଗ୍ୟାସ ଯୋଗାଇ ଦେଇ ଗରିବ ପରିବାରଙ୍କ ସର୍ବନିମ୍ନ ଆବଶ୍ୟକତା ପୂରଣ କରୁଛନ୍ତି। ଓଡ଼ିଶା ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ଅଧୀନରେ ୨ ଲକ୍ଷରୁ ଅଧିକ ଘର ମଞ୍ଜୁର ହୋଇଥିବାବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ 'ଅନ୍ତ୍ୟୋଦୟ ଗୃହ ଯୋଜନା' ମାଧ୍ୟମରେ ପ୍ରାୟ ପାଂଚ ଲକ୍ଷ ଘର ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। କେବଳ ଆବାସ ନୁହେଁ, ୧୨ଟି ଅତ୍ୟାଧୁନିକ ଖେଳପଡ଼ିଆକୁ ମଧ୍ୟ ଲୋକଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ଉତ୍ସର୍ଗ କରିଛନ୍ତି। ଏହି ଖେଳପଡ଼ିଆଗୁଡ଼ିକ ମଧ୍ୟରେ ବଜରଙ୍ଗୀ, କେ-୪, କୋଳଥିଆ, ତମାଣ୍ଡୋ, ନଖରା, ସିବିଏସ୍ଇ ଆଞ୍ଚଳିକ କାର୍ଯ୍ୟାଳୟ, ଯଦୁପୁର, ଡମଣା ହାଇସ୍କୁଲ, ୟୁନିଟ୍-୨ ବାଳିକା ଉଚ୍ଚ ବିଦ୍ୟାଳୟ, ଭୁବନେଶ୍ୱର ସେଣ୍ଟ୍ରାଲ ୟୁପି ସ୍କୁଲ, ଘାଟିକିଆ, ୟୁନିଟ୍-୮ ବାଳକ ଉଚ୍ଚ ବିଦ୍ୟାଳୟ ଏବଂ ସହିଦ ନଗର ହାଇସ୍କୁଲ ଖେଳପଡ଼ିଆ ଅନ୍ତର୍ଭୁକ୍ତ। ଏହି ସମସ୍ତ ପଦକ୍ଷେପ ଭୁବନେଶ୍ୱରକୁ ଏକ ସୁରକ୍ଷିତ, ସମାବେଶୀ ଓ ସନ୍ତୁଳିତ ସହର ଭାବେ ଗଢ଼ିବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ସହରରେ ପ୍ରବାସୀ ଶ୍ରମିକ ଓ ନିମ୍ନ ଆୟବର୍ଗର ପରିବାରଙ୍କୁ ସୁଲଭ ଭଡ଼ାରେ ଘର ଯୋଗାଇ ଦେବା ପାଇଁ 'ପିଏମଏୱାଇ-ଅର୍ବାନ ବନ୍ଧୁ' ଯୋଜନା ଆରମ୍ଭ କରାଯାଇଥିବା କଥା ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଗାଡ଼କଣଠାରେ ସୁଲଭ ଭଡ଼ା ଆବାସ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ ଯେ, ଏହି ବାସଗୃହଗୁଡ଼ିକ ବସ୍ତି ବାସିନ୍ଦାମାନଙ୍କୁ ଏକ ନୂଆ ପରିଚୟ ପ୍ରଦାନ କରିବ ।

## ଦୀପାବଳି ପରେ ଲାଗୁ ହେବ ୟୁପିଆଇ ଶୁଳ୍କ

ନୂଆଦିଲ୍ଲୀ, ୧୩।୧୦: ୟୁପିଆଇକୁ ନେଇ ଆସିଛି ଆଶ୍ୱସ୍ତିକର ଖବର। ୟୁପିଆଇ ବ୍ୟବହାର କରି ଯେଉଁମାନେ ଦୈନିକ ପେମେଣ୍ଟ କରୁଛନ୍ତି କିମ୍ବା ଦୋକାନରେ କ୍ୟୁଆର୍ କୋଡ୍ ସ୍କାନ କରି ଟଙ୍କା ପଠାଉଛନ୍ତି ସେମାନଙ୍କ ପାଇଁ ନ୍ୟାସନାଲ ପେମେଣ୍ଟ୍ସ କର୍ପୋରେସନ ଅଫ୍ ଇଣ୍ଡିଆ ଘୋଷଣା କରିଛି ଯେ କିଛି ବ୍ୟବସାୟୀଙ୍କ ସହିତ ୟୁପିଆଇ କାରବାର (ପିଟୁଏମ – ବ୍ୟକ୍ତିରୁ ବ୍ୟବସାୟୀ) ଉପରେ ଏମଡିଆର (ମର୍ଚ୍ଚାଣ୍ଟ ଡିସକାଉଣ୍ଟ ହାର) ଦୀପାବଳି ପରେ ଲାଗୁ କରାଯିବ।ଏନପିସିଆଇର ୟୁପିଆଇ ଏବଂ ସେବା ପରିଚାଳନା କମିଟି ଅକ୍ଟୋବର ୧୩ ତାରିଖରେ ଏକ ବୈଠକରେ ଏହି ନିଷ୍ପତ୍ତି ନେଇଛି। ଯେହେତୁ ପାର୍ବଣ ଋତୁ ଚାଲିଛି, ଦୋକାନୀ ଏବଂ ଗ୍ରାହକମାନଙ୍କ ଅସୁବିଧା ଏଡାଇବା ପାଇଁ ଦୀପାବଳି ପର୍ଯ୍ୟନ୍ତ କୌଣସି ଶୁଳ୍କ ନିଆଯିବ ନାହିଁ। କାର୍ଯ୍ୟାନ୍ୱୟନ ତାରିଖ ସମ୍ପର୍କରେ ଏକ ପୃଥକ୍ ବିଜ୍ଞପ୍ତି ଜାରି କରାଯିବ।



## ଦେବୀ କୁଷ୍ମାଣ୍ଡା





ପରଂବ୍ରହ୍ମଙ୍କର ତ୍ରିଗୁଣାତ୍ମିକା ଶକ୍ତି ଅଟନ୍ତି ଯୋଗମାୟା। ଯେ ସଂସାରର କଲ୍ୟାଣ ନିମନ୍ତେ ବିବିଧ ସମୟରେ ଭିନ୍ନ ଭିନ୍ନ ରୂପକୁ ଧରି ଏ ଧରାପୃଷ୍ଠରେ ଅବତରଣ କରିଥାନ୍ତି ଏବଂ ସେ ଭକ୍ତର ମନବାଞ୍ଛାକୁ ସାକାର କରିବା ନିମନ୍ତେ, ଆଶ୍ୱିନ ମାସ ଶୁକ୍ଳ ପକ୍ଷ ପ୍ରତିପଦା ଠାରୁ ନବମୀ ପର୍ଯ୍ୟନ୍ତ ପାବନ ଶାରଦୀୟ ନବରାତ୍ର ଅବସରରେ ନବଦୁର୍ଗା ରୂପେ ଦର୍ଶନ ଦେଇ କଲ୍ୟାଣ ପ୍ରଦାନ କରନ୍ତି। ଏହି ନବଦୁର୍ଗାଙ୍କ ମଧ୍ୟରୁ ଚତୁର୍ଥ ସ୍ୱରୂପା ଅଟନ୍ତି ଦେବୀ କୁଷ୍ମାଣ୍ଡା। ମା'ଙ୍କ ରୂପ ଅତ୍ୟନ୍ତ ମନୋହାରିଣୀ ଏବଂ ଦେଦୀପ୍ୟମାନା। ଦେବୀ ଅଷ୍ଟଭୁଜା, ସେ ହସ୍ତରେ କମଣ୍ଡଳୁ-ଧନୁ-କମଳ-ଅମୃତ କଳସ-ଚକ୍ର-ଗଦା-



ଜପାମାଳି ଧାରଣ କରି ସିଂହ ପୃଷ୍ଠରେ ଉପବେଶନ କରିଥାନ୍ତି । ଯାହାଙ୍କୁ ଏ ସୃଷ୍ଟିର କର୍ତ୍ତ୍ରୀ ବୋଲି କୁହାଯିବା ସହ ଆଦ୍ୟାଶକ୍ତି ମଧ୍ୟ କୁହାଯାଏ। ସେ ନିଜ ଗର୍ଭରୁ ଏହି ବ୍ରହ୍ମାଣ୍ଡକୁ ସୃଷ୍ଟି କରିଥିବା କାରଣରୁ ତା'ଙ୍କ ନାମ କୁଷ୍ମାଣ୍ଡା। ଯଦି କୁଷ୍ମାଣ୍ଡା ଶବ୍ଦର ସନ୍ଧି ବିଚ୍ଛେଦ କରାଯାଏ ତେବେ ଆମେ ଜାଣିବା ଯେ, (କ=ପୃଥିବୀ+ଉଷ୍ମନ୍=ଉଷ୍ମ+ଅଣ୍ଡ=ଗର୍ଭ+ଆ) ଏହା ହିଁ ପ୍ରକୃତ କାରଣ । ଯେତେବେଳେ ସୃଷ୍ଟିର କୌଣସି ଅସ୍ତିତ୍ୱ ନ ଥିଲା ଏବଂ ଚତୁର୍ଦ୍ଦିଗରେ କେବଳ ହିଁ କେବଳ ଅନ୍ଧକାରରେ ବ୍ୟାପିଥିଲା; ସେତେବେଳେ ଦେବୀ କୁଷ୍ମାଣ୍ଡା ନିଜର ଈଷତ୍ ହାସ୍ୟ ଦ୍ୱାରା ବ୍ରହ୍ମାଣ୍ଡକୁ ରଚନା କରିଥିଲେ। କଥିତ ଅଛି ଯେ, ସାରା ବ୍ରହ୍ମାଣ୍ଡର ସମସ୍ତ ବସ୍ତୁ ଏବଂ ପ୍ରାଣୀଙ୍କଠାରୁ ଯେଉଁ ତେଜ ନିର୍ଗତ ହୁଏ ତାହାର ସୃଷ୍ଟି କର୍ତ୍ତ୍ରୀ ହେଉଛନ୍ତି ଏହି ଦେବୀ। ସେଭଳି ପାଣି କଖାରୁକୁ ସଂସ୍କୃତ ଭାଷାରେ କୁଷ୍ମାଣ୍ଡ ବୋଲି କୁହାଯାଏ। ମା' କୁଷ୍ମାଣ୍ଡାଙ୍କୁ ପାଣିକଖାରୁର କାନ ଝୁମୁକା ଅତ୍ୟନ୍ତ ପ୍ରିୟ, ତେଣୁ ଭକ୍ତ ଶ୍ରଦ୍ଧା ପୂର୍ବକ ମା'ଙ୍କୁ ଅର୍ପଣ କରିଥାଏ।

ଏହି ନବରାତ୍ରର ଚତୁର୍ଥ ଦିନ ସାଧକମାନେ ପ୍ରାତଃ କାଳରେ ଶଯ୍ୟା ତ୍ୟାଗ ଏବଂ ସ୍ନାନାଦି କର୍ମ ସମାପନ ପରେ ସ୍ୱଚ୍ଛ ବସ୍ତ୍ରକୁ ପରିଧାନ କରି ମା'ଙ୍କ ସମ୍ମୁଖରେ ଦୀପ ଓ ଧୂପ ଜାଳି କଳସକୁ ପୂଜାକରନ୍ତି।ଏହାପରେ କୁଷ୍ମାଣ୍ଡାଙ୍କୁ ସବୁଜ ବା ହଳଦିଆ ରଙ୍ଗର ବସ୍ତ୍ରରେ ଭୂଷିତ କରି ବିବିଧ ସୁଗନ୍ଧିତ ଫୁଲ ଅର୍ପଣ କରିଥାନ୍ତି। ତା'ସହ ନିଜର ମନକୁ 'ଅନାହତ ଚକ୍ର'ରେ କେନ୍ଦ୍ରୀଭୂତ ରଖି ଦେବୀଙ୍କୁ ଆରାଧନା ବା ଧ୍ୟାନ କରନ୍ତି:

'ସୁରାସମ୍ପୂର୍ଣ୍ଣକଳଶଂ ରୁଧିରାପ୍ଲୁତମେବ ଚ।
ଦଧାନା ହସ୍ତପଦ୍ମାଭ୍ୟାଂ କୁଷ୍ମାଣ୍ଡା ଶୁଭଦାସ୍ତୁ ମେ'

ତତ୍ ପରେ ମାଲପୁଆ, ହଲୱା ଏବଂ କ୍ଷୀରି ଭୋଗାଦି ମା'ଙ୍କୁ ସମର୍ପଣ କରାଯାଏ। ବିଶେଷ କରି ମାଲପୁଆ ନୈବେଦ୍ୟ ଦ୍ୱାରା ମା' ଶୀଘ୍ର ପ୍ରସନ୍ନ ହୋଇ ବୁଦ୍ଧି ଓ ଯଶ ପ୍ରଦାନ କରିଥାଆନ୍ତି ।

ଏହି ଦେବୀଙ୍କ ଅନୁକମ୍ପା ହେଲେ ଭକ୍ତ ଭକ୍ତି ମାର୍ଗରେ ଅଗ୍ରଗତି ହେବା ସହ ସୂକ୍ଷ୍ମ ଅନୁଭବ ମଧ୍ୟ ପ୍ରାପ୍ତ କରିବାରେ ସକ୍ଷମ ହୋଇଥାଏ । ନିଷ୍ଠା ସହକାରେ ମା'ଙ୍କୁ ଆରାଧନା କଲେ ଦେବୀ କୁଷ୍ମାଣ୍ଡା ଦୁଃସାଧ୍ୟ ରୋଗରୁ ଆରୋଗ୍ୟ କରିବା ସହ ଉତ୍ତମ ସ୍ୱାସ୍ଥ୍ୟ ପ୍ରଦାନ କରନ୍ତି । ତତ୍ ସହିତ ମନୁଷ୍ୟକୁ ଇହଲୋକରେ ଓ ପରଲୋକରେ ଆନନ୍ଦ ପ୍ରଦାନ କରିଥାଆନ୍ତି। ମା' କୁଷ୍ମାଣ୍ଡାଙ୍କ ଚରିତ୍ର ଆମକୁ ଏକ ବଡ଼ ଜୀବନ ଦର୍ଶନ ଶିଖାଏ । ମା' ଯେପରି ଅନ୍ଧକାର ଭିତରେ ଏକ କ୍ଷୀଣ ହସ ଦ୍ୱାରା ସୃଷ୍ଟି ଆରମ୍ଭ କରିଥିଲେ, ସେହିପରି ମନୁଷ୍ୟ ନିଜ ଜୀବନର ସବୁଠାରୁ କଠିନ ଓ ଅନ୍ଧକାର ସମୟରେ ମଧ୍ୟ ଧୈର୍ଯ୍ୟ ଏବଂ ସାମାନ୍ୟ ପ୍ରସନ୍ନ ମୁହଁ ସହିତ ନୂତନ କାର୍ଯ୍ୟ ଆରମ୍ଭ କରିବା ଉଚିତ । ସକାରାତ୍ମକ ଚିନ୍ତାଧାରା ଓ ହସମୁଖ ଚେହେରା ବଡ଼ରୁ ବଡ଼ ସଙ୍କଟକୁ ଦୂର କରିପାରେ । ତେଣୁ ଯିଏ ନିଷ୍କପଟ ମନରେ ନବରାତ୍ରିର ଚତୁର୍ଥ ଦିବସରେ ମା'ଙ୍କ ଶରଣାପନ୍ନ ହୁଏ, ତେବେ ମା' ତା'ର ଜୀବନକୁ ସୁଖ, ଶାନ୍ତି, ସମୃଦ୍ଧି ଏବଂ ସଦ୍‌ବୁଦ୍ଧିରେ ଭରି ଦିଅନ୍ତି । କୁଷ୍ମାଣ୍ଡାଙ୍କର ଏହି ଭାସ୍କର ରୂପ ଜଗତର କଲ୍ୟାଣ କରୁ ଏବଂ ସମସ୍ତଙ୍କୁ ନୀରୋଗ ରଖୁ, ଏହା ହିଁ ମା'ଙ୍କ ପାଦପଦ୍ମରେ ପ୍ରାର୍ଥନା ।

**-ହେମନ୍ତ କୁମାର ଗନ୍ତାୟତ**
ବରିଷ୍ଠ ଦର୍ଶନ ଅଧ୍ୟାପକ
ଆସିକା, ଗଞ୍ଜାମ
ମୋ:୯୮୬୧୩୩୪୮୬୮

## ନବରାତ୍ରରେ ଚଳଚଞ୍ଚଳ ଚଣ୍ଡିଖୋଲ ଚଣ୍ଡୀ ପୀଠ

ରାଜ୍ୟର ଅନ୍ୟତମ ଶକ୍ତି ପୀଠ ଯାଜପୁର ଜିଲ୍ଲା ଚଣ୍ଡିଖୋଲର ଚଣ୍ଡୀ ମନ୍ଦିର। ମା' ଚଣ୍ଡୀଙ୍କ ନାମରେ ଚଣ୍ଡିଖୋଲ ଛକର ନାମକରଣ। ଏଠାକାର ଅଧିଷ୍ଠାତ୍ରୀ ଦେବୀ ବା ଇଷ୍ଟ ଦେବୀ ହେଉଛନ୍ତି ମା' ଚଣ୍ଡୀ। ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ଏହି ପୀଠର ସ୍ୱତନ୍ତ୍ରତା ରହିଥିବା ବେଳେ ଏଠାକାର ପ୍ରାକୃତିକ ପରିବେଶ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କୁ ବେଶ ଆକୃଷ୍ଟ କରିଥାଏ। ମା'ଙ୍କ ପୀଠରେ ଶାରଦୀୟ ଉତ୍ସବ ଚାଲିଥିବା ବେଳେ ଭକ୍ତଙ୍କ ସମାଗମ ହେଉଥିବା ଦେଖିବାକୁ ମିଳିଛି। ଯାଜପୁର ଜିଲ୍ଲା ଚଣ୍ଡିଖୋଲର ପ୍ରସିଦ୍ଧ ଶକ୍ତି ପୀଠ ମା' ଚଣ୍ଡୀଙ୍କ ମନ୍ଦିର। ବାରୁଣାବାନ୍ତ ପାହାଡ଼ ପାଦଦେଶରେ ସବୁଜ ବନାନୀ ଭିତରେ ବିରାଜମାନ କରିଛନ୍ତି ମା' ଚଣ୍ଡୀ। ମା'ଙ୍କ ନାଁ ଅନୁଯାୟୀ ଚଣ୍ଡିଖୋଲ ଛକର ନାମକରଣ। ଯାହାକି ଜିଲ୍ଲାର ଅନ୍ୟତମ ଶକ୍ତି ପୀଠ ଭାବେ ପରିଗଣିତ। ମା' ହେଉଛନ୍ତି ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ବା ଇଷ୍ଟ ଦେବୀ। କିମ୍ବଦନ୍ତୀ ଅନୁଯାୟୀ ଭଗବାନ ରାମଚନ୍ଦ୍ର ଏଠାରେ ହନୁମାନଙ୍କ ଦ୍ୱାରା ମା ଚଣ୍ଡୀଙ୍କୁ ମହିରାବଣ କବଳରୁ ଉଦ୍ଧାର କରି ଏଠାରେ ପ୍ରତିଷ୍ଠା କରି ପୂଜାର୍ଚ୍ଚନା କରୁଥିଲେ। ତେଣୁ ମନ୍ଦିରର ଚାରିଆଡ଼େ ରାମ ରାମ ବୋଲି ଲେଖାଯାଇଛି। ଏହି ପୀଠରେ ମା ଛିନ୍ନମସ୍ତା ଚଣ୍ଡୀ ରୂପରେ ପୂଜା ପାଉଛନ୍ତି। ନବରାତ୍ର ପାଇଁ ଏବେ ମାଙ୍କ ପୀଠ ହୋଇଉଠିଛି ଚଳଚଞ୍ଚଳ। ମୂଳାଷ୍ଟମୀଠାରୁ ମା'ଙ୍କର ଆରମ୍ଭ ହୋଇଛି ଷୋଡ଼ଶ ଉପଚାର ପୂଜା। ପୀଠରେ ରୀତିନୀତି ଅନୁଯାୟୀ ମା'ଙ୍କର ପୂଜାର୍ଚ୍ଚନା ଚାଲିଥିବା ବେଳେ ପୀଠରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଳି ଲାଗିବା ଆରମ୍ଭ ହୋଇଛି। ବିଶେଷ କରି ପୀଠରେ ଶାରଦୀୟ ଉତ୍ସବ, ମାଙ୍କ ନବରାତ୍ର ପୂଜା ଓ ଯଜ୍ଞ ଉତ୍ସବ ଚାଲିଥିବା ବେଳେ ବହୁ ଦୂର ଦୁରାନ୍ତରୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ଏଠାକାର ଶୁଦ୍ଧ ଝରଣା ପାଣି ପର୍ଯ୍ୟଟକଙ୍କ ପାଇଁ ଖୁବ ଆକର୍ଷଣୀୟ ହୋଇଥିବା ବେଳେ ଏଠାରେ ଥିବା ଶହ ଶହ ପାତି ମାଙ୍କଡ଼ ଏହାର ଶୋଭାକୁ ଦ୍ୱିଗୁଣିତ କରିଥାନ୍ତି। ମା'ଙ୍କ ପାଖରେ ଯିଏ ଯାହା ମାନସିକ ରଖେ ତାହା ପୂରଣ ହୁଏ ବୋଲି ବିଶ୍ୱାସ ରହିଛି। କାହିଁ କେଉଁ ସମୟରୁ ମା' ଏଠାରେ ପୂଜା ପାଇ ଆସୁଥିବା ବେଳେ ଶାରଦୀୟ ପୂଜା ଉତ୍ସବ ଅବସରରେ ପୀଠ ହୋଇଉଠିଛି ଚଳଚଞ୍ଚଳ।

## ମନ, ବଚନ, କର୍ମର ପବିତ୍ରତାର ସଂକଳ୍ପର ପର୍ବ



ଆମେ ନିଜ ଭାରତବର୍ଷରେ ବର୍ଷରେ ଦୁଇ ଥର ନବରାତ୍ରୀ ପାଳନ କରିଥାଉ । ବର୍ଷର ପ୍ରାରମ୍ଭରେ ଚୈତ୍ର ନବରାତ୍ରୀ ଆଉ ଏହାର ପରେ ଆଶ୍ୱିନ ମାସରେ ନବରାତ୍ରୀ । ଆଶ୍ୱିନ ମାସରେ ମା' ଦୁର୍ଗାଙ୍କ ମୂର୍ତ୍ତି ସ୍ଥାପନାର ସହିତ ପେଣ୍ଡାଲରେ ଭକ୍ତିର ମାହୋଲ ଆସିଥାଏ । ଭାରତୀୟ ସାଂସ୍କୃତିକ ପରିବେଶରେ ଦେଖାଯାଏ ଯେ ମା'ଙ୍କ ଶକ୍ତିର ଆରାଧନାର ଏହି ପର୍ବ ଝିଅଙ୍କୁ ସମର୍ପିତ ବୋଲି କୁହାଯାଏ। ନବରାତ୍ରୀ ବ୍ରତ ରଖିବା ବାଲା ବ୍ରତଙ୍କ ଦ୍ୱାରା ନଅ କନ୍ୟାଙ୍କୁ ଭୋଜନ କରେଇ କରି ବ୍ରତର ପୂର୍ଣ୍ଣାହୁତି କରାଯାଏ। ଆଉ ସେମାନଙ୍କୁ ଦେବୀ ସ୍ୱରୂପ ମାନି ସେମାନଙ୍କର ଆଶୀର୍ବାଦ ନିଆଯାଇଥାଏ। ଚୈତ୍ର ନବରାତ୍ରୀଠୁ ଅଧିକ ଆଶ୍ୱିନ ନବରାତ୍ରୀର ଅଧିକ ମହତ୍ତ୍ୱ ଥାଏ । ବିଗତ କିଛି ଦଶକରେ ଏହି ନବରାତ୍ରୀ ପର୍ବରେ ଗରବା ଆଉ ଡାଣ୍ଡିଆର ପ୍ରସ୍ତୁତି ମା'ଙ୍କ ଆରାଧନାର ସହିତ ବହୁଳ ଭାବରେ କରାଯାଉଛି। ଏହା ଭଲ ପରମ୍ପରା କୁହାଯାଇ ପାରେ କିନ୍ତୁ ଏହାକୁ ଇଭେଣ୍ଟ ବନେଇ ଦେବା କେଉଁଠି ନା' କେଉଁଠି ଆମର ଧାର୍ମିକ ଭାବନା ଉପରେ ଆକ୍ରମଣ ଭଳି ଲାଗିଥାଏ। ମୋତେ ଏମିତି ଲାଗିଥାଏ କି ଏବେ ଅନୈତିକତାର ମଧ୍ୟରେ ନବରାତ୍ରୀ ପର୍ବ ମନେଇବା କୌଣସି ଆହ୍ୱାନ ଠାରୁ କମ୍ ନୁହେଁ। ନବରାତ୍ରୀର ପର୍ବ ଆମର ଅନ୍ତରାତ୍ମାକୁ ଶୁଦ୍ଧ କରିବା ଆଉ ସଚ୍ଚା ଆଧ୍ୟାତ୍ମିକ ମାର୍ଗ ଉପରେ ଫେରିବାର ସନ୍ଦେଶ ଦେଇଥାଏ । ଆଜି ଯେତେବେଳେ ସମାଜରେ ଭୌତିକତା, ଦେଖେଇ ହେବା ଆଉ ନୈତିକ ମୂଲ୍ୟରେ ହ୍ରାସର ନଜର ଆସୁଛି,ସେତେବେଳେ ନବରାତ୍ରୀ ପର୍ବର ଅନୁଷ୍ଠାନ କରି ଧାର୍ମିକ ଭାବନର ଅକ୍ଷୁଣ୍ଣ ରଖିବା ଆମ ସମସ୍ତଙ୍କ ପାଇଁ ବଡ ଆହ୍ୱାନ ପାଲଟିଛି । ନୈତିକତା ଆଉ କୋଳାହଳ ବାଲା ଏହି ଯୁଗରେ ପ୍ରକୃତ ଶ୍ରଦ୍ଧାର ସହିତ ନବରାତ୍ରୀ ପର୍ବ ପାଳନ କରିବା ପୂର୍ବରୁ କିଛି ଚିନ୍ତନ ଆବଶ୍ୟକ ହୋଇଥାଏ। ମା'ଙ୍କର ଆରାଧନା ବାଲା ଏହି ନଅଦିନରେ କେବଳ ଭୋଜନର ତ୍ୟାଗ କରିବା ହିଁ ଉପବାସର ଶ୍ରେଣୀରେ ରଖାଯିବା କଥା ବୁହେଁ। ଅନୈତିକ ବିଚାର,କ୍ରୋଧ,ଈର୍ଷା ଆଉ ମିଥ୍ୟାର ତ୍ୟାଗର ସହିତ ସମସ୍ତଙ୍କ ପ୍ରତି ବାଣୀର ସଂଯମ ହିଁ ପ୍ରକୃତ ବ୍ରତ କୁହାଯିବା ଦରକାର । ମନ୍ତ୍ର ଉଚ୍ଚାରଣ ଆଉ ସାତ୍ତ୍ୱିକ ଭଜନରେ ଶ୍ରଦ୍ଧାଳୁଙ୍କର ଦୂର କରା ଯାଉଥିବା ଭକ୍ତିର ସ୍ୱରୂପ ତ କୁହାଯିବ ନାହିଁ। ଉଚ୍ଚ ଧ୍ୱନି କରୁଥିବା ଡିଜେର ଧ୍ୱନି ମୋତେ କବୀର ଦାସଙ୍କର ବ୍ୟଙ୍ଗାତ୍ମକ ପ୍ରହାରକୁ ଆହୁରି ଆକର୍ଷିତ କରୁଛି । ସେ କହିଥିଲେ, 'କାଂକର ପାଥର ଜୋହି ମସଜିଦ୍ ଲିୟୋ ଚୁନାୟା । ତା' ଚଢ ମୁଲ୍ଲା ବାଂଗ ଦେ,କ୍ୟା ବହିରା ହୁଆ ଚ୍ୟୁଦାୟ'। ନବରାତ୍ରୀ ପର୍ବର ମର୍ମ କ'ଣ ? ଏହା ଆମକୁ ବୁଝିବାକୁ ହେବ । ଅଧର୍ମ ଉପରେ ଧର୍ମ ଆଉ ଅସତ୍ୟ ଉପରେ ସତ୍ୟର ବିଜୟ ହିଁ ଶକ୍ତିର ପର୍ବର ସନ୍ଦେଶ ଅଟେ । ଆଜି ଯେତେବେଳେ ସବୁ ଦିଶାରେ ଅନୈତିକତାର ପାଦ ପଶିଗଲାଣି, ଏବେ ଆମର ଭିତରର ଭକ୍ତିକୁ ଦୃଢ କରିବାକୁ ହେବ । ଆମେ ନବରାତ୍ରୀର ପବିତ୍ର ପର୍ବ ଉପରେ ମା' ଦୁର୍ଗାଙ୍କ ଆରାଧନା କରି କେବଳ ଧନ-ସମ୍ପତ୍ତିର କାମନା କରିବା ନାହିଁ,ଅପିତୁ ସମାଜରେ ବ୍ୟାପ୍ତ ଅଧର୍ମରେ ଲଢ଼ିବା ପାଇଁ ଶକ୍ତି ଆଉ ନୈତିକ ସାହସର କାମନା କରିବା। ବର୍ତ୍ତମାନରେ ଆମର ଯୁବବର୍ଗଙ୍କ ଏକ ଗୋଷ୍ଠୀ ଭିତରେ ଅଶିଷ୍ଟତା କାହିଁକି ଜନ୍ମ ନେଉଛି ? ଏହା ଉପରେ ଗମ୍ଭୀର ମନ୍ଥନର ଆବଶ୍ୟକତା ରହିଛି। ଆମର ବର୍ତ୍ତମାନର ପିଢିକୁ ନୈତିକ ମୂଲ୍ୟର ସହିତ ନିଜର ସଂସ୍କୃତିରେ ମଧ୍ୟ ପରିଚୟ କରେଇବା ଆମର ଦାୟିତ୍ୱ ହେବା ଦରକାର।

**- ମନୋଜ କୁମାର ବେହେରା**
ବାୟାବାବା ମଠ ଲେନ୍,
ଭୁବନେଶ୍ୱର-୨୨
ମୋ-୭୯୭୮୮୩୦୬୧୧

## ମନ୍ଦିରରେ ପୂଜାର ବିଶେଷ ମହତ୍ତ୍ୱ



*ବରକନ୍ୟାପାତ୍ରଙ୍କ ବିଭିନ୍ନ ସମସ୍ୟା ମଧ୍ୟରୁ ବିବାହ ସଂକ୍ରାନ୍ତ ଦୋଷ ଅନ୍ୟତମ । ଏହି ଦୋଷ ଲାଗିଲେ ସେ ପୁଅ ହେଉ ଅବା ଝିଅ ହେଉ ବିବାହରେ ବିଭିନ୍ନ ସମସ୍ୟା ଦେଖାଯାଏ ।*

ମଣିଷ ଜୀବନରେ ଅନେକ ସମସ୍ୟା ଲାଗି ରହିଥାଏ । ନିଜ ସମସ୍ୟା ଦୂର କରିବା ପାଇଁ ମଣିଷ ଭଗବାନଙ୍କ ଶରଣରେ ପଶିଥାଏ । ଲୋକମାନଙ୍କର ବିଭିନ୍ନ ସମସ୍ୟା ମଧ୍ୟରୁ ବିବାହ ଦୋଷ ବା ସମସ୍ୟା ଅନ୍ୟତମ। ଏହି ଦୋଷ ଲାଗିଲେ ସେ ପୁଅ ହେଉ ଅବା ଝିଅ ହେଉ ବିବାହରେ ବିଭିନ୍ନ ସମସ୍ୟା ଉପୁଜେ। ଏହି ଦୋଷ ଦୂର କରିବା ପାଇଁ ଲୋକମାନେ ଅନେକ ମନ୍ଦିରକୁ ଯାଆନ୍ତି । କିଛି ଲୋକଙ୍କ ସମସ୍ୟା ଦୂର ହୋଇଥାଏ ତ କିଛି ଲୋକଙ୍କ ସମସ୍ୟା ସମସ୍ୟାରେ ହିଁ ରହିଯାଏ । କାହାରି ଯଦି ଏପରି କିଛି ସମସ୍ୟା ରହିଛି ତେବେ ଏପରି ଏକ ସ୍ଥାନ ରହିଛି ଯେଉଁଠାରେ ସମସ୍ୟାର ସମାଧାନ ହୋଇଯିବ ବୋଲି ଆଶା କରାଯାଏ। ଆସନ୍ତୁ ଜାଣିବା ଏହି ବିଶେଷ ମନ୍ଦିରରେ ରହିଛି କ'ଣ ଅଲୌକିକତା । ଉଜ୍ଜୈନ ସହର ଯେଉଁଠାରେ ମହାଦେବ ପ୍ରତ୍ୟେକ କୋଣରେ ବାସ କରନ୍ତି । ପ୍ରତିଦିନ ଏଠାରେ କିଛି ନା କିଛି ଚମତ୍କାର ଦେଖିବାକୁ ମିଳେ । ଏହି ସହରରେ ଏକ ମନ୍ଦିର ମଧ୍ୟ ଅଛି, ଯାହା ଅଙ୍ଗାରେଶ୍ୱର ମହାଦେବ ନାମରେ ପ୍ରସିଦ୍ଧ । ଏହି ମନ୍ଦିର ମଙ୍ଗଳନାଥ ମନ୍ଦିର ପଛରେ ଥିବା ଶିପ୍ରା କୂଳରେ ଅବସ୍ଥିତ । ଉଜ୍ଜୈନ ନଗରୀରେ ୮୪ ମହାଦେବଙ୍କ ସମେତ ଅଙ୍ଗାରେଶ୍ୱର ମହାଦେବ ମନ୍ଦିର ବିଷୟରେ ସ୍କନ୍ଦ ପୁରାଣର ଅବନ୍ତିକା ବିଭାଗରେ ଉଲ୍ଲେଖ କରାଯାଇଛି । ପଣ୍ଡିତ ଜତିନ୍ ଶର୍ମାଙ୍କ ଅନୁଯାୟୀ ଏହି ମନ୍ଦିରର ଧାର୍ମିକ ମହତ୍ତ୍ୱ ରହିଛି । ବିଶ୍ୱାସ କରାଯାଏ ଯେ କେବଳ ଦର୍ଶନ ମାତ୍ରକେ ମଙ୍ଗଳ ଦୋଷର ପ୍ରଭାବ ଦୂର ହୋଇଯାଏ । ଏହା ବ୍ୟତୀତ ମଙ୍ଗଳବାର ପୂଜା କରିବା ଦ୍ୱାରା କୌଣସି କାର୍ଯ୍ୟରେ ବାଧା ଉପୁଜି ନଥାଏ । ଅଙ୍ଗାରେଶ୍ୱର ମନ୍ଦିରର ବିଶେଷତ୍ୱ ହେଉଛି, ଦୀପାବଳି ପରେ ପଡୁଥିବା ମଙ୍ଗଳବାର ବିଶେଷ ଭାବେ ଅନ୍ନକୁଟ ଲଗାଯାଇଥାଏ । ତେଣୁ ଦୂର ଦୂରାନ୍ତରୁ ଭକ୍ତମାନେ ମଙ୍ଗଳବାର ଦର୍ଶନ କରିବାକୁ ଆସିଥାନ୍ତି ଏବଂ ମଙ୍ଗଳ ଗ୍ରହର କୁପ୍ରଭାବରୁ ମୁକ୍ତି ପାଇଥାନ୍ତି ।

### ବିବାହ ଦୋଷ ଦୂର ହୁଏ:

ଭଗବାନ ଅଙ୍ଗାରେଶ୍ୱର ମହାଦେବ ମନ୍ଦିରରେ ଭାତ ପୂଜାର ରହିଛି ବିଶେଷ ମହତ୍ତ୍ୱ । ଏଠାକାର ପଣ୍ଡିତଙ୍କ କହିବା ଅନୁସାରେ ଭାତ ପୂଜା କରିବା ଦ୍ୱାରା କଚେରୀର ସମସ୍ୟା ମଧ୍ୟ ସମାଧାନ ହୋଇଯାଏ । ଏହା ବ୍ୟତୀତ ସମ୍ପତ୍ତି ସମ୍ବନ୍ଧୀୟ କାର୍ଯ୍ୟରେ ମଧ୍ୟ ସଫଳତା ମିଳିଥାଏ । ନେତାମାନେ ମଧ୍ୟ ନିୟମିତ ଭାବେ ଅଙ୍ଗାରେଶ୍ୱର ମନ୍ଦିରରେ ପୂଜା କରିବାକୁ ଆସନ୍ତି । ଶୁଭ କାର୍ଯ୍ୟକଳା ପରେ ବାଧାବିଘ୍ନର ସମ୍ମୁଖୀନ ହେଉଥିବା ଲୋକମାନେ ମଧ୍ୟ ପୂଜା କରିବାକୁ ଆସନ୍ତି । ବିଶ୍ୱାସ କରାଯାଏ ଯେ ଅଙ୍ଗାରେଶ୍ୱର ମହାଦେବ ମନ୍ଦିରରେ ଭାତ ପୂଜା କରିବା ଦ୍ୱାରା ବିବାହର ଦୋଷ ଦୂର ହୋଇଥାଏ।

### ସିନ୍ଦୂରରେ ହୋଇଥାଏ ଶୃଙ୍ଗାର:

ସିନ୍ଦୂର ଦ୍ୱାରା ଶୃଙ୍ଗାର କରାଯାଇଥିବା ଅଙ୍ଗାରେଶ୍ୱର ମହାଦେବ ମନ୍ଦିର ଶିପ୍ରା ନଦୀ କୂଳରେ ଅବସ୍ଥିତ । ପୁରାଣ ମାନ୍ୟତା ଅନୁସାରେ ମଙ୍ଗଳ ଗ୍ରହର ଜନ୍ମସ୍ଥାନ ହେଉଛି ଉଜ୍ଜୈନ । ଏବଂ ଅଙ୍ଗାରେଶ୍ୱର ମହାଦେବ ହିଁ ଭୂମି ପୁତ୍ର ମଙ୍ଗଳ । ଏଣୁ ଅଙ୍ଗାରେଶ୍ୱର ମହାଦେବଙ୍କୁ ମଙ୍ଗଳ ଦେବ ମଧ୍ୟ କୁହାଯାଏ । ମଙ୍ଗଳ ଗ୍ରହର ଶାନ୍ତି ପାଇଁ ଅଙ୍ଗାରେଶ୍ୱର ମହାଦେବଙ୍କ ସ୍ୱତନ୍ତ୍ର ପୂଜା କରାଯାଏ ଏବଂ ଏହା ଲାଭଦାୟକ ହୋଇଥାଏ ବୋଲି ବିଶ୍ୱାସ ରହିଛି।

## ପ୍ରଭୁଙ୍କ ପ୍ରତି ସମର୍ପିତ ହେଉ

# ସମର୍ପଣ

*ସତ୍‌କର୍ମ ଦ୍ୱାରା ଉପାର୍ଜିତ ଧନ ସମ୍ପତ୍ତି ଈଶ୍ୱରଙ୍କ ଉଦ୍ଦେଶ୍ୟରେ ବିନିଯୋଗ କରାଗଲେ ସେଥିରୁ ସୁଫଳ ମିଳେ। କିନ୍ତୁ ଅସତ୍ କର୍ମ ଦ୍ୱାରା ଉପାର୍ଜିତ ଧନ ସମ୍ପଦକୁ ଈଶ୍ୱରଙ୍କ କାର୍ଯ୍ୟରେ ବିନିଯୋଗ କଲେ ତାହା ସୁଫଳ ବଦଳରେ କୁଫଳ ଦେଇଥାଏ।*

ଦୈନନ୍ଦିନ ସମସ୍ତ କର୍ମକୁ ଈଶ୍ୱରଙ୍କୁ ସମର୍ପଣ କରି କର୍ମ କରିବା ଓ ସମସ୍ତ କର୍ମ ଈଶ୍ୱରଙ୍କ ଉଦ୍ଦେଶ୍ୟରେ କରିବାକୁ କର୍ମଯୋଗ କୁହାଯାଏ । ଏଥିପାଇଁ ଗୀତାରେ ଭଗବାନ କହିଲେ "ଯତ୍କରୋଷି ଯଦଶ୍ନାସି ଯଜ୍ଜୁହୋଷି ଦଦାସିଯତ୍ ଯତ୍ତପସ୍ୟସି କୌନ୍ତେୟ ତତ୍ କୁରୁଷ୍ୱ ମଦର୍ପଣମ୍'।" ଅର୍ଥ-ତୁମ୍ଭେ ଯାହା କରୁଛ, ଯାହା ଖାଉଛ, ଯାହା ଅର୍ପଣ କରୁଛ, ଯାହା ଦାନ କରୁଛ ଏବଂ ଯେଉଁ ତପସ୍ୟା କରୁଛ, ଏ ସମସ୍ତ କର୍ମ ମୋତେ ଅର୍ପଣ କର। ଏହାର ଅର୍ଥ ହେଲା କାର୍ଯ୍ୟଟିଏ କରିବା ପୂର୍ବରୁ ଈଶ୍ୱରଙ୍କୁ ପ୍ରଣାମ କରି କାର୍ଯ୍ୟଟି ଆରମ୍ଭ କର । ଯେତେବେଳେ ଖାଉଛ ତାହା ଈଶ୍ୱରଙ୍କୁ ସମର୍ପଣ କର। ଯେଉଁ ବ୍ରତ, ଉପବାସ କରୁଛ ତାହା ଭକ୍ତି ସହକାରେ କର ଏବଂ ଏପରି କର୍ମ କର ଯେଉଁ କର୍ମରେ ଈଶ୍ୱର ସନ୍ତୁଷ୍ଟ ହେବେ । କର୍ମ ତ ସମସ୍ତେ କରୁଛନ୍ତି। କର୍ମ ନ କରି କ'ଣ କିଏ ବଞ୍ଚିପାରିବ ଶୋଇ ରହିଲେ ବି ଦେହ ଭିତରେ କାର୍ଯ୍ୟ ସବୁ ସମୟ ପାଇଁ ଚାଲିଛି। ତେଣୁ କର୍ମକୁ ଏପରି ଭାବରେ ବାଛି ବାଛି କର, ଯାହାଦ୍ୱାରା ତୁମର ମଙ୍ଗଳ ହେବ, ପରିବାରର ମଙ୍ଗଳ ହେବ ଓ ସମାଜର ମଙ୍ଗଳ ହେବ । ସମାଜର ମଙ୍ଗଳ ପାଇଁ ଯେଉଁ କର୍ମ କରାଯାଏ ତାହା ହିଁ ହେଉଛି ଈଶ୍ୱରଙ୍କ ପାଇଁ କର୍ମ ଓ ତାହା ହିଁ ହେଉଛି ଈଶ୍ୱରଙ୍କର ସେବା। ତୁମ ପାଇଁ କିମ୍ବା ତୁମ ପରିବାର ପାଇଁ ତୁମ୍ଭେ ଯେଉଁ କର୍ମ କରୁଛ



ତାହା କେବଳ କର୍ମ ହୋଇଯାଏ କିନ୍ତୁ ତାହା କର୍ମଯୋଗ ହୋଇପାରେନା। କର୍ମ ଭିତରେ ସ୍ୱାର୍ଥ, ଲୋଭ, ମୋହ, ଗର୍ବ ସବୁ ମନକୁ ମନ ପ୍ରବେଶ କରିଯାଏ। କିନ୍ତୁ କର୍ମଯୋଗ ଅର୍ଥାତ୍, କର୍ମ ଯେତେବେଳେ ଈଶ୍ୱରଙ୍କର ଉଦ୍ଦେଶ୍ୟରେ ବା ସମୂହ କଲ୍ୟାଣ ପାଇଁ କରାଯାଏ । ସେତେବେଳେ ତାହା କର୍ମଯୋଗରେ ପରିଣତ ହୋଇଯାଏ। ତୁମ୍ଭ ନିଜ ପରିବାର ପାଇଁ ଗୋଟିଏ କୂଅ ଖୋଳିବା ଓ ଗ୍ରାମବାସୀଙ୍କ ଉଦ୍ଦେଶ୍ୟରେ ଗୋଟିଏ କୂଅ ଖୋଳିବାରେ ପ୍ରଭେଦ ଅଛି ନା ନାହିଁ ଉଭୟ କୂଅ ଖୋଳିବାରେ ପରିଶ୍ରମ ଏକା, ଖର୍ଚ୍ଚ ଏକା ଓ ସାମଗ୍ରୀ ମଧ୍ୟ ଏକା। କିନ୍ତୁ ଉଦ୍ଦେଶ୍ୟ ହୋଇଥାଏ ଭିନ୍ନ ଭିନ୍ନ । ଗୋଟିଏ ହୋଇଥାଏ ସ୍ୱାର୍ଥଜନିତ କର୍ମ । ଅନ୍ୟଟି ହୋଇଥାଏ ସମୂହ ସ୍ୱାର୍ଥଯୁକ୍ତ କର୍ମ। ତେଣୁ କର୍ମ ଓ କର୍ମଯୋଗ ମଧ୍ୟରେ ଏହା ହିଁ ହେଉଛି ପ୍ରଭେଦ। ସମସ୍ତ କର୍ମକୁ ମଧ୍ୟ ଦୁଇ ଭାଗରେ ବିଭକ୍ତ କରାଯାଇପାରେ । (୧) ସତ୍‌କର୍ମ ଓ (୨) ଅସତ୍ କର୍ମ। ସତ୍‌କର୍ମ ଦ୍ୱାରା ଉପାର୍ଜିତ ଧନ ସମ୍ପତ୍ତି ଈଶ୍ୱରଙ୍କ ଉଦ୍ଦେଶ୍ୟରେ ବିନିଯୋଗ କରାଗଲେ ସେଥିରୁ ସୁଫଳ ମିଳେ। କିନ୍ତୁ ଅସତ୍ କର୍ମ ଦ୍ୱାରା ଉପାର୍ଜିତ ଧନ ସମ୍ପଦକୁ ଈଶ୍ୱରଙ୍କ କାର୍ଯ୍ୟରେ ବିନିଯୋଗ କଲେ ତାହା ସୁଫଳ ବଦଳରେ କୁଫଳ ଦେଇଥାଏ।

ଦିନଲିପି

୧୪ .୧୦. ୨୦୨୬ ବୁଧବାର

# ପାନୀୟ ଜଳ ନିମନ୍ତେ ହନ୍ତସନ୍ତ ଜଗନ୍ନାଥପ୍ରସାଦ ଗ୍ରାମବାସୀ

କଣ୍ଟିଲୋ,(ନି.ପ୍ର): ଖଣ୍ଡପଡା ବ୍ଲକ ଅଧୀନ ଜଗନ୍ନାଥପ୍ରସାଦ ଗ୍ରାମର ବାସିନ୍ଦା ଗତ ୧୧ ଦିନ ଧରି ପାନୀୟ ଜଳ ମୁନ୍ଦାଏ ସଂଗ୍ରହ ନିମନ୍ତେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡିଛି। ପାନୀୟଜଳ ଯୋଗାଣ ପ୍ରକଳ୍ପ ସଂଲଗ୍ନ ବିଦ୍ୟୁତ ଟ୍ରାନ୍ସଫର୍ମରଟି ପୋଡି ଯାଇଥିବାରୁ ପାଇପ ଲାଇନ ଯୋଗେ ପାନୀୟଜଳ ଯୋଗାଣ ବନ୍ଦ ରହିଥିବା ଜଣାପଡିଛି। ଏକ ନୂତନ ବିଦ୍ୟୁତ୍ ଟ୍ରାନ୍ସଫର୍ମର ସ୍ଥାପନ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବାରୁ ପାନୀୟଜଳ ଯୋଗାଣ ପ୍ରକଳ୍ପଟି ଅଚଳ ହୋଇ ପଡିଥିବାବେଳେ ଗ୍ରାମର ବିଭିନ୍ନ ସ୍ଥାନରେ ଅବସ୍ଥିତ ନଳକୂପ ଗୁଡିକର ପାଣି ପାନୀୟ ଉପଯୋଗୀ ହୋଇନଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଗ୍ରାମର ଜନସାଧାରଣ ବାଧ୍ୟ ହୋଇ ଏବେ ଆଖପାଖ ଅଞ୍ଚଳରେ ଅବସ୍ଥିତ ଜଳଉତ୍ସ ଗୁଡିକରୁ ପାନୀୟ ଜଳ ସଂଗ୍ରହ କରି ବ୍ୟବହାର କରୁଥିବା ଜଣାପଡିଛି। ଏ ସଂପର୍କରେ ବ୍ଲକ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାରେ ପୂର୍ବରୁ ଖରାପ ଥିବା ବିଦ୍ୟୁତଚାଳିତ ମୋଟର ପମ୍ପକୁ ମରାମତି କରାଯାଇ ଥିବାବେଳେ ପରବର୍ତ୍ତୀ ସମୟରେ ପାନୀୟଜଳ ପ୍ରକଳ୍ପ ନିମନ୍ତେ ଉଦ୍ଦିଷ୍ଟ ବିଦ୍ୟୁତ ଟ୍ରାନ୍ସଫର୍ମରଟି ପୋଡିଯାଇ ଥିବାରୁ ଏପରି ସମସ୍ୟା ସୃଷ୍ଟି ହୋଇଥିବା ସେ ସୂଚନା ଦେବା ସହ ଖୁବଶୀଘ୍ର ସମସ୍ୟାର ସମାଧାନ ଦିଗରେ ସେ ଦୃଷ୍ଟି ଦେବେ ବୋଲି କହିଛନ୍ତି। ଏଥିପ୍ରତି ନୟାଗଡ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ନିର୍ବାହୀଯନ୍ତ୍ରୀ ଓ ବିଦ୍ୟୁତ ବିତରଣ କମ୍ପାନୀ (ଟିପିସିଓଡିଏଲ) ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଗଞ୍ଜାମ କବିତାଘର ଦ୍ୱାଦଶ ସାହିତ୍ୟ ଉତ୍ସବ, ପୁସ୍ତକ ଉନ୍ମୋଚନ

ରମ୍ଭା,(ନିପ୍ର): ଗଞ୍ଜାମ କବିତାଘର ଲିଟେରାରୀ ଟ୍ରଷ୍ଟ ପକ୍ଷରୁ ଦ୍ୱାଦଶ ସାହିତ୍ୟ ଉତ୍ସବ କେ.ସି. ପବ୍ଲିକ ସ୍କୁଲ ସଭାଗୃହରେ ଅନୁଷ୍ଠିତ ହୋଇଛି। ପ୍ରହଲ୍ଲାଦ ବେହେରାଙ୍କ ସଭାପତିତ୍ୱରେ କରିଥିଲେ। ସୁବାସ ଚନ୍ଦ୍ର ସାହୁ, ସମ୍ମାନିତ ବକ୍ତା, ବିଦେଶୀ ନାୟକ ନିମନ୍ତ୍ରିତ ଅତିଥି, ଶିକ୍ଷା ପ୍ରଶାସକ




ଅବିନାଶ ଶତପଥୀ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। କବି ସୁଧାଂଶୁ ଶେଖର ସାହୁ ସଭାପତିତ୍ୱରେ ଆୟୋଜିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ଲେଖିକା ଓ ପ୍ରଶାସିକା ଡ. ମମତାରାଣୀ ନାୟକ ମୁଖ୍ୟ ଅତିଥି, ସାହିତ୍ୟ ଚର୍ଚ୍ଚାର ସମ୍ପାଦକ ନିହାର ଶତପଥୀ ସମ୍ମାନିତ ବକ୍ତା, ବରିଷ୍ଠ ସାମ୍ବାଦିକ ରବି ରଥ, ସାହିତ୍ୟ ସଂଗଠକ ହୃଷିକେଶ ଗୌଡ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନ ସମ୍ପାଦକ ଭାଗିରଥୀ ବେହେରା କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ୨୦୨୬ ବର୍ଷ ପାଇଁ ରାଜ୍ୟସ୍ତରୀୟ କବି ସମ୍ମାନ ସୁବାସ ଚନ୍ଦ୍ର ସାହୁ (ରାୟଗଡ଼ା), ଜିଲ୍ଲାସ୍ତରୀୟ କବି ସମ୍ମାନ ବିଷ୍ଣୁ ପ୍ରସାଦ ଦାସ (ଲଙ୍ଗଳେଶ୍ୱର), ସ୍ୱର୍ଗତା ଦେବମଣି ସାହୁ ପୁସ୍ତକ ସ୍ମୃତି ସମ୍ମାନ ଦୀନବନ୍ଧୁ ବେଜ (ମାଲକାନଗିରି) – ବହି ‘ବନଗିରି ଲତାଗିରି’, ସ୍ୱର୍ଗତା ରୁକୁଣା ବେହେରା ସ୍ମୃତି ସମ୍ମାନ କଳ୍ପନା କୁମାର ପ୍ରଧାନ (ଭଞ୍ଜନଗର) – ବହି ‘ସମନ୍ୱୟ’, ସ୍ୱର୍ଗତା ପ୍ରମିଳା ସ୍ୱାଇଁ ସ୍ମୃତି ସମ୍ମାନ ସନ୍ଧ୍ୟାରାଣୀ ଦେବୀ (ଗଞ୍ଜାମ) – ବହି ‘ମୋ ଝର୍କାରୁ କୃଷ୍ଣଚୂଡ଼ା’ ଏବଂ ଶ୍ରେଷ୍ଠ ସମ୍ପାଦକ ସମ୍ମାନ ନିହାର ଶତପଥୀଙ୍କୁ ପ୍ରଦାନ କରାଯାଇଛି।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ନୟାଗଡ,(ନିପ୍ର): ନୟାଗଡ଼ ବ୍ଲକ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ୨୦୨୬ ଅନୁଷ୍ଠିତ ହୋଇଛି। ଏହି ଶିବିରରେ ପୌରପରିଷଦ ଅଧ୍ୟକ୍ଷ ନିରୂପମା ଖଟେଇ, ବିଡ଼ିଓ ଐଶ୍ୱର୍ଯ୍ୟା ଭୂୟାଁ ଓ ନୟାଗଡ଼ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ ଶିବିର ପରିଚାଳନାରେ ପ୍ରତ୍ୟକ୍ଷ ଭାବେ ଅଂଶଗ୍ରହଣ କରିଥିଲେ। ଅଭିଜ୍ଞ ଡାକ୍ତରମାନଙ୍କୁ ନେଇ ଭିନ୍ନକ୍ଷମମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ବେଳେ ୨୯ ଟି ପଞ୍ଚାୟତରୁ ମୋଟ ୧୩୦ ଜଣ ପଞ୍ଜୀକୃତ କରିଥିଲେ।




ଏହି ଶିବିରରେ ଅସ୍ଥିଶଲ୍ୟ ବିଭାଗରେ ୪୪ ଜଣ ଚିହ୍ନଟ ହେଇଥିବା ବେଳେ, ଶ୍ରବଣବାଧିତ ବିଭାଗରେ ୩୯ ଜଣ, ଦୃଷ୍ଟିବାଧିତ ବିଭାଗରେ ୩୩ ଜଣ, ମାନସିକ ଅନଗ୍ରସର ବିଭାଗରେ ୯ ଜଣ ଏବଂ ବହୁବିଧ ଭିନ୍ନକ୍ଷମ ବିଭାଗରେ ୫ ଜଣ ଚିହ୍ନଟ ହେଇଥିଲେ। ଉକ୍ତ ଶିବିରରେ ୨ ଜଣଙ୍କୁ ହୁଇଲଚେୟାର ଓ ୨୦ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ମଧ୍ୟ ବଣ୍ଟନ କରାଯାଇଥିଲା। ଆଜିର ଏହି କାର୍ଯ୍ୟକ୍ରମକୁ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ପ୍ରୀତମ କୁମାର ମହାରଣା ପରିଚାଳନା କରିଥିବା ବେଳେ ଶୁଭସ୍ମିତା ବରାଡ ଓ ସରୋଜ କୁମାର ବେହେରା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଇତିହାସ ପାଲଟିବ ଝାରସୁଗୁଡ଼ାର ପୁରୁଣା ରେଳ ଓଭରବ୍ରିଜ୍

## ◆ ଭଙ୍ଗା ନଯାଇ ପରିବା ବଜାରରେ ପରିଣତ କରିବାକୁ ପ୍ରସ୍ତାବ
## ◆ ସୂଚନାଫଳକ ସ୍ଥାପନ କରିବାକୁ ଦାବି

ଝାରସୁଗୁଡ଼ା,(ନିପ୍ର): ଝାରସୁଗୁଡ଼ା ସହରର ଏକ ପୁରୁଣା ପରିଚୟ ଖୁବ୍‌ଶୀଘ୍ର ଇତିହାସର ପୃଷ୍ଠାକୁ ଚାଲିଯିବାକୁ ଯାଉଛି। ପୁରୁଣା ବସଷ୍ଟାଣ୍ଡ ନିକଟରେ ଥିବା ରେଳ ଓଭରବ୍ରିଜ୍‌ର ସ୍ଥାନରେ ନୂତନ ସେତୁ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ନୂଆ ସେତୁ କାର୍ଯ୍ୟକ୍ଷମ ହେବା ପରେ ପୁରୁଣା ସେତୁରେ ଯାତାୟାତ ବନ୍ଦ ହେବାର ସମ୍ଭାବନା ରହିଛି। ଦୀର୍ଘ ୬୨ ବର୍ଷ ଧରି ସହରବାସୀଙ୍କ ଯାତାୟାତର ପ୍ରମୁଖ ମାଧ୍ୟମ ହୋଇ ରହିଥିବା ଏହି ସେତୁ ଏବେ ଅତୀତର ସ୍ମୃତି ପାଲଟିବାକୁ ଯାଉଥିବାବେଳେ ଏହାର ବିକଳ୍ପ ଉପଯୋଗ ନେଇ ମଧ୍ୟ ଆଲୋଚନା ହେଉଛି।

୧୯୬୪ ମସିହାରେ ନିର୍ମିତ ଏହି ସେତୁ ଝାରସୁଗୁଡ଼ାର ପୁରୁଣା ବସଷ୍ଟାଣ୍ଡ ଓ ବେହେରାମାଲ ଅଞ୍ଚଳ ମଧ୍ୟରେ ଯାତାୟାତର ଏକ ପ୍ରମୁଖ ସଂଯୋଗ ଭାବେ କାର୍ଯ୍ୟ କରିଆସିଛି। ସମୟକ୍ରମେ ସହରର ଜନସଂଖ୍ୟା, ଯାନବାହନ ସଂଖ୍ୟା ଓ ଶିଳ୍ପାୟନ ବୃଦ୍ଧି ପାଇଥିବାବେଳେ ପୁରୁଣା ସେତୁର ସଂକୀର୍ଣ୍ଣ ରାସ୍ତା ଓ ସୀମିତ ଉଚ୍ଚତା ଯାତାୟାତରେ ସମସ୍ୟା ସୃଷ୍ଟି କରୁଥିଲା। ସେତୁଟି ଦୀର୍ଘଦିନ ଧରି ବ୍ୟବହାର ହେବା ପରେ ଜରାଜୀର୍ଣ୍ଣ ଅବସ୍ଥାରେ ପହଞ୍ଚିଥିବାରୁ ଏହାର ସ୍ଥାନରେ ନୂତନ ସେତୁ ନିର୍ମାଣ ପାଇଁ ରେଳ ବିଭାଗ ପକ୍ଷରୁ ପ୍ରାୟ ତିନି ବର୍ଷ ତଳେ ପଦକ୍ଷେପ ନିଆଯାଇଥିଲା।

ପୁରୁଣା ସେତୁର ଉଚ୍ଚତା ପ୍ରାୟ ୫.୫ ମିଟର ଥିବାବେଳେ ନୂତନ ସେତୁର ଉଚ୍ଚତା ୬.୨୫ ମିଟର ରହିଛି। ନୂତନ ସେତୁ କାର୍ଯ୍ୟକ୍ଷମ ହେଲେ ଯାତାୟାତ ସୁବିଧାଜନକ ହେବା ସହ ଉଚ୍ଚ ଯାନବାହନ ଚଳାଚଳ



ସମ୍ପର୍କିତ ସମସ୍ୟା ହ୍ରାସ ପାଇବାର ଆଶା ରହିଛି।

ତେବେ ନୂତନ ସେତୁ ନିର୍ମାଣ ପରେ ପୁରୁଣା ସେତୁର ଭବିଷ୍ୟତକୁ ନେଇ ପ୍ରଶ୍ନ ଉଠିଛି। ସେତୁଟିକୁ ସମ୍ପୂର୍ଣ୍ଣ ଭାଙ୍ଗି ଦିଆଯିବ ନା ଏହାର ଅନ୍ୟ କୌଣସି ଉପଯୋଗ କରାଯିବ, ସେନେଇ ସ୍ପଷ୍ଟ ସୂଚନା ମିଳିନାହିଁ। ସେତୁଟି ବିପଦସଂକୁଳ ହୋଇଥିବାରୁ ଏହାକୁ ହଟାଇବାର ଆବଶ୍ୟକତା ରହିଥିବାବେଳେ ଏହାର ଐତିହାସିକ ଗୁରୁତ୍ୱକୁ ମଧ୍ୟ ଅଣଦେଖା କରାଯାଇପାରିବ ନାହିଁ।

ଅନ୍ୟପକ୍ଷରେ, ପୁରୁଣା ସେତୁକୁ ସମ୍ପୂର୍ଣ୍ଣ ଭାଙ୍ଗି ନଦେଇ ବୈଷୟିକ ଯାଞ୍ଚ ପରେ ସୁରକ୍ଷିତ ଥିଲେ ଏହାକୁ ପରିବା ବଜାରରେ ପରିଣତ କରିବାକୁ ବୁଦ୍ଧିଜୀବୀମାନେ ପ୍ରସ୍ତାବ ଦେଇଛନ୍ତି। ସହରର ବିଭିନ୍ନ ରାସ୍ତାକଡ଼ରେ ପରିବା ବିକାଳିମାନେ ବସୁଥିବାରୁ ଯାତାୟାତରେ ବାଧା ସୃଷ୍ଟି ହେଉଛି। ଏଭଳି ସ୍ଥିତିରେ ଉପଯୁକ୍ତ ଯୋଜନା ଓ ଆବଶ୍ୟକ ଅନୁମତି ସହ ପୁରୁଣା ସେତୁକୁ ପରିବା ବଜାର ଭାବେ ବ୍ୟବହାର କରାଗଲେ ବିକାଳିମାନଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନ ମିଳିବା ସହ ରାସ୍ତାକଡ଼ରେ ଅବ୍ୟବସ୍ଥିତ ବଜାର ନିୟନ୍ତ୍ରଣ ହୋଇପାରିବ।

ସେତୁଟିକୁ ହଟାଇବା ଅପରିହାର୍ଯ୍ୟ ହେଲେ ଏହାର ନିର୍ମାଣ ବର୍ଷ ଓ ଐତିହାସିକ ଗୁରୁତ୍ୱ ସମ୍ପର୍କରେ ସୂଚନାଫଳକ ସ୍ଥାପନ କରିବାକୁ ମଧ୍ୟ ଦାବି ଉଠୁଛି। ନୂତନ ସେତୁ ଝାରସୁଗୁଡ଼ାର ଆଧୁନିକ ଯାତାୟାତ ବ୍ୟବସ୍ଥାକୁ ନୂଆ ଦିଗ ଦେବାକୁ ଯାଉଥିବାବେଳେ ପୁରୁଣା ସେତୁର ଭବିଷ୍ୟତ ନିର୍ଦ୍ଧାରଣରେ ଜନସ୍ୱାର୍ଥ, ସୁରକ୍ଷା ଓ ସହରର ଐତିହ୍ୟକୁ ଗୁରୁତ୍ୱ ଦେବା ଆବଶ୍ୟକ।

# ଆତୁର ହେଲେଣି ମା’ମାନେ ଶ୍ରୀକ୍ଷେତ୍ର ଆସିବା ପାଇଁ

## ସମସ୍ତ ବ୍ୟବସ୍ଥାକୁ ଚୁଡାନ୍ତ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ପୁରୀ,(ନିପ୍ର): ସଜେଇ ହେଲାଣି ପୁରୀର ୩ ହବିଷ୍ୟାଳୀ କେନ୍ଦ୍ର। ଅଧିର ଓ ଆତୁର ହେଲେଣି ହବିଷ୍ୟାଳୀ ମା’ମାନେ ମହାପ୍ରଭୁଙ୍କ ପାଖକୁ ଆସିବା ପାଇଁ। ଶ୍ରୀକ୍ଷେତ୍ର ରେ ରହିବେ ମାସେ। ସକାଳୁ ବୃନ୍ଦାବତୀ ପୂଜନ ସହ ଶ୍ରୀମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ କରିବେ। କଠୋର ସାଧନାର ମାସ କାର୍ତ୍ତିକରେ ବେଳାଏ ମହାପ୍ରସାଦ ପାଇ,ଭଜନ,କୀର୍ତ୍ତନରେ ମଜ୍ଜି ଯିବେ। ଗୋଟାଏ ମାସ ଭୁଲି ଯିବେ ପିଲା ଛୁଆ,ପରିବାର।ଜଗା ପାଦରେ ଲୟ ରଖି ଭୁଲିଯିବେ କୋଉଠୁ ଆସିଥିଲେ। ମାସକରେ କେବଳ ଗୋଟିଏ ଚିନ୍ତା ମହାପ୍ରଭୁଙ୍କ ଦର୍ଶନ, ତାଙ୍କ ଚିନ୍ତନ ଓ ତାଙ୍କ ପ୍ରତି ସମର୍ପଣ।

ଚଳିତ ମାସ ୨୬ ତାରିଖରୁ ଆରମ୍ଭ ହେବ ହବିଷ୍ୟାଳୀ ବ୍ରତ ବା ରାଇଦାମୋଦର ବ୍ରତ।ଚଳିତ ବର୍ଷ ବୃନ୍ଦାବତୀ ନିବାସ,ମୋଚି ସାହି କଲ୍ୟାଣ ମଣ୍ଡପ ଓ ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସରେ ରହଣି ବ୍ୟବସ୍ଥା କରାଯାଇଛି। ଶ୍ରୀକ୍ଷେତ୍ରରେ ସରକାରୀ ବ୍ୟବସ୍ଥା ମଧ୍ୟରେ ରହିବାକୁ ଚାହୁଁଥିବା ହବିଷ୍ୟାଳୀ ମାମାନେ ଅନଲାଇନ ମାଧ୍ୟମରେ ରେଜିଷ୍ଟ୍ରେସନ କରାଇ ସାରିଛନ୍ତି। ପ୍ରଶାସନ ସେଗୁଡିକର ଯାଞ୍ଚ କରି ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରୁଛି। ଯାଞ୍ଚ ପରେ ଯୋଗ୍ୟ ହିତାଧିକାରୀଙ୍କୁ ସେମାନେ ପଞ୍ଜିକୃତ କରିଥିବା ଫୋନ ନମ୍ବର ବା ଇମେଲ ମାଧ୍ୟମରେ କେଉଁ ତାରିଖରେ କେଉଁଠାକୁ ଆସିବେ ଜଣାଇ ଦିଆଯିବ। ଚଳିତ ବର୍ଷ ହବିଷ୍ୟାଳୀ ମା’ମାନଙ୍କୁ ଅକ୍ଟୋବର ୨୫ ତାରିଖରେ ନିର୍ଦ୍ଧାରିତ କେନ୍ଦ୍ରମାନଙ୍କରେ ପହଞ୍ଚିବାକୁ ଅବଗତ କରାଯିବ ବୋଲି ସୂଚନା ମିଳିଛି। ସମସ୍ତ ହବିଷ୍ୟାଳୀ କେନ୍ଦ୍ରମାନଙ୍କରେ ମା ମାନଙ୍କର ସୁବିଧାରେ ରହଣୀ,ଚିକିତ୍ସା ସୁବିଧା,ବୃନ୍ଦାବତୀ ପୂଜନ,ସକାଳୁ ମହାପ୍ରଭୁଙ୍କ ଦର୍ଶନ, ମହାପ୍ରସାଦ ସେବନ, ଆଧାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ ବ୍ୟବସ୍ଥା ସହ କୌଣସି ମା ମାନଙ୍କର ଯେପରି ଅସୁବିଧା ଯେପରି ନ ହୁଏ ସେଥିପାଇଁ ସମସ୍ତେ ସମ୍ବେଦନଶୀଳ ହୋଇ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଜିଲ୍ଲାପାଳ ଶ୍ରୀ ପରିଡା ଏକାଧିକ ବୈଠକ ମାଧ୍ୟମରେ ସମୀକ୍ଷା କରି ସମସ୍ତ ସୁବିଧାକୁ ତଦାରଖ କରିଛନ୍ତି। ବରିଷ୍ଠ ଅଧିକାରୀମାନେ ସମସ୍ତ ତିନୋଟି ହବିଷ୍ୟାଳୀ କେନ୍ଦ୍ରର ସ୍ଥିତି ଅନୁଧ୍ୟାନ କରି ଆବଶ୍ୟକ ମରାମତି ଓ ସୁବିଧା ସୁଯୋଗକୁ ସୁନିଶ୍ଚିତ କରୁଛନ୍ତି। ଆବେଦନ କରିଥିବା ମାମାନେ ମଧ୍ୟ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ଫୋନ କରି ସେମାନଙ୍କ ଆଗମନ ପାଇଁ ଉତ୍କଣ୍ଠା ପ୍ରକାଶ କଲେଣି।

# ‘ଉଚ୍ଚଶିକ୍ଷା କ୍ଷେତ୍ରର ବିକାଶ ପାଇଁ ବିଜେପି ସରକାର ପ୍ରତିବଦ୍ଧ’

ଭୁବନେଶ୍ୱର : କେନ୍ଦ୍ରରେ ନରେନ୍ଦ୍ର ମୋଦୀଙ୍କ ସରକାର ଆସିବା ପରେ ଦେଶରେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ହୋଇଛି। ୨୦୧୪-୧୫ ମସିହା ପୂର୍ବରୁ ଦେଶରେ ୭୬୦ଟି ବିଶ୍ୱବିଦ୍ୟାଳୟ ଥିଲା। ଆଜି ସାରା ଭାରତରେ ବିଶ୍ୱବିଦ୍ୟାଳୟ ସଂଖ୍ୟା ୧୨୮୯ରେ ପହଞ୍ଚିଛି। ମାତ୍ର ୧୨ ବର୍ଷ ଭିତରେ ବିଶ୍ୱବିଦ୍ୟାଳୟ, ବୈଷୟିକ ଶିକ୍ଷା ଅନୁଷ୍ଠାନ, ମେଡିକାଲ ସିଟ୍ ସଂଖ୍ୟା, ବିଶ୍ୱବିଦ୍ୟାଳୟରେ ଉଚ୍ଚ ଶିକ୍ଷା ପଢୁଥିବା ଛାତ୍ରୀଛାତ୍ରଙ୍କ ସଂଖା ସବୁଥିରେ ଉଲ୍ଲେଖନୀୟ ଅଭିବୃଦ୍ଧି ପ୍ରମାଣିତ କରୁଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଦେଶର ଯୁବବର୍ଗ ଛାତ୍ରଛାତ୍ରୀ, ଜେନଜିଙ୍କ ଭବିଷ୍ୟତ ପାଇଁ ପ୍ରତିବଦ୍ଧ ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ରାଜ୍ୟ ମୁଖପାତ୍ର ଅନୀଲ ବିଶ୍ୱାଳ କହିଛନ୍ତି। ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚା ସାମାଜିକ ଗଣମାଧ୍ୟମ ସଂଯୋଜକ ସୁଜାତା ପାଢ଼ୀ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଭାରତୀୟ ଜନତା ପାର୍ଟିର ସରକାର ସବୁବେଳେ ଭବିଷ୍ୟତକୁ ଆଖି ଆଗରେ ରଖି ଶିକ୍ଷା ବ୍ୟବସ୍ଥା ନିର୍ମାଣ କରୁଛନ୍ତି। କେବଳ ଡିଗ୍ରୀ ପ୍ରଦାନ ନୁହେଁ ବରଂ ଶିକ୍ଷା ସହ ଦକ୍ଷତା, ଗବେଷଣା ଓ ନିଯୁକ୍ତି ସୁଯୋଗକୁ ଯୋଡି ଓଡ଼ିଶାର ଯୁବପିଢ଼ି ପାଇଁ ଭବିଷ୍ୟତ ନିଶ୍ଚିନ୍ତ କରାଯାଉଛି ବୋଲି ଶ୍ରୀମତୀ ପାଢ଼ୀ କହିଛନ୍ତି।

# ସ୍ୱାଧୀନତା ସଂଗ୍ରାମୀ ସ୍ମୃତିସଭା

ତରଭା, (ନିପ୍ର): ସୁବର୍ଣ୍ଣପୁର ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସ୍ମୃତି କମିଟି ତରଫରୁ ଏକ ସାଧାରଣ ସଭା ସ୍ଥାନୀୟ ଗୁଡ଼ଉଇଲ ପବ୍ଲିକ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି।କମିଟିର ସଭାପତି ପ୍ରଫୁଲ୍ଲ କୁମାର ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ ତଥା କମିଟିର ଉପଦେଷ୍ଟା ଗୋରେଖ ନାଥ ସାହୁ , ମୁଖ୍ୟ ବକ୍ତା ଡ଼ ରମେଶ ପତ୍ରୀ (ତରଭାରେ ସ୍ୱାଧୀନତା ସଂଗ୍ରାମ ଅଜ୍ଞାତ ଅଧ୍ୟାୟର ରଚୟିତା),ସମ୍ପାଦକ ଯୁଗଳ କିଶୋର ମିଶ୍ର , ଉପସଭାପତି ବରିଷ୍ଠ ସାମ୍ବାଦିକ ଅଶୋକ କୁମାର ସାହୁ ,ଆର୍ତ୍ତତ୍ରାଣ ବାବୁ ,ସଭ୍ୟା ମୀନା ମହାରଣା, ସଭ୍ୟ ବ୍ୟୋମକେଶ ଦାଶ ,ବ୍ରଜମୋହନ ଦାନୀ,ପ୍ରଶାନ୍ତ




ସତପଥୀ, ଯୁଗ୍ମ ସମ୍ପାଦକ ଯୁଧିଷ୍ଠିର ଖମାରୀ,ଦେବେନ୍ଦ୍ର ବିଜୟ ସାହୁ, ବରିଷ୍ଠ ସାମ୍ବାଦିକ ମାନଭଞ୍ଜନ ମିଶ୍ର, ବିଦ୍ୟାଳୟର ଅଧ୍ୟକ୍ଷ ଦିନେଶ କୁମାର ମାହାଣା ,ଅନିତା ସାହୁ ଯୋଗଦେଇଥିଲେ।ଭାରତ ଛାଡ଼ ଆନ୍ଦୋଳନରେ ଯୋଗଦେଇ ତଳିତଳାନ୍ତ ହୋଇଥିବା ତରଭାର ସଂଗ୍ରାମୀଙ୍କ ସ୍ମୃତି ଚାରଣ କରିବା ସହ ସ୍ୱର୍ଗତ ସ୍ୱାଧୀନତା ସଂଗ୍ରାମୀଙ୍କ ଅମର ଆତ୍ମାପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା।ସମ୍ପାଦକ ଶ୍ରୀ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଅନିତା ସାହୁ ତରଭାରେ ସ୍ୱାଧୀନତା ସଂଗ୍ରାମ ଏକ ଅଜ୍ଞାତ ଅଧ୍ୟାୟ ପୁସ୍ତକରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସୁରେନ୍ଦ୍ର ନାଥ ଦ୍ୱିବେଦୀ ଲେଖିଥିବା ମୁଖବନ୍ଧ ପଠନ କରିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ରାଜକିଶୋର ସାହୁ ଅବସର ପ୍ରାପ୍ତ ଶିକ୍ଷକ,ଧୀରେନ୍ଦ୍ର ବିଜୟ ସାହୁ, ରାଜକିଶୋର ସାହୁ (ରାଜୁ)ସାମ୍ବାଦିକ ଅନ୍ତର୍ଯ୍ୟାମୀ ସାହୁ ,ବିଦ୍ୟାଳୟର ଛାତ୍ରଛାତ୍ରୀ,ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।ସ୍ମୃତି କମିଟି ପରବର୍ତ୍ତୀ ବୈଠକ ଡୁଙ୍ଗୁରିପାଲିରେ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

## ନିଆରା ଶକ୍ତିପୀଠ ଗଜପତିର ଦାଣ୍ଡୁ ମାରମ୍ମାପୀଠ

# ବର୍ଷରେ ମାତ୍ର ଖୋଲାଯାଏ ୧୦ ଦିନ

ପାରଳାଖେମୁଣ୍ଡି,(ନିପ୍ର): ଶ୍ରଦ୍ଧାଳୁଙ୍କ କହିବା ଅନୁଯାୟୀ ମାଆଙ୍କୁ ଜଗିଛି ସାପ। ନିଆରା ଶକ୍ତିପୀଠ ଗଜପତିର ଦାଣ୍ଡୁ ମାରମ୍ମାପୀଠ ବର୍ଷରେ ମାତ୍ର ୧୦ ଦିନ ଖୋଲା ଯାଏ ଏହି ମାଆଙ୍କ ମନ୍ଦିର । ଅନ୍ୟ ଦିନ ମନ୍ଦିରରେ ତାଲା ଝୁଲେ। ରହସ୍ୟ ଭିତରେ ଥିବା ମାଆ ଦାଣ୍ଡୁ ମାରମ୍ମାଙ୍କ ପୀଠରେ ରହିଛି ଅନେକେ ଅଲୌକିକତା। ଗଜପତି ଜିଲ୍ଲା ପାରଳଖେମୁଣ୍ଡିରେ ଅବସ୍ଥିତ ମାଆ ଦାଣ୍ଡୁ ମାରମ୍ମାଙ୍କ ପୀଠ। କୁହାଯାଏ ପାରଳାଖେମୁଣ୍ଡି ଗଜପତି ପରିବାରର ରାଜତ୍ୱ କାଳରେ ନିଜ ରାଜଧାନୀର ସୁରକ୍ଷା ପାଇଁ ସହରର ଉତ୍ତର ପୂର୍ବ କୋଣରେ ଏହି ମନ୍ଦିରକୁ ସ୍ଥାପନ କରାଯାଇଥିଲା। ଏହି ମନ୍ଦିରରେ ପୂଜା ପାଇଥାନ୍ତି ଜଗତଜନନୀ ମା ଦୁର୍ଗା। ପୀଠରେ ମା ଦୁର୍ଗା ଦାଣ୍ଡୁ ମାରମ୍ମା ନାମରେ ପୂଜା ପାଉଛନ୍ତି । ସବୁଠୁ ବଡ଼ କଥା ହେଲା ମନ୍ଦିର ନିର୍ମାଣ ହେବା ଦିନଠୁ ଆଜି ଯାଏଁ କେବଳ ମାଙ୍କ ନବରାତ୍ର ୯ଦିନ ହିଁ ମନ୍ଦିରକୁ ଖୋଲା ଯାଇଥାଏ। ଦଶହରା ଦିନ ବିଳମ୍ବିତ ରାତିରେ ଏହି ମନ୍ଦିରକୁ ବନ୍ଦ କରି ଦିଆଯାଏ। ଚଳିତ ବର୍ଷ ମଧ୍ୟ ନବରାତ୍ର ପାଇଁ ଖୋଲିଛି ମାଆ ଦାଣ୍ଡୁ ମାରମ୍ମାଙ୍କ ମନ୍ଦିର।



ମାଙ୍କ ପୂଜା ପାଇଁ ମନ୍ଦିରରେ ଗହଳି ଲାଗିଛି। ଶଙ୍ଖ ହୁଳହୁଳି ଚଣ୍ଡୀପାଠରେ ପ୍ରକମ୍ପିତ ହେଉଛି ଗଗନ ପବନ। ପୂର୍ବରୁ ମାଙ୍କ ନିକଟରେ ବଳି ପ୍ରଥା ଚାଲି ଆସୁଥିଲା ହେଲେ କାଳ କ୍ରମେ ଏହି ପ୍ରଥା ଏବେ ବନ୍ଦ ହୋଇଛି। ମନ୍ଦିର ନିକଟରେ ରହିଛି ଦାଣ୍ଡୁଲା ସାହି । ସେହି ସାହିର ଲୋକମାନଙ୍କ ଦ୍ୱାରା ମନ୍ଦିରର ପରିଚାଳନା ହେଉଛି। ବିଶେଷ କରି ଏହି ନବରାତ୍ର ଯାଏଁ ଗ୍ରାମବାସୀଙ୍କ ଦ୍ୱାରା ଖିରି ଖେଚୁଡ଼ି ଆଦି ଭୋଗ କରାଯାଇ ମାଙ୍କ ପାଖେ ଲାଗି ହୁଏ। ସବୁଠୁ ରହସ୍ୟ ମୟ କଥା ହେଲା ଏହି ମନ୍ଦିରରେ କାହିଁ କେଉଁ କାଳୁ ଏକ ନାଗସାପ ଥିବା ଲୋକମାନଙ୍କ ଠାରୁ ଶୁଣାଯାଏ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ମୁତାବକ ମାଆଙ୍କ ପ୍ରତିମୂର୍ତ୍ତି ପଛରେ ରହିଛି ଏକ ସାପବିଲା। ଯେଉଁଠି ସେହି ନାଗସାପ ରହିଛି। ପ୍ରତ୍ୟେକ ବର୍ଷ ଏହି ସାପଟିକୁ ଦେଖିବା ନିମନ୍ତେ ଭକ୍ତଙ୍କ ଭିଡ଼ ଲାଗିଥାଏ। ବିଶ୍ୱାସ ରହିଛି ମନ୍ଦିର ବନ୍ଦ ହେବା ପରେ ସାପଟି ମାଙ୍କୁ ପୂଜା କରିବା ସହ ମନ୍ଦିରକୁ ଜଗି ରହିଥାଏ। ସତରେ ଆଜି ବି ମା ଦାଣ୍ଡୁ ମାରମ୍ମାଙ୍କ ପୀଠ ପରି ଏମିତି କିଛି ପୀଠ ରହିଛି ଯେଉଁଠି ଭରି ରହିଛି ଅନେକ ଅଲୌକିକତା।

# ଶିଶୁ ମହୋତ୍ସବ ‘ସୁରଭି-୨୦୨୬’

ଚାରିଛକ,(ନିପ୍ର): ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଆଞ୍ଚଳିକ ସାଧନା କେନ୍ଦ୍ର ସିଆର୍‌ସିସ୍ତରରେ ଶିଶୁ ମହୋତ୍ସବ ‘ସୁରଭି-୨୦୨୬’ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପାଳଶ୍ରୀସ୍ଥିତ ଅନନ୍ତ ବାସୁଦେବ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଛଣିଜଙ୍ଗ ନୋଡାଲ କେନ୍ଦ୍ର ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ନାୟକଙ୍କ




ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସ୍ଥାନୀୟ ସରପଞ୍ଚ ସସ୍ମିତା ଖଟୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟା ସୁମିତ୍ରା ସ୍ୱାଇଁ, ଛଣିଜଙ୍ଗ ସରପଞ୍ଚ ଅଜୟ କୁମାର ପରିଡ଼ା, ତମ୍ପାଳ ଦାମୋଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିଶିରେନ୍ଦ୍ର ସାମନ୍ତରାୟ ପ୍ରମୁଖ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ, ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ନୃତ୍ୟ ଓ ସଙ୍ଗୀତରେ ଅନନ୍ତ ବାସୁଦେବ ବିଦ୍ୟାଳୟର ଛାତ୍ରଛାତ୍ରୀ କୃତିତ୍ୱ ହାସଲ କରି ଅତିଥିମାନଙ୍କ ଠାରୁ ପୁରସ୍କୃତ ହୋଇଥିଲେ। ସେହିପରି ବାହାରଣାସ୍ଥିତ ନୀଳମଣି ସ୍ମୃତି ବିଦ୍ୟାପୀଠ ପରିସରରେ ଓଡ଼ଗୁଆ ସାଧନା କେନ୍ଦ୍ରର ‘ସୁରଭି-୨୦୨୬’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିମାପଡ଼ା ବ୍ଲକ ସାଂସଦ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା ମୁଖ୍ୟ ଅତିଥି ଏବଂ ବିଧାୟକଙ୍କ ବିଦ୍ୟାଳୟ ପ୍ରତିନିଧି ବ୍ରଜକିଶୋର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

# ୬୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ନେଲେ ସମାଜସେବାର ଶପଥ

ନିରାକାରପୁର,(ନିପ୍ର): ରାମଚନ୍ଦ୍ର କଳ୍ପନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଅମର ନୀତି ଓ ଆଦର୍ଶକୁ ନେଇ ଏକ ପ୍ରେରଣାଦାୟୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଇକୋ କ୍ଲବ, ଯୁବ ରେଡକ୍ରସ , ଜାତୀୟ ସେବା ଯୋଜନା ଏବଂ ସ୍କାଉଟ୍ ଆଣ୍ଡ ଗାଇଡ୍‌ର ମିଳିତ ଆନୁକୂଲ୍ୟରେ ‘ଗୋପବନ୍ଧୁଙ୍କ ଆଦର୍ଶରେ ରାଷ୍ଟ୍ର ବିକାଶରେ ବିଦ୍ୟାର୍ଥୀ’ ଶୀର୍ଷକ ଏହି କାର୍ଯ୍ୟକ୍ରମ ପାଳିତ ହୋଇଥିଲା। ଗୋପବନ୍ଧୁଙ୍କ ‘ମିଶ୍ର ସାଧନା’, ‘ଜନସେବା ହିଁ ପ୍ରକୃତ ଈଶ୍ୱର ସେବା’ ଏବଂ ନିସ୍ୱାର୍ଥପର ତ୍ୟାଗର ନୀତିକୁ ଆଧାର କରି ଆୟୋଜିତ ଏହି ସମାବେଶରେ ବିଦ୍ୟାଳୟର ୬୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀମାନେ ଗୋପବନ୍ଧୁଙ୍କ ଦର୍ଶନକୁ ଆପଣେଇ ଦେଶ ଗଠନ ତଥା ସମାଜସେବାରେ ନିଜକୁ ନିୟୋଜିତ କରିବା ପାଇଁ ଶପଥ ଗ୍ରହଣ କରିଥିଲେ।କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷା ଡ଼. ରେଣୁବାଳା ସାମନ୍ତରାୟ ଏବଂ ପୂର୍ବତନ ଅଧ୍ୟକ୍ଷ ଡ଼. ସୁଧାଂଶୁ ଶେଖର



ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍କଳମଣିଙ୍କ ଜୀବନଦର୍ଶନ ଓ ମହାନ ଆଦର୍ଶ ଉପରେ ଆଲୋଚନା କରିଥିଲେ। ଅତିଥିମାନେ କହିଥିଲେ ଯେ, ଗୋପବନ୍ଧୁଙ୍କ ଦ୍ୱାରା ପ୍ରଦର୍ଶିତ ମାନବିକତା, ଶିକ୍ଷାର ପ୍ରସାର ଏବଂ ଦୀନଦୁଃଖୀଙ୍କ ସେବାର ନୀତି ଆଜିର ଯୁବପିଢ଼ି ପାଇଁ ମାର୍ଗଦର୍ଶକ ଅଟେ। ତେଣୁ ଛାତ୍ରଛାତ୍ରୀମାନେ ସେହି ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜ ଓ ରାଷ୍ଟ୍ରର ପ୍ରଗତିରେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ସେମାନେ ଆହ୍ୱାନ ଦେଇଥିଲେ।

# ଫିଜିଓଥେରାପି ପୁନର୍ବାସ କେନ୍ଦ୍ର ଉଦ୍‌ଘାଟିତ

ଚମ୍ପୁଆ,(ନିପ୍ର): ଚମ୍ପୁଆଠାରେ କୈରାଲି ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ପକ୍ଷରୁ ଏକ ନୂତନ ଫିଜିଓଥେରାପି ପୁନର୍ବାସ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଚମ୍ପୁଆ ତହସିଲଦାର ସତ୍ୟବ୍ରତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ରଟିର ଉଦ୍‌ଘାଟନ କରିଥିଲେ।

ଏହି ଅବସରରେ ସିନିୟର ଆଡଭୋକେଟ୍ ଏଚ୍. କେ. ମିଶ୍ର, ଆଡଭୋକେଟ୍ ଅରୁଣ କୁମାର ପତି, ରମେଶ ଚନ୍ଦ୍ର ପ୍ରଧାନ, ସୁନିଲ କୁମାର ସାହୁଙ୍କ ସମେତ କୈରାଲି ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସର ଚେୟାରମ୍ୟାନ୍ ପି.ଏସ୍. ରାଜମୋହନ, ମୁରଲୀଧର କେ.ଏସ୍., ଉମା ରାଜମୋହନ ଏବଂ ଫିଜିଓଥେରାପି କେନ୍ଦ୍ରର ମୁଖ୍ୟ ବିଜୟଲକ୍ଷ୍ମୀ, ସ୍କୁଲର ମ୍ୟାନେଜର ଦୈତାରୀ ସାହୁ ଉପସ୍ଥିତ ଥିଲେ। ଫିଜିଓଥେରାପି ପୁନର୍ବାସ କେନ୍ଦ୍ରର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦୁର୍ଘଟଣା, ଅସ୍ଥି ଓ ଗଣ୍ଠି ସମସ୍ୟା, ଅପରେସନ୍ ପରବର୍ତ୍ତୀ ଶାରୀରିକ ଦୁର୍ବଳତା, ମାଂସପେଶୀ ସମସ୍ୟା ଏବଂ ଅନ୍ୟାନ୍ୟ ଶାରୀରିକ ଅସୁବିଧାରେ ପୀଡ଼ିତ ରୋଗୀଙ୍କୁ ବୈଜ୍ଞାନିକ ଫିଜିଓଥେରାପି ଚିକିତ୍ସା ଓ



ପୁନର୍ବାସ ସେବା ଯୋଗାଇବା। ନିୟମିତ ଥେରାପି ଓ ଆବଶ୍ୟକ ପରାମର୍ଶ ମାଧ୍ୟମରେ ରୋଗୀଙ୍କୁ ପୁନର୍ବାର ସ୍ୱାଭାବିକ ଜୀବନଯାପନ ଦିଗରେ ଆଗେଇ ନେବା ଏହି କେନ୍ଦ୍ରର ପ୍ରମୁଖ ଲକ୍ଷ୍ୟ। ଉଦ୍‌ଘାଟନୀ ଅବସରରେ ମୁଖ୍ୟ ଅତିଥି ତହସିଲଦାର ସତ୍ୟବ୍ରତ ସାହୁ ଏଭଳି ସ୍ୱାସ୍ଥ୍ୟସେବା ଚମ୍ପୁଆ ଅଞ୍ଚଳବାସୀଙ୍କ ପାଇଁ ନିଶ୍ଚିତ ଭାବେ ଉପକାରୀ ହେବ ବୋଲି ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ଏହି ପଦକ୍ଷେପକୁ ଉପସ୍ଥିତ ଅତିଥିମାନେ ସ୍ୱାଗତ କରିବା ସହ ଏହା ଅଞ୍ଚଳରେ ଉନ୍ନତ ଫିଜିଓଥେରାପି ଓ ପୁନର୍ବାସ ସେବା ପ୍ରଦାନରେ ସହାୟକ ହେବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ କୈରାଲି ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସର ସମସ୍ତ ଷ୍ଟାଫ୍ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ଡେଲାଙ୍ଗ - ପିପିଲି ବ୍ଲକରେ ସେବା ସେତୁ କାର୍ଯ୍ୟକ୍ରମରେ ସାଂସଦ ଓ ବିଧାୟକ

ପିପିଲି,(ନିପ୍ର): ସୋମବାର ଡେଲାଙ୍ଗ ଓ ପିପିଲି ଉଭୟ ବ୍ଲକ ପରିସରରେ ସେବା ସେତୁ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପୁରୀ ସାଂସଦ ଡା ସମ୍ବିତ ପାତ୍ର ଓ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗ ଦେଇ ଲୋକଙ୍କ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ବିଶେଷକରି ବିଭିନ୍ନ ସରକାରୀ ଯୋଜନାରେ ବଞ୍ଚିତ ସାଧାରଣ ଲୋକଙ୍କୁ ଯୋଡ଼ିବା ସହ ଅଭିଯୋଗ ଶୁଣିବା ଓ ଜରୁରୀ କାଳୀନ ଭିତ୍ତିରେ ତାର ସମାଧାନ କରିବା ଏହି ସେବା ସେତୁ ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଡେଲାଙ୍ଗ ବ୍ଲକରେ ୧୫୦ ଅଭିଯୋଗ ଏବଂ ପିପିଲି ବ୍ଲକରେ ୯୭ ଅଭିଯୋଗ ଗ୍ରହଣ ହୋଇଛି।



ତେବେ ଉଭୟ ସାଂସଦ ଓ ବିଧାୟକ ଉତ୍ତରାଧିକାରୀ ଜମି ପଟ୍ଟା, ଟ୍ରାଇ ସାଇକେଲ, ହୁଇଲ ଚେୟାର ଆଦି ଅନେକ ହିତାଧିକାରୀଙ୍କୁ ପ୍ରଦାନ କରିଥିଲେ। ଯଥାଶୀଘ୍ର ଆବେଦନ କରିଥିବା ସମସ୍ତଙ୍କୁ ଯାଞ୍ଚ କରି ଯୋଜନାରେ ସାମିଲ କରାଯିବ ବୋଲି କହିଛନ୍ତି ସାଂସଦ ଓ ବିଧାୟକ।

# କାରିଗରମାନେ ମୂର୍ତ୍ତି ନିର୍ମାଣର ଶେଷ ସ୍ପର୍ଶ ଦେବା ପାଇଁ ବ୍ୟସ୍ତ

ପୁରୀ,(ନିପ୍ର): ଦୁର୍ଗା ପୂଜା ପାଇଁ ଆଉ ଚାରି ଦିନ ମାତ୍ର ସମୟ ରହିଥିବାବେଳେ କାରିଗରମାନେ ମୂର୍ତ୍ତି ନିର୍ମାଣର ଚୁଡାନ୍ତ ପର୍ଯ୍ୟାୟରେ ପହଞ୍ଚି ଥିବାବେଳେ କେତେକ ସ୍ଥାନରେ କାରିଗର ମାନେ ଶେଷ ସ୍ପର୍ଶ ଦବାରେ ଲାଗି ପଡିଛନ୍ତି। ସହରରେ ଥିବା ବିଭିନ୍ନ ଦେବୀ ପୀଠଗୁଡିକରେ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କାର୍ଯ୍ୟରେ କାରିଗରମାନେ ଚୁଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛନ୍ତି। ସେହିପରି ସାଜସଜ୍ଜା,ଜରିଜମ୍ବୁରା, ମେଢ଼ ପ୍ରସ୍ତୁତିରେ ଲାଗି ପଡିଛନ୍ତି। ବିଭିନ୍ନ ପୂଜା ମଣ୍ଡପ ଗୁଡିକୁ ଆକର୍ଷଣ କରିବା ସହ ସୁଉଚ୍ଚ କରିବା ଦିଗରେ ମଧ୍ୟ କାର୍ଯ୍ୟ ଆରମ୍ଭ କରାଯାଇଛି। ରାଜ୍ୟରେ କୌଣସି ସ୍ଥାନରେ ଏତେ ବଡ ମୂର୍ତ୍ତି ନିର୍ମାଣ ହେଉନଥିବା ଦେଖାଯାଉ ନଥିବାବେଳେ ପୁରୀରେ ବାରବାଟି, ଜହ୍ନି ଖାଇ, ଶୂନ୍ୟ ଗୋସାଣୀ,ନାଗା ମୁର୍ତ୍ତି, ସମ୍ପାତି ଚଢ଼େଇ ଏକ ଅନନ୍ୟ ପ୍ରତୀକର ଚିହ୍ନ ଅଟେ।

ତିଥି :(ଚତୁର୍ଥୀ): (ଅନୁରାଧା ବିଛା)
ଅମୃତ ବେଳା: ଦିବା ଘ ୬ ।୩୨ ମଧ୍ୟେ ଘ୭ ।୨୦ଗତେ

## ଆଜିର ଅନୁଚିନ୍ତନ

ଜୀର୍ଣ୍ଣ ବସ୍ତ୍ରଗୁଡ଼ିକୁ ପରିତ୍ୟାଗ କରି ମନୁଷ୍ୟ ଯେପରି ନୂତନ ବସ୍ତ୍ର ପରିଧାନ କରେ, ଠିକ୍ ସେହିପରି ଦେହୀ ପୁରାତନ ଶରୀର ତ୍ୟାଗ କରି ଅନ୍ୟ ନୂତନ ଶରୀରକୁ ଚାଲିଯାଏ ।। - ଶ୍ରୀମଦ୍ ଭଗବଦ୍ ଗୀତା

# ଚିନ୍ତା ବଢ଼ାଉଛି ମହଙ୍ଗା

ବଞ୍ଚିବା ପାଇଁ ସର୍ବତ୍ର ଖାଦ୍ୟ ସାମଗ୍ରୀ ଆବଶ୍ୟକ। ମାତ୍ର ଦେଶରେ ଗତ ଅଗଷ୍ଟରେ ଖାଦ୍ୟ ମୁଦ୍ରାସ୍ଫୀତି ୫.୯୭ ପ୍ରତିଶତ ଥିବାବେଳେ ସେପ୍ଟେମ୍ବର ବେଳକୁ ୭.୭୪ ପ୍ରତିଶତକୁ ବୃଦ୍ଧି ପାଇବା ନିଶ୍ଚୟ ଚିନ୍ତାଜନକ। ପୁଣି ଖୁଚୁରା ମୁଦ୍ରାସ୍ଫୀତି ହାର ଗୋଟିଏ ମାସରେ ବୃଦ୍ଧି ପାଇଁ ୫.୫୪ ପ୍ରତିଶତରେ ପହଞ୍ଚିଛି। ଉଦ୍‌ବେଗର ବିଷୟ ଯେ ଖାଦ୍ୟ ମୁଦ୍ରାସ୍ଫୀତି ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ଏବେ ଅଧିକ ରହିଛି। ଯାହାକି ଗ୍ରାମାଞ୍ଚଳ ଲୋକଙ୍କ ଜୀବନ-ଜୀବିକା ପ୍ରତି ଆହ୍ୱାନ ସୃଷ୍ଟି କରିଛି। ସହରାଞ୍ଚଳରେ ଖାଦ୍ୟ ମୁଦ୍ରାସ୍ଫୀତି ୭.୧୮ ପ୍ରତିଶତ ଅପରପକ୍ଷେ ଗ୍ରାମାଞ୍ଚଳରେ ଏହା ୮.୦୬ ପ୍ରତିଶତକୁ ବୃଦ୍ଧି ପାଇଛି। ଯାହା ମନେହୁଏ ବିଭିନ୍ନ ଖାଦ୍ୟ ସାମଗ୍ରୀ ଗ୍ରାମାଞ୍ଚଳକୁ ପରିବହନ ଓ ଆନୁଷଙ୍ଗିକ ଖର୍ଚ୍ଚ କାରଣରୁ ବୃଦ୍ଧି ପାଇଛି। ଉଲ୍ଲେଖ କରାଯାଇପାରେ ସାଧାରଣ ଭାବରେ ଖୁଚୁରା ମୁଦ୍ରାସ୍ଫୀତି ୪ ପ୍ରତିଶତରେ ରଖିବା ଦାୟିତ୍ୱ ଭାରତୀୟ ରିଜର୍ଭ ବ୍ୟାଙ୍କ ଉପରେ ନ୍ୟସ୍ତ। ଏହାର ସହନଶୀଳ ସୀମା ୬ ପ୍ରତିଶତ ମଧ୍ୟରେ ରଖିବାକୁ ନିର୍ଦ୍ଧାରଣ କରାଯାଇଥିବାବେଳେ ସେପ୍ଟେମ୍ବର ମୁଦ୍ରାସ୍ଫୀତି ୫.୫୪ ପ୍ରତିଶତରେ ପହଞ୍ଚିଥିବା ସୂଚାଏ ଯେ ଏହା ସର୍ବୋଚ୍ଚ ସୀମା ୬ ପ୍ରତିଶତ ଛୁଇଁବାକୁ ଆଉ କେତେ ଅବା ଦୂର? ସୁତରାଂ ମୂଲ୍ୟ ସ୍ଥିରତା ରକ୍ଷା ଯେ ଆହ୍ୱାନ ସୃଷ୍ଟି କରିଛି ଏହା କହିବା ବାହୁଲ୍ୟ ହେବ।

ସ୍ମରଣ କରାଯାଇପାରେ ୨୦୨୧ ମସିହା ମେ ମାସ ମେ ମାସ ବେଳକୁ କରୋନା କଟକଣାର ପ୍ରଭାବ ଦେଶରେ ରହିଥିଲା। ସେ ସମୟରେ ଖୁଚୁରା ମୁଦ୍ରାସ୍ଫୀତି ଛୁଇଁଥିଲା ୬.୩ ପ୍ରତିଶତ। ତାହା ସେତେବେଳେ ଭାରତୀୟ ରିଜର୍ଭ ବ୍ୟାଙ୍କ ପ୍ରତି ଆହ୍ୱାନ ସୃଷ୍ଟି କରିଥିଲା। କିନ୍ତୁ ଏବର ପ୍ରଭାବ ଭିନ୍ନ। ଏବର ଖୁଚୁରା ମୁଦ୍ରାସ୍ଫୀତି ପଛରେ ମଧ୍ୟପ୍ରାଚ୍ୟ ସଂଘର୍ଷ ଓ ତତ୍‌ଜନିତ ଅଶୋଧିତ ତୈଳ ଦର ବୃଦ୍ଧି ରହିଛି। ଅବଶ୍ୟ ନାନା ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ଦେଶରେ ଖାଦ୍ୟଶସ୍ୟ ଉତ୍ପାଦନ ପୂର୍ବାପେକ୍ଷା ପ୍ରଭାବିତ ହୋଇଛି। ଲକ୍ଷ୍ୟ କରାଯାଏ ଯେତେବେଳେ ଖାଦ୍ୟ ସାମଗ୍ରୀର ମୂଲ୍ୟ ବଢ଼େ। ସାଧାରଣ ଖାଉଟି, ବିଶେଷ କରି ଗରିବ ଓ ନିମ୍ନମଧ୍ୟବିତ୍ତ ଅଧିକ ପ୍ରଭାବିତ ହୋଇଥାନ୍ତି। ଗତ ପ୍ରାୟ ୩ ସପ୍ତାହ ମଧ୍ୟରେ ମହଙ୍ଗା ହିସାବ ଦେଖିଲେ ଚିନ୍ତାଜନକ ବୋଲି କହିବାକୁ ହେବ। ଅର୍ଥାତ୍ ଅଟା ମୂଲ୍ୟ ବଢିଛି ୬.୬୭ ପ୍ରତିଶତ। ଡାଲି ବଢିଛି ୪.୬୮ ପ୍ରତିଶତ, ସେମିତି ଚିନି ବଢିଛି ୧୦.୧୬ ପ୍ରତିଶତ, କ୍ଷୀର ବଢିଛି ୬.୧୨ ପ୍ରତିଶତ। ଏଭଳି ଅନ୍ୟାନ୍ୟ ଖାଉଟି ଦ୍ରବ୍ୟର ମୂଲ୍ୟ ବୃଦ୍ଧି ସାଧାରଣ ଲୋକଙ୍କ ମାସିକ ବଜେଟକୁ ପ୍ରଭାବିତ କରିସାରିଥିବା ଜଣାଶୁଣା।

ମୁଦ୍ରାସ୍ଫୀତି ଦୃଷ୍ଟିରୁ ଯଦି ଦେଖାଯିବ ଏବେ ତାମିଲନାଡୁରେ ଏହା ସର୍ବାଧିକ ୬.୮୧ ପ୍ରତିଶତ ରହିଛି। ଏହା ପଛକୁ ଓଡ଼ିଶାର ସ୍ଥାନ। ଅର୍ଥାତ୍ ଓଡ଼ିଶାରେ ଏବେ ମୁଦ୍ରାସ୍ଫୀତି ୬.୭୦ ପ୍ରତିଶତ ଛୁଇଁସାରିଛି। ଅଶୋଧିତ ତୈଳ ଦର ବୃଦ୍ଧି ଓ ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ଫସଲହାନିକୁ ଏଥିଲାଗି ଦାୟୀ କରାଯାଉଥିଲେ ହେଁ ଏପର୍ଯ୍ୟନ୍ତ ଆମ ରାଜ୍ୟ ବିଭିନ୍ନ ଅତ୍ୟାବଶ୍ୟକ ଖାଉଟି ସାମଗ୍ରୀ ଦୃଷ୍ଟିରୁ ଆତ୍ମନିର୍ଭରଶୀଳ ହୋଇପାରିନଥିବାରୁ ଅନ୍ୟାନ୍ୟ ରାଜ୍ୟ ଉପରେ କିଛି ସାମଗ୍ରୀ ଲାଗି ନିର୍ଭର କରିବାକୁ ହେଉଛି। ଯଦି ଯୋଜନାବଦ୍ଧ ଭାବରେ ରାଜ୍ୟ ସରକାର ଏ ଦିଗରେ ତତ୍ପର ନ ହୁଅନ୍ତି ବା ଗଭୀରତାର ସହ ସ୍ଥିତିକୁ ଉପଲବ୍ଧି ନ କରନ୍ତି ତେବେ ଆଗକୁ ରାଜ୍ୟରେ ଅତ୍ୟାବଶ୍ୟକ ଖାଉଟି ସାମଗ୍ରୀଗୁଡ଼ିକର ମୂଲ୍ୟ ଆକାଶଛୁଆଁ ହେଲେ ସେତେବେଳେକୁ ସ୍ଥିତି ଅଧିକ ବିଗିଡ଼ିଯିବ।

# ଚୀନ୍ ବିରୋଧରେ ଆମେରିକାର ପଦକ୍ଷେପ

**ଅସିତ ମହାନ୍ତି**

> ଡଲାରର ମୂଲ୍ୟ କେବଳ ମୁଦ୍ରା ବିନିମୟ ହାରରେ ନୁହେଁ। ଏହାର ପ୍ରକୃତ ମୂଲ୍ୟ ଏହାର ବିଶ୍ୱସ୍ତରୀୟ ପ୍ରାଧାନ୍ୟରେ ରହିଛି। ଯେତେବେଳେ ଏକ ଦେଶ ଆମେରିକାକୁ ତେଲ, ଗ୍ୟାସ କିମ୍ବା ଡିଜେଲ ବିକ୍ରୟ କରେ, ସେତେବେଳେ ଏହା କେବଳ ବାଣିଜ୍ୟ କରେ ନାହିଁ, ଏହା ଏକ ବ୍ୟବସ୍ଥାକୁ ଗ୍ରହଣ କରେ ଯେଉଁଥିରେ ଡଲାର ହିଁ ସର୍ବୋତ୍ତମ ମାନଦଣ୍ଡ। ଏହି କାରଣରୁ ଏକ ବିକଳ୍ପ ମୁଦ୍ରା ସୃଷ୍ଟି କରିବାକୁ ବ୍ରିକସର ପ୍ରୟାସ ବାରମ୍ବାର ବିଫଳ ହୋଇଛି। ଚୀନ୍ ୟୁଆନକୁ ପ୍ରୋତ୍ସାହିତ କରିବାକୁ ଚେଷ୍ଟା କରିଥିଲା, ରୁଷିଆ ଶକ୍ତି ବାଣିଜ୍ୟରେ ରୁବଲ୍ ବ୍ୟବହାର କରିବାକୁ ଚେଷ୍ଟା କରିଥିଲା, କିନ୍ତୁ ଡଲାର ଏବେ ବି ବିଶ୍ୱ ବିଶ୍ୱାସ ଏବଂ ଗ୍ରହଣୀୟତାକୁ ଆକର୍ଷିତ କରୁଛି।

ଡଲାର କେବଳ ଏକ ମୁଦ୍ରା ନୁହେଁ, ବରଂ ଆଧୁନିକ ବିଶ୍ୱର ଅର୍ଥନୈତିକ ଗଠନକୁ ଏକତ୍ର କରୁଥିବା ଶକ୍ତି। ଏହି ଶକ୍ତି କେବଳ କାଗଜ ଟଙ୍କା କିମ୍ବା ଡିଜିଟାଲ୍ କାରବାରର କାର୍ଯ୍ୟ ନୁହେଁ, ବରଂ ଗତ ଅଶୀ ବର୍ଷ ଧରି ଆମେରିକା ଦ୍ୱାରା ନିର୍ମିତ ବିଶ୍ୱାସ, ନେଟୱାର୍କ ଏବଂ ରାଜନୈତିକ-ସାମରିକ ପ୍ରାଧାନ୍ୟର। ସାମ୍ପ୍ରତିକ ଘଟଣା - ଆମେରିକାକୁ ଡିଜେଲ ବିକ୍ରୟ କରିବାକୁ ଋଷର ଅନୁମତି ଏବଂ ଆମେରିକାର ପ୍ରତିବନ୍ଧକ ଉଠାଇବା - ଏହି ବାସ୍ତବତାକୁ ଆହୁରି ସ୍ପଷ୍ଟ କରିଛି।

ଏହି ଘଟଣା କେବଳ ଏକ ବାଣିଜ୍ୟ ଚୁକ୍ତି ନୁହେଁ, ବରଂ ଏକ ଗଭୀର ଆର୍ଥିକ ସଙ୍କଟ ଏବଂ ଏକ ବିଶ୍ୱ ପୁଞ୍ଜିବାଦୀ ବ୍ୟବସ୍ଥାର ବାସ୍ତବତାକୁ ପ୍ରକାଶ କରେ ଯେଉଁଥିରେ ପ୍ରତ୍ୟେକ ଦେଶ ଶେଷରେ ବଞ୍ଚିବା ଏବଂ ଆର୍ଥିକ ବଞ୍ଚିବା ପାଇଁ ଡଲାର ଆଡ଼କୁ ମୁହାଁଇଥାଏ। ରୁଷ, ଯାହା ଏପର୍ଯ୍ୟନ୍ତ ଆମେରିକା ବିରୋଧରେ ଠିଆ ହୋଇଥିବା ପରି ମନେ ହେଉଥିଲା, ହଠାତ୍ ପଥ ବଦଳାଇଛି ଏବଂ ଆମେରିକା ବଜାରରେ ତାର ଡିଜେଲ ବିକ୍ରି କରିବାକୁ ରାଜି ହୋଇଛି। ଏହି ପରିବର୍ତ୍ତନ କେବଳ ରାଜନୈତିକ ନୁହେଁ, ବରଂ 'ଚୂଡ଼ାନ୍ତ ବାଣିଜ୍ୟ'ର ପ୍ରଶ୍ନ - ଯେତେବେଳେ ଆର୍ଥିକ ମାନ୍ଦାବସ୍ଥାର ଚାପ ଏତେ ତୀବ୍ର ହୋଇଯାଏ ଯେ ବୈଚାରିକ ବିରୋଧୀ ମଧ୍ୟ ବଜାର ଶକ୍ତି ଆଗରେ ହାରିଯାଏ।

ଭାରତ, ଚୀନ୍ ଏବଂ ରୁଷ ମିଳିତ ଭାବରେ ଏକ ବ୍ରିକସ ମୁଦ୍ରା କଳ୍ପନା କରିଥିଲେ। ସ୍ୱପ୍ନ ଥିଲା ଡଲାରର ପ୍ରାଧାନ୍ୟକୁ ଚ୍ୟାଲେଞ୍ଜ କରିବା ଏବଂ ଏକ ବିକଳ୍ପ ବ୍ୟବସ୍ଥା ସୃଷ୍ଟି କରିବା। କିନ୍ତୁ ଆଜି, ଏହି ସ୍ୱପ୍ନ ପ୍ରାୟ ଭାଙ୍ଗି ପଡ଼ିଛି। କାରଣଗୁଡ଼ିକ ସ୍ପଷ୍ଟ - ଡଲାରର ବିଶ୍ୱସ୍ତରୀୟ ଗ୍ରହଣୀୟତା ଅଛି ଯାହା କୌଣସି ନୂତନ ମୁଦ୍ରା ପାଖରେ ନାହିଁ। ଆମେରିକାର ପଦକ୍ଷେପ କେବଳ ଚୀନ୍ ବିରୋଧରେ ଲକ୍ଷ୍ୟ କରାଯାଇ ନାହିଁ, ବରଂ ସମଗ୍ର ବିଶ୍ୱକୁ ମନେ ପକାଇବା ପାଇଁ ଯେ ପ୍ରକୃତ ଶକ୍ତି କେଉଁଠି ଅଛି। ଯେତେବେଳେ ରୁଷ ଭଳି ଏକ ଦେଶ, ପାଶ୍ଚାତ୍ୟ ପ୍ରତିବନ୍ଧକରେ ସଂଘର୍ଷ କରୁଛି, ହଠାତ୍ ଆମେରିକା ସହିତ ବାଣିଜ୍ୟ ଆରମ୍ଭ କରେ, ସେତେବେଳେ ବାର୍ତ୍ତା ସ୍ପଷ୍ଟ ହୋଇଯାଏ: ଡଲାରରୁ ବାହାରିବା ପ୍ରାୟ ଅସମ୍ଭବ।

ଏହା ଏକ ପୁଞ୍ଜିବାଦୀ ଅର୍ଥନୀତିର ପ୍ରକୃତି। ପ୍ରତ୍ୟେକ ଦେଶ, ଏହାର ସଙ୍କଟରୁ ରକ୍ଷା ପାଇବା ପାଇଁ, ଶେଷରେ ସେହି ବ୍ୟବସ୍ଥାକୁ ଫେରିଯାଏ ଯାହାକୁ ସେ ଚ୍ୟାଲେଞ୍ଜ କରିବାକୁ ଚାହୁଁଥିଲା। ରୁଷର ପରିସ୍ଥିତି ଏହାର ଏକ ପ୍ରମୁଖ ଉଦାହରଣ। ଅର୍ଥନୈତିକ ମାନ୍ଦାବସ୍ଥା ଏହାକୁ ବଜାରକୁ ତାର ସମ୍ବଳ ବିକ୍ରି କରିବାକୁ ବାଧ କରିଥିଲା ଯେଉଁଠାରେ ସେ ସର୍ବାଧିକ ଲାଭ ପାଇପାରିବ। ଏବଂ ସେହି ବଜାର ହେଉଛି ଆମେରିକା - ଶକ୍ତି କେନ୍ଦ୍ର ଯେଉଁଠାରେ ଡଲାର ସର୍ବୋଚ୍ଚ ରାଜତ୍ୱ କରେ। ଡଲାରର ମୂଲ୍ୟ କେବଳ ମୁଦ୍ରା ବିନିମୟ ହାରରେ ନୁହେଁ। ଏହାର ପ୍ରକୃତ ମୂଲ୍ୟ ଏହାର ବିଶ୍ୱସ୍ତରୀୟ ପ୍ରାଧାନ୍ୟରେ ରହିଛି। ଯେତେବେଳେ ଏକ ଦେଶ ଆମେରିକାକୁ ତେଲ, ଗ୍ୟାସ କିମ୍ବା ଡିଜେଲ ବିକ୍ରୟ କରେ, ସେତେବେଳେ ଏହା କେବଳ ବାଣିଜ୍ୟ କରେ ନାହିଁ, ଏହା ଏକ ବ୍ୟବସ୍ଥାକୁ ଗ୍ରହଣ କରେ ଯେଉଁଥିରେ ଡଲାର ହିଁ ସର୍ବୋତ୍ତମ ମାନଦଣ୍ଡ। ଏହି କାରଣରୁ ଏକ ବିକଳ୍ପ ମୁଦ୍ରା ସୃଷ୍ଟି କରିବାକୁ ବ୍ରିକସର ପ୍ରୟାସ ବାରମ୍ବାର ବିଫଳ ହୋଇଛି। ଚୀନ୍ ୟୁଆନକୁ ପ୍ରୋତ୍ସାହିତ କରିବାକୁ ଚେଷ୍ଟା କରିଥିଲା, ରୁଷିଆ ଶକ୍ତି ବାଣିଜ୍ୟରେ ରୁବଲ୍ ବ୍ୟବହାର କରିବାକୁ ଚେଷ୍ଟା କରିଥିଲା, କିନ୍ତୁ ଡଲାର ଏବେ ବି ବିଶ୍ୱ ବିଶ୍ୱାସ ଏବଂ ଗ୍ରହଣୀୟତାକୁ ଆକର୍ଷିତ କରୁଛି।

ଏହି ସମ୍ପୂର୍ଣ୍ଣ ବ୍ୟବସ୍ଥା ପୁଞ୍ଜିବାଦର ଗଭୀର ସତ୍ୟକୁ ପ୍ରକାଶ କରେ। ପୁଞ୍ଜିବାଦ କେବଳ ଉତ୍ପାଦନ ଏବଂ ବ୍ୟବହାରର ଏକ ଗଠନ ନୁହେଁ, ବରଂ ଏକ ବିଶ୍ୱ ଶକ୍ତି ସନ୍ତୁଳନ ଯେଉଁଥିରେ ପ୍ରତ୍ୟେକ ଦେଶ ଶେଷରେ ସର୍ବବୃହତ୍ ବଜାର ଏବଂ ସର୍ବୋତ୍ତମ ସାମରିକ-



ରାଜନୈତିକ ଶକ୍ତି ସହିତ ଶକ୍ତି କେନ୍ଦ୍ର ଆଡକୁ ଆକର୍ଷିତ ହୁଏ। ଯୁକ୍ତରାଷ୍ଟ୍ର ଏହି ବ୍ୟବସ୍ଥାକୁ ନିଜ ସପକ୍ଷରେ ଆକାର ଦେଇଛି। ଆଇଏମ୍ଏଫ୍ ଏବଂ ବିଶ୍ୱ ବ୍ୟାଙ୍କ ଭଳି ପ୍ରତିଷ୍ଠାନ ଏହାର ପ୍ରଭାବରେ ଅଛି। ତୈଳ ବାଣିଜ୍ୟ ଡଲାରରେ ପରିଚାଳିତ ହୁଏ। ଅନ୍ତର୍ଜାତୀୟ ଋଣ ଡଲାରରେ ସମାଧାନ କରାଯାଏ। ଏବଂ ଯେତେବେଳେ ଏକ ସଙ୍କଟ ଆସେ, ପ୍ରତ୍ୟେକ ଦେଶ ଏହି ବ୍ୟବସ୍ଥାକୁ ଫେରିଯାଏ।

ଯୁକ୍ତରାଷ୍ଟ୍ର ସହିତ ରୁଷର ମେଣ୍ଟ ଏହାର ପ୍ରତୀକ ଯେ ଆର୍ଥିକ ବାସ୍ତବତା ସମ୍ମୁଖରେ ଆଦର୍ଶଗତ ବିରୋଧ ଏବଂ ରାଜନୈତିକ ସଂଘର୍ଷ ମଧ୍ୟ ପ୍ରଭାବହୀନ। ଏହା ପୁଞ୍ଜିବାଦୀ ଅର୍ଥନୀତିର 'ଚୂଡ଼ାନ୍ତ ବାଣିଜ୍ୟ' - ଯେଉଁଠାରେ ବଞ୍ଚିବା ପାଇଁ, ପ୍ରତ୍ୟେକ ଦେଶ ନିଜକୁ ସେହି ଶକ୍ତି ସହିତ ସମନ୍ୱୟ କରେ ଯାହାକୁ ସେ ଥରେ ଚ୍ୟାଲେଞ୍ଜ କରିବାକୁ ଚାହୁଁଥିଲା।

ଏହି ଘଟଣା ଆହୁରି ଦର୍ଶାଇଛି ଯେ ଆମେରିକାର ପଦକ୍ଷେପ କେବଳ ଚାଇନାକୁ ଦୁର୍ବଳ କରିବା ପାଇଁ ନୁହେଁ, ବରଂ ସମଗ୍ର ବିଶ୍ୱକୁ ସ୍ମରଣ କରିବା ଯେ ଡଲାର ହେଉଛି ପ୍ରକୃତ ଶକ୍ତି । ଗୋଟିଏ ଦିନରେ ଋଷର ପରିବର୍ତ୍ତନ ଘଟିଛି, କିନ୍ତୁ ଏହା ପଛରେ ବର୍ଷ ବର୍ଷ ଧରି ଆର୍ଥିକ ଚାପ ଏବଂ ବିଶ୍ୱ ବ୍ୟବସ୍ଥାର ବାଧ୍ୟତାମୂଳକ ରହିଛି।

ଆଜି ଯେତେବେଳେ ଆମେ କହିବୁ ଯେ ଡଲାର ଏକ ମୁଦ୍ରା ନୁହେଁ ବରଂ ଏକ ଶକ୍ତି, ଏହାର ଅର୍ଥ ହେଉଛି ଏହି ଶକ୍ତି ପ୍ରତ୍ୟେକ ଦେଶର ଆର୍ଥିକ ନୀତି ଉପରେ ପ୍ରଭାବ ପକାଇଥାଏ । ଭାରତ, ଚୀନ୍ ଏବଂ ଋଷ ଭଳି ବଡ ଦେଶ ମଧ୍ୟ ଏହି ଶକ୍ତିରୁ ବାହାରିବାରେ ବିଫଳ ହୋଇଛନ୍ତି। ଏବଂ ଯେତେବେଳେ ଋଷ ପରି ଏକ ଦେଶ, ଯାହା ଆମେରିକାର ସବୁଠାରୁ ବଡ ଶତ୍ରୁ ଭାବରେ ପରିଗଣିତ ହେଲା, ଶେଷରେ ଏହା ସହିତ ବ୍ୟବସାୟ କରିବା ଆରମ୍ଭ କଲା, ସେତେବେଳେ ଏହା ସ୍ପଷ୍ଟ ହୋଇଯାଏ ଯେ ଡଲାରର ପ୍ରାଧାନ୍ୟ ଅବିସ୍ମରଣୀୟ ଅଟେ।

ଏହା ହେଉଛି ପୁଞ୍ଜିବାଦୀ ଅର୍ଥନୀତିର ଚରିତ୍ର - ଯେଉଁଠାରେ ପ୍ରତ୍ୟେକ ଦେଶ ଏହାର ସଙ୍କଟରୁ ରକ୍ଷା ପାଇବା ପାଇଁ ସମାନ ଶକ୍ତି ସହିତ ଠିଆ ହେବାକୁ ଚାହାଁନ୍ତି। ଏହି କାରଣରୁ ଆଜି ବ୍ରିକ୍ସ ମୁଦ୍ରାର ସ୍ୱପ୍ନ ପ୍ରାୟ ଶେଷ ହୋଇଯାଇଛି। ଏବଂ ସେଥିପାଇଁ ଡଲାରର ମୂଲ୍ୟ କେବଳ ମୁଦ୍ରା ବିନିମୟ ମୂଲ୍ୟରେ ନୁହେଁ, ବରଂ ବିଶ୍ୱର ପ୍ରାଧାନ୍ୟରେ ରହିଛି ଯାହା ସମଗ୍ର ବିଶ୍ୱକୁ ନିଜ ଭିତରେ ବାନ୍ଧି ରଖିଛି।

ଏହି ସମଗ୍ର ଦୃଶ୍ୟକୁ ବୁଝିବା ଆବଶ୍ୟକ କାରଣ ଏହା କେବଳ ବାଣିଜ୍ୟ ଚୁକ୍ତି ନୁହେଁ, ଏହା ହେଉଛି ଗଭୀର ସଙ୍କଟ ଏବଂ ବିଶ୍ୱ ବ୍ୟବସ୍ଥାର ବାସ୍ତବତା ଯେଉଁଥିରେ ପ୍ରତ୍ୟେକ ଦେଶ ସମାନ ଶକ୍ତି ଆଗରେ ପ୍ରଣାମ କରନ୍ତି । ଋଷ ଏହି ସମଗ୍ର ଘଟଣାରୁ ଭାରତ ଅନେକ ଗଭୀର ଶିକ୍ଷା ଗ୍ରହଣ କରିବା ଉଚିତ ।

ସର୍ବପ୍ରଥମେ, ବିଶ୍ୱ ଅର୍ଥନୀତିରେ ଭାବନା କିମ୍ବା ଆଦର୍ଶ ବିରୋଧ ଅପେକ୍ଷା ଅର୍ଥନୈତିକ ବାସ୍ତବତା ଅଧିକ ଗୁରୁତ୍ୱପୂର୍ଣ୍ଣ । ଆମେରିକା ସହିତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରି ଋଷ ଦର୍ଶାଇଛି ଯେ ବଞ୍ଚିବା ଏବଂ ଅର୍ଥନୈତିକ ସୁରକ୍ଷା କଥା ହେଲେ କୌଣସି ଦେଶ ଏହାର ନୀତିରୁ ବିଚ୍ୟୁତ ହୋଇପାରିବ। ଭାରତ ବୁଝିବା ଆବଶ୍ୟକ ଯେ କେବଳ ଏକ ବିକଳ୍ପ ମୁଦ୍ରା କଳ୍ପନା କରିବା କିମ୍ବା ରାଜନୈତିକ ଘୋଷଣା କରିବା ଯଥେଷ୍ଟ ନୁହେଁ; ପ୍ରକୃତ ଶକ୍ତି ବିଶ୍ୱାସ ଏବଂ ଗ୍ରହଣରେ ଅଛି ଯାହା ଦଶନ୍ଧି ଧରି ଡଲାର ଅର୍ଜନ କରିଛି ।

ଭାରତ ମଧ୍ୟ ଶିଖିବା ଉଚିତ ଯେ ଅର୍ଥନୈତିକ ଆତ୍ମନିର୍ଭରଶୀଳତା କେବଳ ସ୍ଲୋଗାନ ଦେଇ ଆସେ ନାହିଁ। ଯଦି ଆମେ ପ୍ରକୃତରେ ଡଲାରର ପ୍ରାଧାନ୍ୟକୁ ଚ୍ୟାଲେଞ୍ଜ କରିବାକୁ ଚାହୁଁ, ତେବେ ଆମର ମୁଦ୍ରାକୁ ସର୍ବଭାରତୀୟ ସ୍ତରରେ ଗ୍ରହଣୀୟ କରିବାକୁ ଆମକୁ ଠୋସ୍ ପଦକ୍ଷେପ ନେବାକୁ ପଡିବ । ଏହାର ଅର୍ଥ ହେଉଛି ଆମର ଅର୍ଥନୀତି ଏତେ ଶକ୍ତିଶାଳୀ ହେବା ଉଚିତ ଯେ ବିଦେଶୀ ନିବେଶକ ଏବଂ ବ୍ୟବସାୟୀମାନେ ଭାରତୀୟ ଟଙ୍କା ଉପରେ ବିଶ୍ୱାସ କରନ୍ତି । ଏଥିପାଇଁ ଆମକୁ ଆମର ଆର୍ଥିକ ପ୍ରତିଷ୍ଠାନଗୁଡ଼ିକୁ ସ୍ୱଚ୍ଛ ଏବଂ ବିଶ୍ୱସନୀୟ କରିବାକୁ, ଆମର ରପ୍ତାନି ବୃଦ୍ଧି କରିବାକୁ ଏବଂ ବୈଷୟିକ ଉଦ୍ଭାବନରେ ଅଗ୍ରଣୀ ହେବାକୁ ପଡିବ ।

ଅନ୍ୟ ଏକ ଶିକ୍ଷା ହେଉଛି ବିଶ୍ୱ ରାଜନୀତିର ଗତିଶୀଳତା ଶୀଘ୍ର ବଦଳିଯାଏ। ରୁଷର ହଠାତ୍ ଓଲଟା ଦେଖାଏ ଯେ କୌଣସି ଦେଶକୁ ସ୍ଥାୟୀ ଭାବେ ବିଶ୍ୱାସ କରାଯାଇପାରିବ ନାହିଁ । ଭାରତକୁ ଏହାର ବୈଦେଶିକ ନୀତିରେ ସନ୍ତୁଳନ ବଜାୟ ରଖିବାକୁ ପଡିବ। ଆମକୁ ଆମେରିକା, ଋଷ ଏବଂ ଚୀନ୍ ସହିତ ଆମର ସମ୍ପର୍କକୁ ଏପରି ଭାବରେ ଗଠନ କରିବାକୁ ପଡିବ ଯେ କୌଣସି ଉପରେ ଅତ୍ୟଧିକ ନିର୍ଭରଶୀଳତା ନାହିଁ ।

ତେଣୁ ଡଲାରର ପ୍ରକୃତ ମୂଲ୍ୟ ହେଉଛି ଏହାର ଶକ୍ତି । ଯେପର୍ଯ୍ୟନ୍ତ ବିଶ୍ୱର ପୁଞ୍ଜିପତି ବ୍ୟବସ୍ଥା ଏହା ଉପରେ ଆଧାରିତ ସେପର୍ଯ୍ୟନ୍ତ ଏହି ଶକ୍ତି ଜାରି ରହିବ।

ସୁଜନପୁର, ଯାଜପୁର
ମୋ-୯୪୩୭୨୮୮୦୨୮

# ରିଲ୍‌ସ ପାଇଁ ସଂକଟରେ ଜୀବନ

**ଯାଜ୍ଞସେନୀ ବେହେରା**

ଆଜିର ଦୁନିଆରେ ସାମାଜିକ ଗଣମାଧ୍ୟମ ମଣିଷର ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଛି। ଫେସବୁକ୍, ଇନ୍‌ଷ୍ଟାଗ୍ରାମ, ୟୁଟ୍ୟୁବର ଓ ଅନ୍ୟାନ୍ୟ ସାମାଜିକ ଗଣମାଧ୍ୟମରେ ଛୋଟ ଛୋଟ ଭିଡିଓ ବା ରିଲ୍‌ସ ଦେଖିବା ଓ ତିଆରି କରିବା ଏକ ଲୋକପ୍ରିୟ ପ୍ରବୃତ୍ତି ହୋଇଛି।
ରିଲ୍‌ସ ମାଧ୍ୟମରେ ଲୋକମାନେ ନିଜର ପ୍ରତିଭା ପ୍ରଦର୍ଶନ କରୁଛନ୍ତି, ମନୋରଞ୍ଜନ କରୁଛନ୍ତି ଏବଂ ବିଭିନ୍ନ ତଥ୍ୟ ଜାଣିପାରୁଛନ୍ତି। କିନ୍ତୁ ଏହାର ଅତ୍ୟଧିକ ବ୍ୟବହାର ଆଜି ବ୍ୟକ୍ତି ,ପରିବାର , ଛାତ୍ରମାନେ ଓ ସମଗ୍ର ସମାଜ ପାଇଁ ଏକ ଚିନ୍ତାଜନକ ବିଷୟ ହୋଇଛି। ତେଣୁ ରିଲ୍‌ସର ଅପବ୍ୟବହାର ଏବଂ ଏହାର କୁପ୍ରଭାବ ସମ୍ପର୍କରେ ଆଲୋଚନା କରିବା ଆବଶ୍ୟକ।



ଏହାର ପ୍ରଭାବ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବାଧା ସୃଷ୍ଟି କରିଥାଏ। ପାଠପଢ଼ା ସମୟରେ ବାରମ୍ବାର ମୋବାଇଲ୍ ଦେଖିବା ଦ୍ୱାରା ମନ ଭଙ୍ଗ ହୁଏ । ଏହାର ପ୍ରଭାବରେ ପାଠ ବୁଝିବା, ମନେ ରଖିବା ଏବଂ ପରୀକ୍ଷା ପାଇଁ ପ୍ରସ୍ତୁତି କରିବା କଷ୍ଟକର ହୋଇପାରେ।
ଏବେ କିଛିଦିନ ତଳେ ପୁରୀଠାରେ ଜଣେ ଯୁବକ ନାଗ ସାପ ସହ ରିଲ୍‌ସ କରିବା ତାକୁ ମହଙ୍ଗା ପଡ଼ିଲା । ଭିଡିଓ କରିବା ସମୟରେ ସାପ ଦଂଶନରେ ତାର ମୃତ୍ୟୁ ହୋଇଗଲା।
ସାମାଜିକ ଗଣମାଧ୍ୟମରେ ଅନେକ ଲୋକ ନିଜ ଜୀବନର କେବଳ ସୁନ୍ଦର ଓ ଆକର୍ଷଣୀୟ ଦିଗଗୁଡ଼ିକ ପ୍ରଦର୍ଶନ କରନ୍ତି। ଏହା ଦେଖି ଅନ୍ୟମାନେ ନିଜ ଜୀବନକୁ ଅନ୍ୟମାନଙ୍କ ସହ ତୁଳନା କରି ହୀନମନ୍ୟତାର ଶିକାର ହୋଇପାରନ୍ତି।
ଅନ୍ୟମାନଙ୍କ ଭିଡ଼ିଓରେ ଅଧିକ ଲାଇକ, କମେଣ୍ଟ ଓ ଫଲୋଓର ଦେଖି କେତେକ ଲୋକ ନିଜକୁ ଅଯୋଗ୍ୟମାନେ କରନ୍ତି। ଏହି ତୁଳନା ଦୀର୍ଘ ସମୟ ଧରି ଚାଲିଲେ ମାନସିକ ଚାପ। ଅସନ୍ତୋଷ, ଉଦ୍‌ବେଗ ଓ ଆତ୍ମବିଶ୍ୱାସରେ ଅଭାବ ସୃଷ୍ଟି ହୋଇପାରେ।
ଏହି ଅଭ୍ୟାସ ଦୈନନ୍ଦିନ ଜୀବନର ନିୟମିତକୁ ନଷ୍ଟ କରିବା ସହିତ ଅନ୍ୟ କାର୍ଯ୍ୟ ପ୍ରତି ଆଗ୍ରହ କମାଇପାରେ। କେତେକ ରିଲ୍‌ସରେ ଅଶାଳୀନ ଭାଷା, ଅନୁଚିତ ନୃତ୍ୟ ଓ ଅଶୋଭନୀୟ ବିଷୟ ବସ୍ତୁ ପ୍ରଦର୍ଶିତ ହୁଏ। ଏପରି ଭିଡିଓ ବିଶେଷ କରି କମ୍ ବୟସର ପିଲାମାନଙ୍କ ମନୋଭାବ ଓ ବ୍ୟବହାରକୁ ପ୍ରଭାବିତ କରିପାରେ। ତେବେ ସେମାନଙ୍କ ମଧ୍ୟରେ ଅନୁଚିତ ଭାଷା , ଅସମ୍ମାନ ଜନକ ଆଚରଣ ଓ ଭୁଲ ଧାରଣା ବିକଶିତ ହୋଇପାରେ।
କେତେକ ଲୋକ ଅଧିକ ଲାଇକ ଓ ଫଲୋଓର ପାଇବା ଆଶାରେ ରାସ୍ତା ମଝିରେ ନୃତ୍ୟ କରିବା, ଚଳନ୍ତା ଗାଡ଼ିରେ ଭିଡିଓ ତିଆରି କରିବା, ଉଚ୍ଚ ସ୍ଥାନରେ ବିପଦଜନକ କାର୍ଯ୍ୟ କରିବା ଓ ଅନ୍ୟାନ୍ୟ ଜୀବନ ପ୍ରତି ବିପଦପୂର୍ଣ୍ଣ କାର୍ଯ୍ୟ କରନ୍ତି। ଏପରି ଭିଡିଓ ଦେଖି ଯୁବ ପିଢ଼ି ସେଗୁଡିକ ଅନୁକରଣ କରିପାରନ୍ତି।
ଫଳରେ ଦୁର୍ଘଟଣା, ଗୁରୁତର ଆଘାତ ଏବଂ ଜୀବନହାନିର ଆଶଙ୍କା ରହିଥାଏ। କେବଳ କିଛି ସେକେଣ୍ଡର ଭିଡିଓ ପାଇଁ ନିଜ ଜୀବନକୁ ବିପଦରେ ପକାଇବା ଆଦୌ ବୁଦ୍ଧିମାନ କାର୍ଯ୍ୟ ନୁହେଁ। ବର୍ତ୍ତମାନର କେତେକ ଲୋକ ନିଜର ସଫଳତାକୁ ଲାଇକ ଭିଉ ଓ ଫଲୋଅର ସଂଖ୍ୟାରେ ମାପୁଛନ୍ତି।
ଏହି ମାନସିକତା ଯୋଗୁଁ ସେମାନେ ଅଧିକ ଲୋକପ୍ରିୟ ହେବା ପାଇଁ ଏହିପରି କରନ୍ତି। ଏହା ମଣିଷର ପ୍ରକୃତ ପ୍ରତିଭା, ପରିଶ୍ରମ ଚରିତ୍ର ଓ ନୈତିକ ମୂଲ୍ୟବୋଧ ଠାରୁ ଅଧିକ ଦେଖାଣିଆ ଜୀବନକୁ ଗୁରୁତ୍ୱ ଦେବାରେ ପ୍ରବୃତ୍ତି ବଢାଇପାରେ।
ରିଲ୍‌ସ ଆମ ଜୀବନର ଏକ ଛୋଟ ଅଂଶ ହେବା ଉଚିତ, ଆମ ଜୀବନର ଲକ୍ଷ୍ୟ ନୁହେଁ । ରିଲସ୍ ପାଇଁ ଆମେ ଜୀବନକୁ ବାଜି ଲଗେଇବା ଦରକାର ନାହିଁ। ଛୋଟ ପିଲାମାନଙ୍କର ଅଭିଭାବକମାନେ ହିଁ ଦାୟିତ୍ୱ ନେବା ଉଚିତ। ପ୍ରଯୁକ୍ତି ଆମକୁ ନିୟନ୍ତ୍ରଣ ନ କରୁ, ବରଂ ଆମେ ପ୍ରଯୁକ୍ତିକୁ ନିୟନ୍ତ୍ରଣ କରିବା ।

କଟକ, ମୋ- ୮୭୬୩୨୪୪୬୧୮

# ଧୈର୍ଯ୍ୟବାନ ବ୍ୟକ୍ତି ବୁଝିବାକୁ ଚେଷ୍ଟା କରନ୍ତି

**ଡ. ଅମୂଲ୍ୟ କୁମାର ପଣ୍ଡା**

> ଧୈର୍ଯ୍ୟ ଏକ ଏପରି ଗୁଣ, ଯାହାକୁ ନିୟମିତ ଅଭ୍ୟାସ ଦ୍ୱାରା ବିକଶିତ କରାଯାଇପାରେ। ଏହା ଜନ୍ମରୁ ସମସ୍ତଙ୍କ ଠାରେ ସମାନ ଭାବରେ ଥାଏ ନାହିଁ। ଦୈନନ୍ଦିନ ଜୀବନରେ କିଛି ଭଲ ଅଭ୍ୟାସ ଗ୍ରହଣ କରି ଆମେ ନିଜର ଧୈର୍ଯ୍ୟ ବଢ଼ାଇପାରିବା। କୌଣସି ସମସ୍ୟା ଆସିଲେ ସଙ୍ଗେ ସଙ୍ଗେ ପ୍ରତିକ୍ରିୟା ନ ଦେଇ କିଛି ସମୟ ନେଇ ଚିନ୍ତା କରିବା ଉଚିତ। ଏହା ଆମକୁ ଆବେଗରେ ଭୁଲ ନିଷ୍ପତ୍ତି ନେବାରୁ ରକ୍ଷା କରେ। ନିଜ ଜୀବନରେ ବାସ୍ତବସମ୍ମତ ଲକ୍ଷ୍ୟ ରଖିବା ଆବଶ୍ୟକ। ବଡ଼ ଲକ୍ଷ୍ୟକୁ ଛୋଟ ଛୋଟ ପଦକ୍ଷେପରେ ବିଭକ୍ତ କଲେ ତାହାକୁ ହାସଲ କରିବା ସହଜ ହୁଏ। ପ୍ରତିଦିନ ଅଳ୍ପ ଅଳ୍ପ ଉନ୍ନତି କରିବା ଦ୍ୱାରା ଆତ୍ମବିଶ୍ୱାସ ବଢ଼େ।

ମଣିଷ ଜୀବନ ହେଉଛି ସୁଖ ଓ ଦୁଃଖ, ହସ ଓ କାନ୍ଦ, ସଫଳତା, ବିଫଳତା, ଆଶା ଓ ନିରାଶାର ଏକ ଅପୂର୍ବ ସମନ୍ୱୟ। ଜୀବନର ପ୍ରତ୍ୟେକ ପଥରେ ମଣିଷକୁ ନାନା ପ୍ରକାରର ପରିସ୍ଥିତିର ସାମ୍ନା କରିବାକୁ ପଡ଼େ। କେତେବେଳେ ଜୀବନ ଫୁଲର ଶଯ୍ୟା ପରି ମନେ ହୁଏ, ତ ଆଉ କେତେବେଳେ ଏହା କଣ୍ଟକପୂର୍ଣ୍ଣ ପଥ ପରି ଅନୁଭବ ହୁଏ। ଏହିସବୁ ପରିସ୍ଥିତି ମଧ୍ୟରେ ଯେଉଁ ଗୁଣ ମଣିଷକୁ ଦୃଢ଼ ଭାବରେ ଆଗକୁ ବଢ଼ିବାର ଶକ୍ତି ଦିଏ, ତାହା ହେଉଛି ଧୈର୍ଯ୍ୟ। ଧୈର୍ଯ୍ୟ ମଣିଷର ଏକ ମହାନ ଗୁଣ। ଏହା ମଣିଷକୁ ବିପଦରେ ଭାଙ୍ଗି ନ ପଡ଼ିବାକୁ, ବିଫଳତାରେ ହତାଶ ନହେବାକୁ ଏବଂ ସଫଳତା ପାଇଁ ନିରନ୍ତର ପରିଶ୍ରମ କରିବାକୁ ପ୍ରେରଣା ଦିଏ। ଜୀବନରେ ଧନ, ଜ୍ଞାନ, ଶକ୍ତି ଓ ପ୍ରତିଭାର ମହତ୍ତ୍ୱ ରହିଛି; କିନ୍ତୁ ଏହି ସବୁ ଗୁଣକୁ ଉପଯୁକ୍ତ ଭାବରେ ବ୍ୟବହାର କରିବା ପାଇଁ ଧୈର୍ଯ୍ୟ ଅତ୍ୟନ୍ତ ଆବଶ୍ୟକ। ତେଣୁ ଧୈର୍ଯ୍ୟକୁ ମଣିଷ ଜୀବନର ଏକ ଅମୂଲ୍ୟ ସମ୍ପଦ ବୋଲି କୁହାଯାଏ। ଧୈର୍ଯ୍ୟର ସାଧାରଣ ଅର୍ଥ ହେଉଛି ଧୀରସ୍ଥିର ମନରେ ପରିସ୍ଥିତିକୁ ସାମ୍ନା କରିବା, ଉଚିତ ସମୟକୁ ଅପେକ୍ଷା କରିବା ଏବଂ ବାଧାବିଘ୍ନ ସତ୍ତ୍ୱେ ନିଜର ଲକ୍ଷ୍ୟ ଦିଗରେ ଆଗେଇ ଚାଲିବା। ଧୈର୍ଯ୍ୟର ଅର୍ଥ ନିଷ୍କ୍ରିୟ ହୋଇ ବସି ରହିବା ନୁହେଁ। ବରଂ ଠିକ୍ ସମୟରେ ଠିକ୍ କାମ କରିବା ଏବଂ ଫଳ ପାଇବା ପର୍ଯ୍ୟନ୍ତ ନିଜର ଉଦ୍ୟମ ଜାରି ରଖିବା ହିଁ ପ୍ରକୃତ ଧୈର୍ଯ୍ୟ। ଜଣେ ଧୈର୍ଯ୍ୟବାନ ବ୍ୟକ୍ତି ତୁରନ୍ତ ଫଳ ନ ମିଳିଲେ ନିରାଶ ହୁଏ ନାହିଁ। ସେ ନିଜର ଭୁଲକୁ ଚିହ୍ନିବା ସହିତ ତାହାର ସଂଶୋଧନ କରେ। କ୍ରୋଧ ଆସିଲେ ମଧ୍ୟ ନିଜର ବାଣୀ ଓ ବ୍ୟବହାର ଉପରେ ନିୟନ୍ତ୍ରଣ ରଖେ। ଅନ୍ୟମାନଙ୍କର ଭୁଲକୁ ବୁଝିବାକୁ ଚେଷ୍ଟା କରେ ଏବଂ ଅସୁବିଧା ସମୟରେ ମଧ୍ୟ ଆଶା ହରାଏ ନାହିଁ। ଧୈର୍ଯ୍ୟ ହେଉଛି ମନର ସ୍ଥିରତା, ଚିନ୍ତାର ପରିପକ୍ୱତା ଓ କାର୍ଯ୍ୟରେ ନିୟମିତତାର ପରିଚୟ। ଏହା ମଣିଷକୁ ଆବେଗରେ ଭୁଲ ନିଷ୍ପତ୍ତି ନେବାରୁ ରକ୍ଷା କରେ। ତେଣୁ ଧୈର୍ଯ୍ୟ କେବଳ ଅପେକ୍ଷା କରିବାର ଗୁଣ ନୁହେଁ, ଏହା ହେଉଛି ବିବେକ ଓ ଆତ୍ମସଂଯମର ଏକ ମହାନ ରୂପ।

ମଣିଷ ଜୀବନରେ ଧୈର୍ଯ୍ୟର ଆବଶ୍ୟକତା ପ୍ରତ୍ୟେକ କ୍ଷେତ୍ରରେ ରହିଛି। ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ମଣିଷ ବିଭିନ୍ନ ଅନୁଭୂତି ଓ ପରିସ୍ଥିତି ଦେଇ ଗତି କରେ। ଶୈଶବରେ ଶିଶୁ ଚାଲିବା, କଥା କହିବା ଓ ନୂଆ କଥା ଶିଖିବା ପାଇଁ ଅଭ୍ୟାସ କରେ। ଯୁବାବସ୍ଥାରେ ମଣିଷ ଶିକ୍ଷା, ଚାକିରି, ବ୍ୟବସାୟ ଓ ଜୀବନର ଲକ୍ଷ୍ୟ ହାସଲ ପାଇଁ ପରିଶ୍ରମ କରେ। ବୃଦ୍ଧାବସ୍ଥାରେ ମଧ୍ୟ ଧୈର୍ଯ୍ୟ ଓ ସହନଶୀଳତା ଜୀବନକୁ ସୁନ୍ଦର କରେ। ଧୈର୍ଯ୍ୟବାନ ମଣିଷ ସମସ୍ୟାକୁ ନିଜ ଜୀବନର ଶେଷ ବୋଲି ଭାବେ ନାହିଁ। ସେ ସମସ୍ୟାର କାରଣ ଖୋଜେ, ସମାଧାନର ଉପାୟ ଚିନ୍ତା କରେ ଏବଂ ଆବଶ୍ୟକ ହେଲେ ଅନ୍ୟମାନଙ୍କର ସାହାଯ୍ୟ ନିଏ। ଏହି ଗୁଣ ତାକୁ ଅଧିକ ଅଭିଜ୍ଞ, ସଚେତନ ଓ ଦାୟିତ୍ୱବାନ କରିଥାଏ। ସଫଳତା ଏକ ଦିନରେ ମିଳେ ନାହିଁ। ଏହା ପଛରେ ରହିଥାଏ ଦୀର୍ଘଦିନର ପରିଶ୍ରମ, ଅଭ୍ୟାସ, ଆତ୍ମବିଶ୍ୱାସ ଓ ଧୈର୍ଯ୍ୟ। ଯେଉଁ ବ୍ୟକ୍ତି ସାମାନ୍ୟ ବାଧା ଦେଖି ନିଜର ଉଦ୍ୟମ ଛାଡ଼ିଦିଏ, ସେ ଅନେକ ସମୟରେ ନିଜର ଲକ୍ଷ୍ୟରେ ପହଞ୍ଚିପାରେ ନାହିଁ। କିନ୍ତୁ ଯିଏ ବାଧାବିଘ୍ନକୁ ଶିକ୍ଷାର ସୁଯୋଗ ଭାବରେ ଗ୍ରହଣ କରେ, ସେ ଧୀରେ ଧୀରେ ଉନ୍ନତି କରେ। ଛାତ୍ରଜୀବନ ମଣିଷର ଭବିଷ୍ୟତ ଗଠନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟ। ଏହି ସମୟରେ ଛାତ୍ରଛାତ୍ରୀମାନେ ଜ୍ଞାନ ଅର୍ଜନ କରିବା ସହିତ ଶୃଙ୍ଖଳା, ସମୟାନୁବର୍ତ୍ତିତା, ପରିଶ୍ରମ ଓ ଧୈର୍ଯ୍ୟ ପରି ଗୁଣ ଶିଖିଥାନ୍ତି। ପାଠପଢ଼ାରେ ସବୁ ବିଷୟ ସହଜ ଲାଗେ ନାହିଁ। କେତେକ ବିଷୟ ବୁଝିବା ପାଇଁ ବାରମ୍ବାର ପଢ଼ିବାକୁ ପଡ଼େ। ଗଣିତର ଏକ ଜଟିଳ ପ୍ରଶ୍ନ ସମାଧାନ କରିବାକୁ ଅନେକ ଚେଷ୍ଟା କରିବାକୁ ହୁଏ। ବିଜ୍ଞାନର କୌଣସି ଧାରଣା ବୁଝିବା ପାଇଁ ଉଦାହରଣ ଓ ପ୍ରୟୋଗର ସାହାଯ୍ୟ ନେବାକୁ ପଡ଼େ। ଏପରି ସମୟରେ ଛାତ୍ର ଯଦି ଅଧୈର୍ଯ୍ୟ ହୋଇ ପାଠ ଛାଡ଼ିଦିଏ, ତେବେ ତାହାର ଶିକ୍ଷା ଅସମ୍ପୂର୍ଣ୍ଣ ରହିପାରେ। ଧୈର୍ଯ୍ୟବାନ ଛାତ୍ର ଜାଣେ ଯେ ଜ୍ଞାନ ଅର୍ଜନ ଏକ ନିରନ୍ତର ପ୍ରକ୍ରିୟା। ଆଜି ଯାହା କଷ୍ଟକର ଲାଗୁଛି, ନିୟମିତ ଅଭ୍ୟାସ ଦ୍ୱାରା ତାହା ଆସନ୍ତାକାଲି ସହଜ ହୋଇପାରେ। ତେଣୁ ଛାତ୍ରଜୀବନରେ ଧୈର୍ଯ୍ୟ ହେଉଛି ଉଜ୍ଜ୍ୱଳ ଭବିଷ୍ୟତର ଏକ ମୂଳଦୁଆ।
ଧୈର୍ଯ୍ୟ ମଣିଷକୁ ଏହି ଶିକ୍ଷା ଦିଏ ଯେ କୌଣସି କଠିନ ପରିସ୍ଥିତି ସବୁବେଳେ ଏକାପରି ରହେ ନାହିଁ। ସମୟ ସହିତ ପରିସ୍ଥିତି ବଦଳିପାରେ। ଆଜିର ଅନୁଭବ ଆଗାମୀ ଦିନରେ ଆମକୁ ଅଧିକ ସଚେତନ ଓ ଅଭିଜ୍ଞ କରିପାରେ। ତେବେ ଧୈର୍ଯ୍ୟର ଅର୍ଥ ଦୁଃଖକୁ ନିରବରେ ସହିବା ମାତ୍ର ନୁହେଁ। କୌଣସି ସମସ୍ୟା ଅସହ୍ୟ ହେଲେ ପରିବାର, ବନ୍ଧୁ, ଶିକ୍ଷକ କିମ୍ବା ବିଶ୍ୱସ୍ତ ବ୍ୟକ୍ତିଙ୍କ ସାହାଯ୍ୟ ନେବା ମଧ୍ୟ ବୁଦ୍ଧିମତାର ପରିଚୟ। ସାହାଯ୍ୟ ଗ୍ରହଣ କରିବା ଦୁର୍ବଳତା ନୁହେଁ; ଏହା ହେଉଛି ସମସ୍ୟାର ସମାଧାନ ପାଇଁ ଏକ ସାହସିକ ପଦକ୍ଷେପ। ମଣିଷ ଏକ ସାମାଜିକ ପ୍ରାଣୀ। ସେ ଏକାକୀ ଜୀବନଯାପନ କରିପାରେ ନାହିଁ। ସମାଜରେ ବସବାସ କରିବା ପାଇଁ ଅନ୍ୟମାନଙ୍କର ଭାବନା, ଅଧିକାର ଓ ମତାମତକୁ ସମ୍ମାନ ଦେବା ଆବଶ୍ୟକ। ଏହି କାର୍ଯ୍ୟରେ ଧୈର୍ଯ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଗୁଣ। ସମାଜରେ ବିଭିନ୍ନ ଧର୍ମ, ଭାଷା, ସଂସ୍କୃତି ଓ ଚିନ୍ତାଧାରାର ଲୋକ ରହନ୍ତି। ସମସ୍ତଙ୍କର ମତାମତ ଏକାପରି ହେବା ସମ୍ଭବ ନୁହେଁ। ଯଦି ମଣିଷ ଅନ୍ୟର ମତକୁ ଶୁଣିବା ପୂର୍ବରୁ ତାହାକୁ ଭୁଲ ବୋଲି କହିଦିଏ, ତେବେ ସମାଜରେ ବିବାଦ ବଢ଼ିପାରେ। କିନ୍ତୁ ଧୈର୍ଯ୍ୟର ସହିତ ଅନ୍ୟର କଥା ଶୁଣିବା ଓ ଯୁକ୍ତି ଦ୍ୱାରା ମତଭେଦର ସମାଧାନ କରିବା ଦ୍ୱାରା ସାମାଜିକ ଏକତା ଦୃଢ଼ ହୁଏ। ଧୈର୍ଯ୍ୟବାନ ବ୍ୟକ୍ତି ଅନ୍ୟମାନଙ୍କୁ ଅପମାନିତ କରିବା ପରିବର୍ତ୍ତେ ସେମାନଙ୍କୁ ବୁଝିବାକୁ ଚେଷ୍ଟା କରେ। ସେ ଅନ୍ୟାୟକୁ ସମର୍ଥନ କରେ ନାହିଁ, କିନ୍ତୁ ଅନ୍ୟାୟର ପ୍ରତିବାଦ ମଧ୍ୟ ସଂଯମ ଓ ବିବେକର ସହିତ କରେ। ତେଣୁ ଶାନ୍ତିପୂର୍ଣ୍ଣ ଓ ସୁସ୍ଥ ସମାଜ ଗଠନ ପାଇଁ ଧୈର୍ଯ୍ୟ ଅତ୍ୟନ୍ତ ଆବଶ୍ୟକ। ପ୍ରକୃତି ହେଉଛି ଧୈର୍ଯ୍ୟର ଏକ ମହାନ ଶିକ୍ଷକ। ପ୍ରକୃତିର ପ୍ରତ୍ୟେକ ଉପାଦାନ ଆମକୁ ନିରବରେ ଧୈର୍ଯ୍ୟର ମହତ୍ତ୍ୱ ବୁଝାଇଥାଏ। ଏକ ଛୋଟ ମଞ୍ଜି ମାଟି ଭିତରେ ପଡ଼ି ଧୀରେ ଧୀରେ ଅଙ୍କୁରିତ ହୁଏ। ତାହାକୁ ଏକ ବଡ଼ ଗଛ ହେବା ପାଇଁ ସମୟ ଲାଗେ। ଗଛ ଫୁଲ ଓ ଫଳ ଦେବା ପୂର୍ବରୁ ଅନେକ ଋତୁର ପରିବର୍ତ୍ତନକୁ ସହ୍ୟ କରେ। ନଦୀ ପଥର ଓ ପାହାଡ଼ ମଧ୍ୟରେ ନିଜର ପଥ ଖୋଜି ଆଗକୁ ବହିଯାଏ। ସୂର୍ଯ୍ୟ ପ୍ରତିଦିନ ଉଦୟ ହୋଇ ଆମକୁ ଆଲୋକ ଓ ଉଷ୍ମତା ପ୍ରଦାନ କରେ। ପ୍ରକୃତିର ଏହି ଦୃଶ୍ୟଗୁଡ଼ିକ ଆମକୁ ଶିଖାଏ ଯେ ବଡ଼ ପରିବର୍ତ୍ତନ ପାଇଁ ସମୟ ଓ ନିରନ୍ତର ପ୍ରୟାସ ଆବଶ୍ୟକ। ମଣିଷ ମଧ୍ୟ ଯଦି ନିଜର ଲକ୍ଷ୍ୟ ପାଇଁ ଧୈର୍ଯ୍ୟର ସହିତ କାମ କରେ, ତେବେ ସେ ଧୀରେ ଧୀରେ ନିଜର ଦକ୍ଷତା ଓ ଜ୍ଞାନକୁ ବଢ଼ାଇପାରିବ।

ଧୈର୍ଯ୍ୟ ଏକ ଏପରି ଗୁଣ, ଯାହାକୁ ନିୟମିତ ଅଭ୍ୟାସ ଦ୍ୱାରା ବିକଶିତ କରାଯାଇପାରେ। ଏହା ଜନ୍ମରୁ ସମସ୍ତଙ୍କ ଠାରେ ସମାନ ଭାବରେ ଥାଏ ନାହିଁ। ଦୈନନ୍ଦିନ ଜୀବନରେ କିଛି ଭଲ ଅଭ୍ୟାସ ଗ୍ରହଣ କରି ଆମେ ନିଜର ଧୈର୍ଯ୍ୟ ବଢ଼ାଇପାରିବା। କୌଣସି ସମସ୍ୟା ଆସିଲେ ସଙ୍ଗେ ସଙ୍ଗେ ପ୍ରତିକ୍ରିୟା ନ ଦେଇ କିଛି ସମୟ ନେଇ ଚିନ୍ତା କରିବା ଉଚିତ। ଏହା ଆମକୁ ଆବେଗରେ ଭୁଲ ନିଷ୍ପତ୍ତି ନେବାରୁ ରକ୍ଷା କରେ। ନିଜ ଜୀବନରେ ବାସ୍ତବସମ୍ମତ ଲକ୍ଷ୍ୟ ରଖିବା ଆବଶ୍ୟକ। ବଡ଼ ଲକ୍ଷ୍ୟକୁ ଛୋଟ ଛୋଟ ପଦକ୍ଷେପରେ ବିଭକ୍ତ କଲେ ତାହାକୁ ହାସଲ କରିବା ସହଜ ହୁଏ। ପ୍ରତିଦିନ ଅଳ୍ପ ଅଳ୍ପ ଉନ୍ନତି କରିବା ଦ୍ୱାରା ଆତ୍ମବିଶ୍ୱାସ ବଢ଼େ। ନିୟମିତ ପାଠପଢ଼ା, ଯୋଗ, ଧ୍ୟାନ, ପ୍ରାର୍ଥନା ଓ ଶାନ୍ତ ଭାବରେ କିଛି ସମୟ ଅତିବାହିତ କରିବା ମନକୁ ସ୍ଥିର କରିବାରେ ସାହାଯ୍ୟ କରିପାରେ। ବିଫଳତାକୁ ନିଜର ଅକ୍ଷମତାର ପ୍ରମାଣ ବୋଲି ନ ଭାବି ତାହାରୁ ଶିକ୍ଷା ଗ୍ରହଣ କରିବା ଆବଶ୍ୟକ। ନିଜର ଭୁଲକୁ ସ୍ୱୀକାର କରି ସଂଶୋଧନ କରିବା ଧୈର୍ଯ୍ୟର ଏକ ମହତ୍ତ୍ୱପୂର୍ଣ୍ଣ ଲକ୍ଷଣ। ଧୈର୍ଯ୍ୟ ଆମକୁ ଶିଖାଏ ଯେ ପ୍ରତ୍ୟେକ ଭୁଲ ଏକ ନୂଆ ଶିକ୍ଷାର ସୁଯୋଗ। ଆତ୍ମବିଶ୍ୱାସ ଆମକୁ ଶିଖାଏ ଯେ ଆମେ ଚେଷ୍ଟା କରିବାକୁ ସକ୍ଷମ। ଏହି ଦୁଇଟି ଗୁଣ ଏକାଠି ରହିଲେ ମଣିଷ ନିଜର ଦୁର୍ବଳତାକୁ ଚିହ୍ନି ତାହାକୁ ଦୂର କରିବା ପାଇଁ ଉଦ୍ୟମ କରିପାରେ। ଧୈର୍ଯ୍ୟ ହେଉଛି ମଣିଷ ଜୀବନର ଏକ ଅମୂଲ୍ୟ ଅଳଙ୍କାର।

ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

CMYK
14..10.2026.pmd 1 9/24/2026, 6:27 AM

## ହରଭଙ୍ଗା ବ୍ଲକ୍‌ରେ ଯୁଗ୍ମ ଅଭିଯୋଗ ଶୁଣାଣି

ବୌଦ୍ଧ,୧୩।୧୦ (ନିପ୍ର):ଲୋକଙ୍କ ସମସ୍ୟାର ତ୍ୱରିତ ସମାଧାନ ଏବଂ ପ୍ରଶାସନିକ ସେବାକୁ ଅଧିକ ଜନମୁଖୀ କରିବା ଲକ୍ଷ୍ୟରେ ବୌଦ୍ଧ ଜିଲ୍ଲା ହରଭଙ୍ଗା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ କୁଳଦୀପ ମୀନାଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଶତାଧିକ ଜନସାଧାରଣ ନିଜ ଅଭିଯୋଗ ଉପସ୍ଥାପନ କରିଥିଲେ। ଏହି ଶିବିରରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ମହେନ୍ଦ୍ର କୁମାର ସାହୁ,ହରଭଙ୍ଗା ବିଡିଓ ତଥା ତହସିଲଦାର କର୍ଣ୍ଣ ସୁନା,ଡେପୁଟି କଲେକ୍ଟର ଜ୍ୟୋତି ରଞ୍ଜନ ଭୁଏ, ରଶ୍ମିରେଖା ନାୟକ ପ୍ରମୁଖ ଉପସ୍ଥିତ ଥିଲେ କ୍ଷ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ଶୁଣାଣିରେ ସହଯୋଗ କରିଥିଲେ। ମୋଟ ୮୬ ଟି ଅଭିଯୋଗ ମଧ୍ୟରୁ ୮୧ଟି ବ୍ୟକ୍ତିଗତ ଏବଂ ୦୫ଟି ଗୋଷ୍ଠୀଗତ ଅଭିଯୋଗ ଗ୍ରହଣ କରାଯାଇଥିଲା। ୬ ଜଣ ଅସହାୟ ବ୍ୟକ୍ତିଙ୍କୁ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ୩୩ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆ ଯାଇଥିଲା। ସମସ୍ତ ଅଭିଯୋଗ ଗୁଡ଼ିକର ତୁରନ୍ତ ସମାଧାନ କରିବାକୁ ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଭାରତୀୟ ମାରୱାଡ଼ି ମହିଳା ସମିତି ପକ୍ଷରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ

ଜଟଣୀ,୧୩।୧୦ (ନିପ୍ର): ଆଶ୍ୱିନ ଶୁକ୍ଲପକ୍ଷ ପ୍ରତିପଦା ତିଥିରେ ମହାରାଜା ଅଗ୍ରସେନଙ୍କ ୫୧୫୦ତମ ଜୟନ୍ତୀ ଅବସରରେ ସ୍ଥାନୀୟ ଗୋପୀନାଥଜୀ ମନ୍ଦିରଠାରେ ଅଖିଳ ଭାରତୀୟ ମାରୱାଡ଼ୀ ମହିଳା ସମିତି, ଜଟଣୀ ଶାଖା ପକ୍ଷରୁ ଏକ ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବିଭିନ୍ନ ପ୍ରତିଯୋଗିତା ଉତ୍ସାହର ସହ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ଶୁଭାରମ୍ଭ ମହାରାଜା ଅଗ୍ରସେନଙ୍କ ପୂଜାର୍ଚ୍ଚନା ଓ ଜୟଧ୍ୱନି ସହ ହୋଇଥିଲା। ଏହାପରେ ମହିଳା ସମିତିର ସଦସ୍ୟାମାନେ ନିଜ ସଂସ୍କୃତି ଓ ପରମ୍ପରାର ସୁନ୍ଦର ପରିଚୟ ଦେଇ ବିଭିନ୍ନ ପ୍ରତିଯୋଗିତାରେ ଉତ୍ସାହର ସହ ଭାଗ ନେଇଥିଲେ। ସମିତିର ସମସ୍ତ ସଦସ୍ୟା ନିର୍ଦ୍ଧାରିତ ପୋଷାକ ନିୟମ ଅନୁଯାୟୀ ସମିତିର ଶାଢ଼ି ଓ ଚୁନରି ପରିଧାନ କରି ଉପସ୍ଥିତ ହୋଇଥିଲେ।

## ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି

ପାରଳାଖେମୁଣ୍ଡି,୧୩।୧୦ (ନିପ୍ର): ଗଜପତି ଜିଲ୍ଲା ଆର ଉଦୟଗିରି ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଗ୍ରାମମୁଖୀ ପ୍ରଶାସନ ଅଧୀନରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣିରେ ଗଜପତି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରାକେଶ କୁମାର ସାହୁ, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ସୁଶ୍ରୀ ଭାଗବତ ସାମଲ କଲ୍ୟାଣରାଓ, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଅଂଶୁମାନ ମହାପାତ୍ର ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଶୁଣିଥିଲେ। ଉକ୍ତ ଶିବିରରେ ମୋଟ ୨୭ ଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୧୬ଟି ବ୍ୟକ୍ତିଗତ ଏବଂ ୧୧ଟି ଗ୍ରାମଭିତ୍ତିକ ସମସ୍ୟା ସମ୍ପର୍କିତ ଅଭିଯୋଗ ରହିଥିଲା। ସେଥିମଧ୍ୟରୁ ଦୁଇ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୨୦ହଜାର ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି।

## ଦୁର୍ଗାପୂଜା ପାଇଁ ବୁଗୁଡ଼ାରେ ପ୍ରସ୍ତୁତି ଜୋରଦାର

ବୁଗୁଡ଼ା,୧୩।୧୦ (ନିପ୍ର); ଶାରଦୀୟ ଦୁର୍ଗାପୂଜା ପାଇଁ ବୁଗୁଡ଼ା ସହରରେ ଏବେ ଉତ୍ସାହର ମାହୋଲ। ମା' ଦୁର୍ଗାଙ୍କ ଆଗମନ ପୂର୍ବରୁ ସବୁଆଡ଼େ ଜୋରଦାର ପ୍ରସ୍ତୁତି ଚାଲିଛି। ପୂଜା କମିଟିଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ପର୍ଯ୍ୟନ୍ତ ସମସ୍ତେ ମା'ଙ୍କୁ ସ୍ୱାଗତ କରିବା ପାଇଁ ବ୍ୟସ୍ତ। ବୁଗୁଡ଼ାର ପ୍ରମୁଖ ପୂଜା ମଣ୍ଡପଗୁଡ଼ିକରେ ମୂର୍ତ୍ତି କାରିଗର ମାନେ ଦିନରାତି ଏକ କରି ମା' ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣ ଲାଗିଛନ୍ତି।

## ମନ୍ଦିରଠାରୁ ପୂଜାମଣ୍ଡପ ସବୁଠି ଭକ୍ତିମୟ ପରିବେଶ

ବ୍ରହ୍ମପୁର,୧୩।୧୦(ନିପ୍ର): ଧରାପୃଷ୍ଠକୁ ମା' ଦୁର୍ଗତିନାଶିନୀଙ୍କ ଆଗମନକୁ ନେଇ ଚଳଚଞ୍ଚଳ ହୋଇଉଠିଛି ରେଶମ ସହର ବ୍ରହ୍ମପୁର। ସହରରେ ଚାରିଆଡ଼େ ପାର୍ବଣର ମାହୋଲ। ମା'ଙ୍କ ଆବାହନ ପାଇଁ ବିଭିନ୍ନ ପୂଜାମଣ୍ଡପରେ ମୂର୍ତ୍ତି ନିର୍ମାଣ, ଆକର୍ଷଣୀୟ ମେଢ଼ ପ୍ରସ୍ତୁତି, ସୁନ୍ଦର ତୋରଣ ନିର୍ମାଣ ଓ ରଙ୍ଗିନ ଆଲୋକମାଳାରେ ସାଜସଜ୍ଜା କାର୍ଯ୍ୟ ଜୋରସୋରରେ ଚାଲିଛି। ପୂଜାକୁ ଆକର୍ଷଣୀୟ ଓ ସ୍ମରଣୀୟ କରିବା ପାଇଁ ପୂଜା କମିଟିଗୁଡ଼ିକ ପକ୍ଷରୁ ବିଭିନ୍ନ ପ୍ରସ୍ତୁତି କରାଯାଉଥିବା ବେଳେ ସହରବାସୀଙ୍କ ମଧ୍ୟରେ ଉତ୍ସାହ ଓ ଉଦ୍ଦୀପନା ଦେଖିବାକୁ ମିଳୁଛି। ସହରର,ବହୁ ପୁରାତନ ବିଜିପୁର, ପୁରୁଣା ବସ୍‌ଷ୍ଟାଣ୍ଡ, କମାପଲ୍ଲୀ, କୋର୍ଟପେଟା, ଗିରିଜା ଛକ, ଓଏସଆରଟିସି, ଅଯୋଧ୍ୟାନଗର, ସୁବାରାଓ ଛକ, ଆଙ୍କୁଲି, ଲାଞ୍ଜିପଲ୍ଲୀ, ଗୋଷାଣୀନୂଆଗାଁ, ନେହରୁନଗର, ସିଦ୍ଧାର୍ଥନଗର, ଗୋଇଲୁଣ୍ଡି ଛକ, ହନୁମାନ ବଜାର, ଗିରି ମାର୍କେଟ ଛକ, ଗାନ୍ଧୀନଗର ଛକ ଓ ହରଡ଼ାଖଣ୍ଡି ଛକ ସମେତ ବିଭିନ୍ନ ଅଞ୍ଚଳରେ ଦୁର୍ଗାପୂଜା ଆୟୋଜନ କରାଯାଉଛି।

## ଜିଲ୍ଲାପାଳଙ୍କ ମିଳିତ ଜନ ଶୁଣାଣି

ବୋଲଗଡ,୧୩।୧୦ (ନିପ୍ର); ଖୋର୍ଦ୍ଧା ଜିଲ୍ଲାପାଳ ଅମୃତ ଋତୁରାଜଙ୍କ ନିର୍ଦ୍ଦେଶକ୍ରମେ ବୋଲଗଡ଼ ପଞ୍ଚାୟତ ସମିତି ଅଧିକାରିଣୀ ସୁମନ ସୁଧ କୁଣ୍ଡୁଙ୍କ ଆବାହକତ୍ୱରେ ସୋମବାର ବୋଲଗଡ଼ ବ୍ଲକ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ଜିଲ୍ଲାପାଳଙ୍କ ମିଳିତ ଜନ ଶୁଣାଣୀ ଅଭିଯୋଗ ଅନୁଷ୍ଠିତ ହୋଇଯାଇଅଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ଓ ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧାଜିଲ୍ଲା ଉପଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ଖୋର୍ଦ୍ଧାଜିଲ୍ଲା ଆରକ୍ଷୀ ଅଧିକାରୀ ,ସହକାରୀ ଜିଲ୍ଲାପାଳ ଭୁବନେଶ୍ୱରୀ କହଁର,ବୋଲଗଡ଼ ତହସିଲଦାର ବିଜୟ କୁମାର ସେଠୀ , ବ୍ଲକ ଅଧକ୍ଷା ହୁଲ୍ଲାସ ପ୍ରଧାନ,ଖୋର୍ଦ୍ଧା ଜିଲ୍ଲାମୁଖ୍ୟ ଚିକିତ୍ସା ଅଧିକାରୀ ଓ ସମସ୍ତ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀମାନେ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲାପାଳଙ୍କ ମିଳିତ ଜନ ଶୁଣାଣି ଅଭିଯୋଗ କାର୍ଯ୍ୟକ୍ରମରେ ସମୁଦାୟ ୬୮ଟି ଲିଖିତ ଆପତ୍ତି ଅଭିଯୋଗ ପତ୍ର ପଞ୍ଜିକରଣ ହୋଇ ଥିଲା । ସେଥି ମଧ୍ୟରୁ ୫୨ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ, ୧୬ଟି ଗ୍ରାମ୍ୟ ସମସ୍ୟା, ୩ଟି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ଆର୍ଥିକ ସହାୟତା ପାଇବା ପାଇଁ ଅଭିଯୋଗ, ଗୋଟିଏ ରାଜ୍ୟ ରେଡ଼କ୍ରସ ଆର୍ଥିକ ସହାୟତା ପାଇଁ ଲିଖିତ ଅଭିଯୋଗ , ୭ଟି ଲିଖିତ ଅଭିଯୋଗ ତତ୍କାଳ ଫଇସଲା କରାଯାଇଥିଲା।

**AFFIDAVIT**

By virtue of an affidavit sworn before the Notary Public ,Champua , affidavit no 3729 dated 25/09/2026,I Priyanka Nayak W /o- Mukesh Naik of Village / Po- Champua , Ps-Champua ,Dist - Keonjhar, 758041,Odisha, hereby changed my name from Priya Nayak (Old name ) to Priyanka Nayak (New Name) Henceforth, I shall be known as Priyanka Nayak for all purposes.

S/D- Priyanka Nayak .

# ପଡାଗଡ଼ ଅଞ୍ଚଳରେ ରାତିରେ ଚାଲିଛି ବେଆଇନ କ୍ରସର

ନବରଙ୍ଗପୁର,୧୩।୧୦ (ନିପ୍ର): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅନ୍ତର୍ଗତ ପଡାଗଡ଼ ଅଞ୍ଚଳରେ ରାତି ଅଧରେ ବେଆଇନ ଭାବେ କ୍ରସର ଚାଲିଥିବା ଅଭିଯୋଗ ହେଉଛି ।ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ପ୍ରତିଦିନ ରାତି ୧୦ଟା ପରେ ଶହ ଶହ ଟ୍ରିପ ଟ୍ରାକ୍ଟର ଓ ହାଇୱା ଯୋଗେ ବେଆଇନ ଭାବେ ପଥର ଚାଲାଣ ହେଉଛି। ଦିନରେ ସବୁ ବନ୍ଦ ଦେଖାଯାଉ ଥିବା ବେଳେ ରାତିରେ ବିନା ଅନୁମତିରେ କ୍ରସର ମେସିନ୍ ଚାଲି ପାହାଡ଼କୁ ସଫା କରାଯାଉଛି।

ଏଥିରେ ଖଣି ମାଫିଆ ମାଲାମାଲ ହେଉଥିବା ବେଳେ ସରକାର ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଉଛନ୍ତି ।କିଛି ମାସ ପୂର୍ବେ ବେଆଇନ ବ୍ଲାଷ୍ଟିଂ ଯୋଗୁଁ ଆଖପାଖ ୧୦ ଖଣ୍ଡ ଗାଁର ଘର ଗୁଡିକରେ ଫାଟ ସୃଷ୍ଟି ହୋଇଥିବା ଅଭିଯୋଗ ହେଇଥିଲା , ଆଖ ପାଖ ଗ୍ରାମ ଧୂଳି ପ୍ରଦୂଷଣ ଓ ଧ୍ୱନୀ ପ୍ରଦୂଷଣରେ ଲୋକେ ଅତିଷ୍ଠ ହେଲେଣି। ଅନେକ ଥର ଛୋଟାଗୁଡା ଗ୍ରାମବାସୀ ତହସିଲଦାର ଓ ଖଣି ବିଭାଗକୁ ଅଭିଯୋଗ କଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। କିଛିଦିନ ପୂର୍ବେ ଜିଲ୍ଲାପ୍ରଶାସନ



ଆସି ପଥର ଖଣି ବନ୍ଦ କରିଥିଲେ ତଥାପି କ୍ରସର ରାତିରେ ଚାଲୁଟି ଏହା ସତରେ ଆଶ୍ଚର୍ଯ୍ୟର କଥା। ଖଣି ମାଫିଆ ମାନେ ଯେତିକି ଲିଜ ନେଇଥିଲେ ତାଠୁ ଅଧିକ ପରିମାଣରେ ପଥର ଉଠାଇ ଥିବା ସ୍ଥାନୀୟ ଅଂଚଳରେ ଆଲୋଚନା ହେଉଛି ଖାଲି ଏତିକି ନୁହଁ ପଥର କାଢ଼ିବା ପରେ ସେଟ୍ଲାଇଟ୍ ସର୍ଭେ ଭୟରେ ସେହି ସ୍ଥାନଗୁଡ଼ିକୁ ମାଟି ମୋରମ ଓ ବାଲି ଭର୍ତ୍ତିକରି ସରକାରଙ୍କୁ ଫାଙ୍କିବା ପାଇଁ ମଧ ଉଦ୍ୟମ ଚଳାଇଥିବା ଗ୍ରାମବାସୀ ମାନଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି। ବର୍ତ୍ତମାନ ସେହି ସ୍ଥାନରେ ସେଟଲାଇଟ୍ ସର୍ଭେ ହେଲେ ସବୁ ସତ ଜଣାପଡିବ ଏବଂ ଜିଲ୍ଲା ପ୍ରଶାସନ ତୁରନ୍ତ ରାତିରେ ଚଢାଉ କରି ବେଆଇନ କ୍ରସର ଓ ଖଣି ମାଫିଆଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

### ଖଣି ମାଫିଆ ମାଲାମାଲ

## ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ମାନିତ ହେଲେ ସାତଶଙ୍ଖ ଅଞ୍ଚଳର ପ୍ରହଲ୍ଲାଦ

ପିପିଲି,୧୩।୧୦ (ନିପ୍ର): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ପଟ୍ଟଚିତ୍ରରେ ସମ୍ମାନିତ ହୋଇଛନ୍ତି ପିପିଲି ବ୍ଲକ ସାତଶଙ୍ଖ ଅଞ୍ଚଳ ଶିରିଆପୁର ଗ୍ରାମର ପ୍ରହଲ୍ଲାଦ ମହାରଣା। ଦିଲ୍ଲୀରେ ଭାରତ ମିସନ ପଟ୍ଟଚିତ୍ର କାର୍ଯ୍ୟକ୍ରମ ଚାଲିଥିବା ବେଳେ ସେହି କାର୍ଯ୍ୟକ୍ରମରେ ଦେଶର ୧୨ ଜଣ




ପଟ୍ଟଚିତ୍ର କାରିଗର ମନୋନୀତ ହୋଇଥିଲେ । ତାହାରି ମଧ୍ୟରେ ପ୍ରହଲ୍ଲାଦ ପ୍ରକୃତି ଶକ୍ତି ପଟ୍ଟଚିତ୍ର ହାତ ତିଆରିରେ ଆକୃଷ୍ଟ କରିଥିବା ବେଳେ ରାଷ୍ଟ୍ରପତି ସନ୍ତୋଷ ଲାଭକରି ସମ୍ମାନିତ କରିଛନ୍ତି। ଏହା ପୂର୍ବରୁ ପ୍ରହଲ୍ଲାଦ ମହାମହିମଙ୍କ ହସ୍ତରୁ ସମ୍ମାନିତ ହୋଇଥିବା ସୂଚନା ଦେଇ କହିଛନ୍ତି ପୁରୀ ରଘୁରାଜପୁର ଗ୍ରାମର ସ୍ୱର୍ଗତ ଡ,ଜଗନ୍ନାଥ ମହାପାତ୍ରଙ୍କ ଠାରୁ ପଟ୍ଟଚିତ୍ର ଶିକ୍ଷାଲାଭ କରିଥିବା ବେଳେ ନିଜ ଜନ୍ମିତ ପିତା ସ୍ୱର୍ଗତ ପୂର୍ଣ୍ଣ ଚନ୍ଦ୍ର ମହାରଣା ତଥା ସୁନାମ ଧନ୍ୟ କାଠ ଶିଳ୍ପୀ ଠାରୁ ଶିକ୍ଷାଲାଭ କରି ନିଜକୁ ଗୌରବ ମଣିଛନ୍ତି ।

# ଶ୍ରୀକ୍ଷେତ୍ରରେ ଆରମ୍ଭ ହେଲା ଗୁପ୍ତ ଗୁଣ୍ଡିଚା

ପୁରୀ,୧୩।୧୦ (ନିପ୍ର); ଶାରଦୀୟ ଦୁର୍ଗାପୂଜା ଅବସରରେ ଶ୍ରୀକ୍ଷେତ୍ରରେ ଆରମ୍ଭ ହୋଇଛି ମହାପ୍ରଭୁଙ୍କ ଗୁପ୍ତ ଗୁଣ୍ଡିଚା। ଦୁର୍ଗାମାଧବ ଉପାସନାର ପ୍ରତୀକ ସ୍ୱରୂପ ମହାପ୍ରଭୁ ଶ୍ରୀଜଗନ୍ନାଥ ଗୁପ୍ତ ଗୁଣ୍ଡିଚାରେ ମହାଲକ୍ଷ୍ମୀ ସ୍ୱରୂପା ମା ଦୁର୍ଗାଙ୍କୁ ନେଇ ଦୋଳମଣ୍ଡପ ସାହି ସ୍ଥିତ ନାରାୟଣୀ ମନ୍ଦିରକୁ ବିଜେ କରିଛନ୍ତି। ଶ୍ରୀଗୁଣ୍ଡିଚା ଯାତ୍ରା ସମୟରେ ମହାପ୍ରଭୁ ଶ୍ରୀଜଗନ୍ନାଥ ମା ଲକ୍ଷ୍ମୀଙ୍କୁ ସାଙ୍ଗରେ ନେଇନଥିବାରୁ ଆଶ୍ୱିନ ମାସରେ ଏହି ଗୁପ୍ତ ଶ୍ରୀଗୁଣ୍ଡିଚାର ଆୟୋଜନ ହୋଇଥାଏ ବୋଲି ଲୋକକଥା ରହିଛି। ତେବେ ଆଜି ଏହି ଗୁପ୍ତ ଶ୍ରୀଗୁଣ୍ଡିଚାରେ ଶ୍ରୀମନ୍ଦିରରୁ ଦୁର୍ଗାମାଧବ ଏକ ଶୋଭାଯାତ୍ରାରେ ବାହାରି ଦୋଳମଣ୍ଡପ ସାହିରେ ଥିବା ନାରାୟଣୀ ମନ୍ଦିରକୁ ଆସିଛନ୍ତି। ଏଠାରେ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେବା ପରେ ପୁନର୍ବାର ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ ଦୁର୍ଗାମାଧବ। ଶ୍ରୀକ୍ଷେତ୍ରରେ ଆଷାଢ଼ ମାସରେ ଶ୍ରୀଗୁଣ୍ଡିଚା ପରେ ଆଶ୍ୱିନ ମାସରେ ଆଉ ଏକ ଗୁପ୍ତ ଗୁଣ୍ଡିଚା ଯାତ୍ରାର ଆୟୋଜନ କରାଯାଇଥାଏ। ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ସମୟରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଭାଇ ଭଉଣୀଙ୍କୁ ସାଙ୍ଗରେ ନେଇ ନବଦିନାତ୍ମକ ଯାତ୍ରା କରିଥିବା ବେଳେ ମା ଲକ୍ଷ୍ମୀଙ୍କୁ ମହାପ୍ରଭୁ ସାଙ୍ଗରେ ନେଇନଥାନ୍ତି। ତେଣୁ ନୀଳାଦ୍ରି ବିଜେ ସମୟରେ ଅଭିମାନିନୀ ମା ଲକ୍ଷ୍ମୀଙ୍କୁ ଗୁପ୍ତ ଗୁଣ୍ଡିଚାରେ ଯିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ମହାପ୍ରଭୁ। ସେହି ପ୍ରତିଶ୍ରୁତି, ସଂସ୍କୃତି ଓ ପରମ୍ପରାକୁ ରକ୍ଷା କରି ଏହି ଗୁପ୍ତ ଗୁଣ୍ଡିଚା ଅନୁଷ୍ଠିତ ହୋଇଥାଏ। ଶ୍ରୀମନ୍ଦିରରୁ ଦୁର୍ଗା ମାଧବ ଦୋଳମଣ୍ଡପ ସାହି ସ୍ଥିତ ନାରାୟଣୀ ମନ୍ଦିରକୁ ଷୋଳପୂଜା ସମୟରେ ଶେଷ ଆଠଦିନ ଏକ ରଥାକୃତି ବିମାନରେ ଆସିବା ସହ ମାଣ୍ଡୁଅ ଭୋଗ ଖାଇଥାନ୍ତି। ଲୋକକଥା ଅନୁଯାୟୀ ମହାଲକ୍ଷ୍ମୀ ଶ୍ରୀଗୁଣ୍ଡିଚା ଯାତ୍ରାରେ ମହାପ୍ରଭୁଙ୍କ ସହ ଯାଇନଥିବାରୁ ଏହି ଗୁପ୍ତ ଗୁଣ୍ଡିଚାର ଆୟୋଜନ କରାଯାଏ ବୋଲି କହିଛନ୍ତି ସେବାୟତ। ତେବେ ଅଭିମାନିନୀ ମହାଲକ୍ଷ୍ମୀଙ୍କୁ ମନାଇବା ପାଇଁ ଏହି ଗୁପ୍ତ ଗୁଣ୍ଡିଚାରେ ଦୁର୍ଗାମାଧବ ଏକ ଶୋଭାଯାତ୍ରାରେ ଶ୍ରୀମନ୍ଦରରୁ ବାହାରି ଦୋଳମଣ୍ଡପ ସାହିରେ ଥିବା ନାରାୟଣୀ ମନ୍ଦିରକୁ ଯାଇଥାନ୍ତି। ଏହି ଗୁପ୍ତ ଗୁଣ୍ଡିଚା ଯାତ୍ରାରେ ଶ୍ରୀମନ୍ଦିରରେ ଥିବା ମା ବିମଳା ମନ୍ଦିରରରେ ସକାଳ ଧୂପ ଶେଷ ହେବା ପରେ ଦୁର୍ଗାମାଧବଙ୍କୁ ଏକତ୍ର ଏକ ବିମାନରେ ବସାଇ ନିଆଯାଇଥାଏ। ମାଧବ ଭାବେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଏକ ପ୍ରତିକୃତି



ଏବଂ ଦୁର୍ଗାଙ୍କର ଏକ ପ୍ରତିମୂର୍ତ୍ତିକୁ ସିଂହାରୀ ସେବାୟତମାନେ ଏକାଠି ନେବାର ପରମ୍ପରା ରହିଛି। ନାରାୟଣୀ ମନ୍ଦିରରେ ଦୁର୍ଗାମାଧବ ପହଞ୍ଚିବା ପରେ ସେଠାରେ ସ୍ୱତନ୍ତ୍ର ପୂଜା ନୀତି ଅନୁଷ୍ଠିତ ହୋଇ ପୁଣି ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ବିଶେଷ କରି ଏହି ଅବସରରେ ନାରାୟଣୀ ମନ୍ଦିରରେ ଦୁର୍ଗାମାଧବଙ୍କୁ ମାଣ୍ଡୁଅ ଭୋଗ କରାଯାଇଥାଏ।

## ସାଧନ କେନ୍ଦ୍ରସ୍ତରୀୟ ସୁରଭି

ଡେରାବିଶ,୧୩।୧୦ (ନିପ୍ର); ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଲାଲ ବାହାଦୁର ଶାସ୍ତ୍ରୀ ଉଚ୍ଚ ବିଦ୍ୟାଳୟରେ ସୋମବାର ବାଙ୍କିମୁଣ୍ଡାଇ ସାଧନ କେନ୍ଦ୍ର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଉଦଘାଟନୀ ଉତ୍ସବରେ ପ୍ରଧାନ ଶିକ୍ଷକ ବିଶ୍ୱବିଜୟ ଦାସ ସଭାପତିତ୍ୱ କରିଥିବା ବେଳେ ମଣ୍ଡଳ ଶିକ୍ଷାଧିକାରୀ ମଦନ ମୋହନ କର ମୁଖ୍ୟ ଅତିଥି, ଚାନ୍ଦୋଳ ପଞ୍ଚାୟତ ସରପଞ୍ଚ ସୁରେନ୍ଦ୍ର କୁମାର ମଲିକ, ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ଦେବଦତ୍ତ ଶତପଥୀ, ମଣ୍ଡଳ ସହ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ ସମ୍ମାନିତ ଅତିଥି ଓ ମୁଖ୍ୟବକ୍ତା ଭାବେ



ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ସୁଶାନ୍ତ କୁମାର ପାତ୍ର ଯୋଗଦେଇ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭାଙ୍କୁ ବିକଶିତ କରିବା ପାଇଁ ଏହା ଏକ ସୁଯୋଗ ବୋଲି କହିଥିଲେ। ଏହି ଅବସରରେ ସାଧନ କେନ୍ଦ୍ର ଅଧିନସ୍ଥ ୯ ଗୋଟି ବିଦ୍ୟାଳୟରୁ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇ ୨୨ ଗୋଟି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ଛାତ୍ରଛାତ୍ରୀ ମଣ୍ଡଳ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ।ଶରତ ଆଚାର୍ଯ୍ୟ, ଲଲାଟ କିଶୋର ଭୂୟାଁ, ପ୍ରଶାନ୍ତ ଶତାଧିକ, ଅଜୟ କୁମାର ଦାସ ଓ ସୁରେଶ ଚନ୍ଦ୍ର ସେଠୀ ବିଚାରକ ମଣ୍ଡଳୀ ଭାବେ ଯୋଗ ଦେଇଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରମୋଦ କୁମାର ମଲ୍ଲଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସାଧନ କେନ୍ଦ୍ରର କର୍ମୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସାମ୍ବାଦିକ ସଂଘ: ସଦସ୍ୟତା ନବୀକରଣ ପ୍ରସଙ୍ଗ ଆଲୋଚନା

ଭାପୁର,୧୩।୧୦ (ନିପ୍ର); ଉତ୍କଳ ସାମ୍ବାଦିକ ସଂଘ ନୟାଗଡ଼ ଶାଖା ପରିଚାଳନା କମିଟି ବୈଠକ ଭାପୁର ବ୍ଲକ ଫତେଗଡ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସମ୍ପାଦକ ବୈଦ୍ୟ ଭୂଷଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକକୁ ଭାପୁର ଶାଖା ପକ୍ଷରୁ ପରିଚାଳନା କରିଥିଲେ। ଆଗାମୀ ବର୍ଷ ପାଇଁ ସଦସ୍ୟତା ନବୀକରଣ ପ୍ରସଙ୍ଗ ଆଲୋଚନା କରାଯାଇ ବ୍ଲକ୍ ସଯୋଜକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ବ୍ଲକ୍ ସଂଯୋଜକମାନେ ଚଳିତ ବର୍ଷର ସଦସ୍ୟ ତାଲିକା ଏବଂ ନବୀକରଣ ଦେୟ ବୈଠକରେ ପ୍ରଦାନ କରିଥିଲେ।

ବୈଠକରେ ଜିଲ୍ଲା ଶାଖା ପରିଚାଳନା କମିଟି ପୁର୍ନଗଠନ କରାଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଶାନ୍ତ କୁମାର ସାହୁ ନୂତନ ଜିଲ୍ଲା ଶାଖା ସଭାପତି ଭାବେ ଚିତ୍ତରଞ୍ଜନ ମିଶ୍ରଙ୍କ ନାମ ପ୍ରସ୍ତାବ ଦେଇଥିଲେ। ଏହାକୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା । କାର୍ଯ୍ୟକାରୀ ସଭାପତି ଭାବେ ରବୀନ୍ଦ୍ର କୁମାର ଦାସ, ଉପସଭାପତି ପ୍ରଫୁଲ୍ଲ କୁମାର ଦାଶ, ଶୁଭେନ୍ଦ୍ର ପଟ୍ଟନାୟକ,ସମ୍ପାଦକ ବୈଦ୍ୟ ଭୂଷଣ ମହାପାତ୍ର, ଯୁଗ୍ମ ସମ୍ପାଦକ ଅଶୋକ ମହାପାତ୍ର,ଅନୀଲ କୁମାର ପଣ୍ଡା, ସଂଗ୍ରାମ କେଶରୀ ପଟ୍ଟନାୟକ, କୋଷାଧ୍ୟକ୍ଷ ବିଶ୍ୱଜିତ୍ ନାୟକ, ସାଂଗଠନିକ ସମ୍ପାଦକ ଦେବୀ ପ୍ରସାଦ ଦାଶ, ଶିବଦତ୍ତ ପାତ୍ର, ପ୍ରଭାତ ବରାଡ଼, ଚିରଞ୍ଜିବୀ ଦାଶ, ନିହାର ପଟ୍ଟନାୟକ,ସାରସ କୁମାର ମିଶ୍ର,ସମୀକ୍ଷକ ଭାବେ ରାମକୃଷ୍ଣ ରଥ,ଚନ୍ଦ୍ର ବିଜୟୀ ମିଶ୍ର,ଗଣମାଧ୍ୟମ ସଂଯୋଜକ ଭାବେ ବିଭୂତି ଭୂଷଣ ସ୍ୱାଇଁ,ଜନ୍ମେଜୟ ଦଳେଇଙ୍କୁ ଚୟନ କରାଯାଇଥିଲା। ଜିଲ୍ଲା ଶାଖା ଉପଦେଷ୍ଟା ଭାବେ ବରିଷ୍ଠ ସାମ୍ବାଦିକ ଏସ ଏ ମନାନ,ପ୍ରଦୀପ୍ତ ପଟ୍ଟନାୟକ,ରବୀନ୍ଦ୍ର ପଟ୍ଟନାୟକ, ସନାତନ ଷଡ଼ଙ୍ଗୀଙ୍କୁ ଚୟନ କରାଯାଇଛି ।ପୂର୍ବତନ ସଭାପତି ଶ୍ରୀକାନ୍ତ ଖଟେଇ ବ୍ୟକ୍ତିଗତ କାରଣରୁ ରାଜ୍ୟ ସଭାପତିଙ୍କୁ ଇସ୍ତଫା ଦେଇଛନ୍ତି। ସେ ରାଜ୍ୟ ଶୃଙ୍ଖଳା କମିଟି ଅଧକ୍ଷ ଭାବେ କାର୍ଯ୍ୟ କରିବେ ବୋଲି ରାଜ୍ୟ ସଭାପତିଙ୍କ ସହ ଆଲୋଚନା କରିଛନ୍ତି। ରାଜ୍ୟ ସଭାପତି ଭିସି ମାଧ୍ୟମରେ ବୈଠକରେ ଯୋଡ଼ି ହୋଇ ଏହି ସୂଚନା ଦେଇଥିଲେ।

ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଶାନ୍ତ କୁମାର ସାହୁ ପୂର୍ବ ଭଳି କାର୍ଯ୍ୟ କରିବେ ବୋଲି ନିଷ୍ପତ୍ତି ହୋଇଛି। ରାଜ୍ୟ ସଂଘ ନିର୍ବାଚନ ଶେଷ ହେବା ପରେ ଜିଲ୍ଲା ଶାଖା ପକ୍ଷରୁ ଆସନ୍ତା ଡିସେମ୍ବର ମାସରେ ସାଧାରଣ ସଭା କରିବାକୁ ନିଷ୍ପତ୍ତି ହୋଇଛି ।ତିନିମାସ ବ୍ୟବଧାନରେ ଭିନ୍ନଭିନ୍ନ ବ୍ଲକରେ ବୈଠକ କରିବାକୁ ଆଲୋଚନା ହୋଇଛି। ଉତ୍କଳ ସାମ୍ବାଦିକ ସଂଘ ନୟାଗଡ଼ ଜିଲ୍ଲା ଶାଖା ଆଗାମୀ ଦିନରେ ସାମ୍ବାଦିକ କଲ୍ୟାଣ ସହ ସମାଜ କଲ୍ୟାଣ ଦିଗରେ କାର୍ଯ୍ୟ କରିବାକୁ ନିଷ୍ପତ୍ତି ହୋଇଛି।

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ୨ ବର୍ଷୀୟା ଆରବିକା

ପିପିଲି,୧୩।୧୦ (ନିପ୍ର); କୁନି ବୟସରେ ନିଜର ଅସାଧାରଣ ସ୍ମରଣଶକ୍ତି ଓ ଜ୍ଞାନକୁ ନେଇ ଜାତୀୟ ସ୍ତରରେ ପରିଚୟ ସୃଷ୍ଟି କରିଛନ୍ତି ପୁରୀ ଜିଲ୍ଲା ପିପିଲି ବ୍ଲକ୍ ବୀର ପୁରୁଷୋତ୍ତମପୁର ପୁର ପଞ୍ଚାୟତର ଖଡ଼ିକେରା ଗ୍ରାମର ପ୍ରଶାନ୍ତ ପ୍ରଧାନ ଓ ଜ୍ୟୋସ୍ନାରାଣୀ ପ୍ରଧାନଙ୍କ ଶିଶୁକନ୍ୟା ଆରବିକା ପ୍ରଧାନ। ବିଭିନ୍ନ ଫଳ, ପନିପରିବା, ପଶୁପକ୍ଷୀ, ରଙ୍ଗ, ଫୁଲଠାରୁ ଆରମ୍ଭ କରି ମାନବ ଶରୀରର ଅଙ୍ଗପ୍ରତ୍ୟଙ୍ଗ ଓ ସୌରମଣ୍ଡଳ ସମ୍ପର୍କରେ ନିଜର ଜ୍ଞାନ ପାଇଁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ସ୍ଥାନ ପାଇଛନ୍ତି ଏହି କୁନି ପ୍ରତିଭା। ୩୫ ପ୍ରକାର ଫଳ, ୩୪ ପ୍ରକାର ପନିପରିବା, ୩୩ ପ୍ରକାର ପକ୍ଷୀ, ୨୨ ପ୍ରକାର ପଶୁ, ୧୩ଟି ରଙ୍ଗ, ୧୨ଟି ଆକୃତି ଓ ୧୨ ପ୍ରକାର ଫୁଲକୁ




ଚିହ୍ନଟ କରିବାରେ ଦେଖାଇଛନ୍ତି ନିଜର ଦକ୍ଷତା । କେବଳ ସେତିକି ନୁହେଁ ଶରୀରର ୩୧ଟି ଅଙ୍ଗପ୍ରତ୍ୟଙ୍ଗ, ୧୦ଟି ବୃତ୍ତି, ୧୦ଟି ସୌରମଣ୍ଡଳ ସମ୍ବନ୍ଧୀୟ ବସ୍ତୁ ଓ ୨୨ଟି ବିଭିନ୍ନ ଚିତ୍ର ସମ୍ପର୍କରେ ମଧ୍ୟ ଜ୍ଞାନ ଆହରଣ କରିଛନ୍ତି ଆର୍ଭିକା । ଏହା ସହିତ ଇଂରାଜୀରେ ଦୁଇଟି ଶିଶୁଗୀତ, ଗାୟତ୍ରୀ ମନ୍ତ୍ର, ବର୍ଷର ମାସ, ସପ୍ତାହର ଦିନ, ୧୭ଟି ଜାତୀୟ ପ୍ରତୀକ ଓ ୨୬ଟି ଅକ୍ଷର ସମ୍ବନ୍ଧୀୟ ଶବ୍ଦକୁ ମନେ ରଖିବା ସହ ୧ରୁ ୧୦ ପର୍ଯ୍ୟନ୍ତ ଗଣନା ଏବଂ ୧୭ଟି କାର୍ଯ୍ୟ ପ୍ରଦର୍ଶନ କରିଛନ୍ତି ଓ ଗତ ସେପଟ୍ଟେମ୍ବର ୧୦ ତାରିଖରେ ସେ ଏହି ସଫଳତା ହାସଲ କରିଛନ୍ତି।

# ଅବ୍ୟବସ୍ଥାରେ ହାତିଆନାଳା କେନାଲ, ଚାଷଜମିକୁ ପହଞ୍ଚୁନି ପାଣି !

## କୋଟି କୋଟି ଟଙ୍କା ବ୍ୟୟ ସତ୍ତ୍ୱେ ଜଳସେଚନ ବିପର୍ଯ୍ୟସ୍ତ, ଶୁଖି ଫାଟିଲାଣି ଜମି; ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ

ଝାରସୁଗୁଡା,୧୩।୧୦ (ନିପ୍ର): ଝାରସୁଗୁଡ଼ା ଜିଲ୍ଲା ଲଇକେରା ବ୍ଲକ୍‌ର ହାତିଆନାଳା କେନାଲର ବର୍ତ୍ତମାନର ସ୍ଥିତି ଅବ୍ୟବସ୍ଥାର ଏକ ଉଦାହରଣ ପାଲଟିଥିବା ଚାଷୀକୁଳରେ ଅଭିଯୋଗ ହୋଇଛି। ଅଭିଯୋଗରୁ ପ୍ରକାଶ ଯେ କେନାଲରେ ତ୍ରୁଟିପୂର୍ଣ୍ଣ ପରିଚାଳନା, ଭଙ୍ଗା ଅଂଶ ଓ ଅଚଳ ଜଳ ନିୟନ୍ତ୍ରଣ ଫାଟକ ଯୋଗୁ ଚାଷଜମିକୁ ଠିକ୍ ସମୟରେ ପାଣି ପହଞ୍ଚିପାରୁନାହିଁ। ଅନ୍ୟପଟେ ଜଳାଭାବରେ ଜମି ଶୁଖି ଫାଟିବାକୁ ବସିଥିବାରୁ ଫସଲ ନଷ୍ଟ ହେବା ଆଶଙ୍କା ଚାଷୀଙ୍କ ଚିନ୍ତା ବଢ଼ାଇଦେଇଛି। ଲଇକେରା ବ୍ଲକ୍‌ର ବାବୁଛିପିଡ଼ିହି, ସାହାସପୁର, ଲଇକେରା ଓ ସାରଙ୍ଗଲୋଇ ପଞ୍ଚାୟତର ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇବା ଲକ୍ଷ୍ୟରେ ହାତିଆନାଳା କେନାଲ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଏହି ପ୍ରକଳ୍ପ ମାଧ୍ୟମରେ ଚାଷୀମାନେ ଚାଷ ପାଇଁ ଆବଶ୍ୟକ ଜଳ ପାଇବେ ଏବଂ ଜଳସେଚନ ସମସ୍ୟାରୁ ମୁକ୍ତି ମିଳିବ ବୋଲି ଆଶା ରଖିଥିଲେ। କିନ୍ତୁ ବର୍ତ୍ତମାନ କେନାଲର ଅବ୍ୟବସ୍ଥା ଓ ଜଳ ପରିଚାଳନାରେ ତ୍ରୁଟି ଯୋଗୁ ଏହି ଆଶା ମଉଳିବାକୁ ବସିଛି। ବିଶେଷକରି ଲଇକେରା ପଞ୍ଚାୟତର ତଳିଆ ଅଞ୍ଚଳରେ ଥିବା ଚାଷଜମିଗୁଡ଼ିକୁ ଆବଶ୍ୟକ ପରିମାଣର ପାଣି ପହଞ୍ଚୁନଥିବା ଅଭିଯୋଗ ହୋଇଛି। ଚାଷ ପାଇଁ ଜଳର ଆବଶ୍ୟକତା ଥିବା ସମୟରେ କେନାଲରୁ ପାଣି ନ ମିଳିବାରୁ ଚାଷୀମାନେ ଗୁରୁତର ସମସ୍ୟାର





ସମ୍ମୁଖୀନ ହେଉଛନ୍ତି। ନିୟମିତ ଜଳସେଚନ ଅଭାବରେ ଜମିରେ ଆର୍ଦ୍ରତା କମିଯାଉଥିବା ବେଳେ ଫସଲର ସ୍ୱାଭାବିକ ବୃଦ୍ଧି ମଧ୍ୟ ପ୍ରଭାବିତ ହେବାର ଆଶଙ୍କା ରହିଛି। ଏଭଳି ସ୍ଥିତି ଜାରି ରହିଲେ ଚାଷୀଙ୍କ ବର୍ଷକର ପରିଶ୍ରମ ବ୍ୟର୍ଥ ହେବା ସହ ଆର୍ଥିକ କ୍ଷତି ସହିବାକୁ ପଡ଼ିପାରେ। ଚାଷୀଙ୍କ ଅଭିଯୋଗ ଅନୁଯାୟୀ, କେନାଲର ବିଭିନ୍ନ ସ୍ଥାନ ଭାଙ୍ଗିଯାଇଥିବା ବେଳେ ଜଳ ପ୍ରବାହକୁ ନିୟନ୍ତ୍ରଣ କରିବା ପାଇଁ ରହିଥିବା ଫାଟକଗୁଡ଼ିକ ମଧ୍ୟ ଅଚଳ ହୋଇପଡ଼ିଛି। ଫଳରେ ଜଳକୁ ଆବଶ୍ୟକ ଅନୁସାରେ ନିୟନ୍ତ୍ରଣ କରି ଚାଷଜମିକୁ ପହଞ୍ଚାଇବା ସମ୍ଭବ ହେଉନାହିଁ। ଯେଉଁ ପାଣି ଚାଷଜମିର ଆବଶ୍ୟକତା ପୂରଣ କରିବା କଥା, ତାହା କେନାଲର ଭଙ୍ଗା ଅଂଶ ଦେଇ ବାହାରିଯିବା ସହ ନଦୀକୁ ବୋହିଯାଇ ଅପଚୟ ହେଉଥିବା ଅଭିଯୋଗ ହେଉଛି। ଏହାଦ୍ୱାରା ଉପରମୁଣ୍ଡରେ ଜଳ ଅପଚୟ ହେଉଥିବାବେଳେ ତଳମୁଣ୍ଡର ଚାଷୀମାନେ ଆବଶ୍ୟକ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। କେନାଲର ଏଭଳି ସ୍ଥିତି କେବଳ ମରାମତି ଅଭାବକୁ ଦର୍ଶାଉନାହିଁ, ବରଂ ଜଳସେଚନ ପ୍ରକଳ୍ପର ନିୟମିତ ରକ୍ଷଣାବେକ୍ଷଣ ଓ ସୁପରିଚାଳନା ଉପରେ ମଧ ପ୍ରଶ୍ନ ଉଠାଉଛି। କେନାଲ ନିର୍ମାଣ ଓ ମରାମତି ପାଇଁ ଅର୍ଥ ବ୍ୟୟ ହେଉଥିବା ସତ୍ତ୍ୱେ ଯଦି ତାହାର ସୁଫଳ ଚାଷୀଙ୍କ ପାଖରେ ପହଞ୍ଚିପାରୁନାହିଁ, ତେବେ ଏହାର କାରଣ ଖୋଜିବା ଆବଶ୍ୟକ। କେଉଁ ସ୍ଥାନରେ କେନାଲ ଭାଙ୍ଗିଛି, କେଉଁ ଫାଟକ ଅଚଳ ହୋଇଛି, ଜଳ ପ୍ରବାହରେ କେଉଁଠି ସମସ୍ୟା ରହିଛି ଏବଂ ପୂର୍ବରୁ ହୋଇଥିବା ମରାମତି କାର୍ଯ୍ୟର ସ୍ଥିତି କ'ଣ, ତାହାର ଯାଞ୍ଚ ହେବା ଜରୁରୀ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏହି ସମସ୍ୟା ସମ୍ପର୍କରେ କ୍ଷୁଦ୍ର ଜଳସେଚନ ବିଭାଗର ଅଧିକାରୀମାନଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ ଆଖିଦୃଶିଆ ପଦକ୍ଷେପ ନିଆଯାଉନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଫଳରେ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଓ ଦାୟିତ୍ୱବୋଧକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଚାଷୀଙ୍କ ଅଭିଯୋଗ ଶୁଣିବା ସହ ତୁରନ୍ତ ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ଯଦି ଅବହେଳା ଜାରି ରହେ, ତେବେ ଏହାର ସିଧାସଳଖ ପ୍ରଭାବ କୃଷି ଉତ୍ପାଦନ ଓ ଚାଷୀଙ୍କ ଜୀବିକା ଉପରେ ପଡ଼ିବା ନିଶ୍ଚିତ। ଚାଷୀମାନେ ହାତିଆନାଳା କେନାଲର ଭଙ୍ଗା ଅଂଶଗୁଡ଼ିକୁ ତୁରନ୍ତ ମରାମତି କରିବା, ଅଚଳ ଫାଟକଗୁଡ଼ିକୁ ସଚଳ କରିବା ଏବଂ ଜଳ ପ୍ରବାହକୁ ସୁବ୍ୟବସ୍ଥିତ କରିବାକୁ ଦାବି କରିଛନ୍ତି। ବିଶେଷକରି ଲଇକେରା ପଞ୍ଚାୟତର ତଳିଆ ଅଞ୍ଚଳର ଚାଷଜମିକୁ ପର୍ଯ୍ୟାପ୍ତ ପାଣି ଯୋଗାଯାଉ। କେନାଲ ନିର୍ମାଣ ସାଙ୍ଗକୁ ମରାମତି କାର୍ଯ୍ୟର ଗୁଣବତ୍ତା, ବ୍ୟୟ ହୋଇଥିବା ଅର୍ଥ ଏବଂ ଜଳସେଚନ ବ୍ୟବସ୍ଥାର ବାସ୍ତବ ସ୍ଥିତିକୁ ନେଇ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ମଧ ଦାବି ଉଠିଛି।

## ପୁଣି ଭାରତ-ଚୀନ ମଧ୍ୟରେ ଉତ୍ତେଜନା

# ଚୀନ କହିଲା, ଲଦାଖ ଆମର: ଭାରତ ଦେଲା କଡ଼ା ଜବାବ




ନୂଆଦିଲ୍ଲୀ, ୧୩।୧୦: ଲଦାଖ ସୀମାକୁ ନେଇ ପୁଣିଥରେ ଚୀନ ଓ ଭାରତ ମୁହାଁମୁହିଁ ହୋଇଛନ୍ତି। ଭାରତ ଲଦାଖର ୨୮ଟି ସ୍ଥାନର ନାମକରଣ କରିବା ପରେ ଚୀନ ଏହାକୁ ବିରୋଧ କରିଛି। ଏହିସବୁ ସ୍ଥାନ ଆମର ବୋଲି ବେଜିଂ ଦାବି କରିଛି। ମଙ୍ଗଳବାର ଚୀନ ବୈଦେଶିକ ମନ୍ତ୍ରଣାଳୟ ପ୍ରବକ୍ତା ମାଓ ନିଙ୍ଗ କହିଛନ୍ତି ଭାରତ ନାଁ ପରିବର୍ତ୍ତନ କରିଦେଲେ ଜମି ଉପରେ ମାଲିକାନା ଅଧିକାର ବଦଳିବ ନାହିଁ। ଅକ୍ଟୋବର ୨ ତାରିଖରେ ଭାରତ ସରକାର ଏହି ସ୍ଥାନଗୁଡ଼ିକର ନାମକରଣ କରିଥିଲା। ଏଥିରେ ଗୋଗ୍ରା ଓ ହଟ୍ ସ୍ପ୍ରିଙ୍ଗ୍ ଭଳି ସ୍ଥାନ ରହିଥିଲା। ଯେଉଁଠାରେ ୨୦୨୦ରେ ଭାରତ ଓ ଚୀନ ସେନା ମୁହାଁମୁହିଁ ହୋଇଥିଲେ।ମଙ୍ଗଳବାର ଚୀନ ବୈଦେଶିକ ମନ୍ତ୍ରଣାଳୟ ପ୍ରବକ୍ତା ମାଓ ନିଙ୍ଗ ଲଦାଖକୁ ନେଇ କଡ଼ା ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି ଯେ ଚୀନ ଲଦାଖକୁ ଭାରତର କେନ୍ଦ୍ରଶାସିତ ଅଞ୍ଚଳ ବୋଲି ମାନେ ନାହିଁ। ତେଣୁ ଭାରତର ଏଭଳି ନାମକରଣ ସମ୍ପୂର୍ଣ୍ଣ ବେଆଇନ। ସୀମାର ପଶ୍ଚିମ ଭାଗରେ ଥିବା ଏହି ସ୍ଥାନ ସମ୍ପୂର୍ଣ୍ଣ ଆମର। ଚୀନ ଆପତ୍ତି ଉଠାଇବା ପରେ ଭାରତ ବି ଏହାର ଦୃଢ଼ ଜବାବ ରଖିଛି। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ମଧ୍ୟ ତୁରନ୍ତ ଏଥିରେ ପ୍ରତିକ୍ରିୟା ଦେଇ କହିଛି ଲଦାଖ ଭାରତର ଅଂଶ। ଚୀନ ଅସ୍ୱୀକାର କଲେ ସତ ବଦଳିଯିବ ନାହିଁ। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ପ୍ରବକ୍ତା ରଣଧୀର ଜୈୟସ୍ୱାଲ କହିଛନ୍ତି ଯେ ଏହି ସ୍ଥାନଗୁଡ଼ିକର ନାଁ ସର୍ଭେ ଅଫ୍ ଇଣ୍ଡିଆର ସରକାରୀ ନକ୍ସାରେ ସାମିଲ କରାଯାଇଛି। ଏହି କାମ ଲଦାଖ ପ୍ରଶାସନ ଓ ସ୍ଥାନୀୟ ଲୋକଙ୍କ ଠାରୁ ପରାମର୍ଶ ନେଇ କରାଯାଇଛି। ସ୍ଥାନଗୁଡ଼ିକର ସଠିକ ଚିହ୍ନଟ କରିବା ଓ ଲୋକଙ୍କୁ ଏ ବିଷୟରେ ସୂଚନା ଦେବା ଏହାର ଉଦ୍ଦେଶ୍ୟ ବୋଲି ରଣଧୀର ଜୈୟସ୍ୱାଲ କହିଛନ୍ତି। ୨୦୨୩ରେ ଚୀନ ଅରୁଣାଚଳ ପ୍ରଦେଶର କିଛି ଅଞ୍ଚଳର ନାଁ ପରିବର୍ତ୍ତନ କରିଥିଲା। କାରଣ ଚୀନ ଅରୁଣାଚଳ ପ୍ରଦେଶକୁ ନିଜର ବୋଲି ଦାବି କରେ। ଏବଂ ସେ ଏହି ଅଞ୍ଚଳକୁ ଜାଙ୍ଗନାନ ବୋଲି କହେ। ଏହାର ଜବାବ ଦେଇ ଭାରତ ଲଦାଖର ନାଁ ପରିବର୍ତ୍ତନ କରିଛି। ଅକ୍ଟୋବର ୨ ତାରିଖରେ କେନ୍ଦ୍ର ଗୃହମନ୍ତ୍ରଣାଳୟ ଲଦାଖର ୨୮ଟି ସ୍ଥାନର ନାଁ ବଦଳାଇଥିଲା। ସ୍ଥାନୀୟ ପ୍ରଶାସନ ଓ ଲୋକଙ୍କ ଠାରୁ ପରାମର୍ଶ ନିଆଯାଇ ଏହା କରାଯାଇଥିଲା ବୋଲି ଭାରତ କହିଛି। ଭାରତ ଯେଉଁ ଜାଗାଗୁଡ଼ିକର ନାଁ ପରିବର୍ତ୍ତନ କରିଛି, ସେଥିରେ ଗୋଗରା ଓ ହଟ ସ୍ପ୍ରିଙ୍ଗ୍ ବି ରହିଛି। ଏହା ପୂର୍ବ ଲଦାଖର ଦୁଇଟି ସମ୍ବେଦନଶୀଳ ଅଞ୍ଚଳ। ଏହି ସ୍ଥାନ ଦୁଇଟିକୁ ନେଇ ଚୀନ ଓ ଭାରତ ମଧ୍ୟରେ ସବୁବେଳେ ଅଶାନ୍ତୋଷ ରହିଛି। ମେ ମାସ ୫ ତାରିଖ ୨୦୨୦ରେ ପେଙ୍ଗଙ୍ଗ ହ୍ରଦ ନିକଟରେ ଦୁଇ ଦେଶର ସୈନ୍ୟ ମଧ୍ୟରେ ହିଂସକ ଲଢ଼େଇ ହୋଇଥିଲା। ଏଥିରେ ଉଭୟ ଦେଶର ସୈନ୍ୟ ନିହତ ହୋଇଥିଲେ। ଭାରତ ଦ୍ୱାରା ନାମକରଣ କରାଯାଇଥିବା ୨୮ଟି ସ୍ଥାନ ମଧ୍ୟରେ ପର୍ବତ, ପାହାଡ଼, ହିମମଣ୍ଡଳ, ସ୍ଥଳଭାଗ, ଉପତ୍ୟକା ଏବଂ ଜଳାଶୟ ରହିଛି। ପାହାଡ଼ି ଶିଖରି ଅଞ୍ଚଳ ମଧ୍ୟରେ ରହିଛି- ଆତିଶା ଗିରି, କନିଷ୍କ ପିକ, କରୁଣା ପୀର ପର୍ବତ, ମାର୍ତ୍ତଣ୍ଡ ଗିରି, ଦ୍ରକ କାର୍ପୋ, ଜୋଲମୋରୀ, ରିନଚେନ ଜଙ୍ଗପୋ, ସାକ୍ୟାଶ୍ରୀ ଗିରି, ମାରପା, ଲୋସାବରୀ, ମିଲାରେପା କଙ୍ଗରୀ, ଶିବ ରୀ, ଜୋରାଓ୍ୱର ପିକ ଓ ମହେଶ୍ୱରୀ । ଗିରିପଥ ଓ ଗ୍ଲେସିୟର- ଚାପଚିଙ୍ଗଲ ଗିରିପଥ, ଶାଚମିରିକ ପାସ୍, ପାର୍ପିକ୍ ଗ୍ଲେସିୟର ଏବଂ ସ୍କାମାରି ଗ୍ଲେସିୟର।

## କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ନିଙ୍କ ସହ କଥା ହେଲେ ମୋଦି



ନୂଆଦିଲ୍ଲୀ, ୧୩।୧୦: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ନିଙ୍କ ସହ ଟେଲିଫୋନରେ କଥା ହୋଇଛନ୍ତି। ଉଭୟଙ୍କ ମଧ୍ୟରେ ଏକ ଫଳପ୍ରଦ କଥାବାର୍ତ୍ତା ହୋଇଛି ବୋଲି ମୋଦି କହିଛନ୍ତି। ଭାରତ-କାନାଡ଼ା ସମ୍ପର୍କକୁ ଏକ ସକାରାତ୍ମକ ଗତି ଦେବା ପାଇଁ ଉଭୟ ନେତା ରାଜି ହୋଇଛନ୍ତି ବୋଲି ମୋଦି କହିଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ପୋଷ୍ଟ୍ କରି ମୋଦି କହିଛନ୍ତି, ବାଣିଜ୍ୟ, ଶକ୍ତି, ପ୍ରଯୁକ୍ତି , ସୁରକ୍ଷା ଏବଂ ଜନ ସମ୍ପର୍କ ଉପରେ ସେମାନେ ଆଲୋଚନା କରିଛନ୍ତି। ଉଭୟ ରାଷ୍ଟ୍ର ଅଧିକ ସ୍ଥିର ଏବଂ ଏକ ସମୃଦ୍ଧ ବିଶ୍ୱ ଦିଗରେ ଏକାଠି କାମ କରୁଛନ୍ତି ଏବଂ ବାଣିଜ୍ୟିକ ସମ୍ପର୍କରେ ହୋଇଥିବା ପ୍ରଗତିକୁ ସୁଦୃଢ଼ କରିବା ଦିଗରେ ଉଭୟ ନେତା ରାଜି ହୋଇଛନ୍ତି ବୋଲି ମୋଦି କହିଛନ୍ତି। ତେବେ ଅନ୍ୟ ଏକ ସୂତ୍ରରୁ ଜଣାପଡ଼ିଛି ଯେ, ଭାରତ ମାର୍କ କାର୍ନିଙ୍କୁ ଆସନ୍ତା ବର୍ଷ ସାଧାରଣତନ୍ତ୍ର ଦିବସରେ ଏହାର ମୁଖ୍ୟ ଅତିଥି କରିବାର ସମ୍ଭାବନା ରହିଛି। ମୋଦି ମଧ୍ୟ ଆସନ୍ତା ଡିସେମ୍ବରରେ କାନାଡ଼ା ଗସ୍ତ କରିବେ।

## ୧୧୦୯ ପଏଣ୍ଟ ବଢ଼ିଲା ସେନସେକ୍ସ

ନୂଆଦିଲ୍ଲୀ, ୧୩।୧୦: ଭାରତୀୟ ଶେୟାର ବଜାରରେ ମଙ୍ଗଳବାର ଜୋରଦାର ଉତ୍ସାହ ଦେଖିବାକୁ ମିଳିଛି। ବିଏସଇ ସେନ୍‌ସେକ୍ସ ଓ ଏନଏସଇ ନିଫ୍ଟି ୫୦ ଉଭୟ ୧ ପ୍ରତିଶତରୁ ଅଧିକ ବୃଦ୍ଧି ସହ କାରବାର ଶେଷ କରିଛନ୍ତି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଲଙ୍ଗ୍ ଟର୍ମ କ୍ୟାପିଟାଲ୍ ଗେନ୍ସ ଟିକସ ଓ ସିକ୍ୟୁରିଟିଜ୍ ଟ୍ରାଞ୍ଜାକ୍ସନ୍ ଟ୍ୟାକ୍ସ ସମ୍ପର୍କିତ ମନ୍ତବ୍ୟ ସହ ଆଇଟି ଶେୟାରରେ ଜୋରଦାର ବୃଦ୍ଧି ବଜାରକୁ ଶକ୍ତି ଦେଇଛି। ମଙ୍ଗଳବାର କାରବାର ଶେଷରେ ବିଏସଇ ସେନ୍‌ସେକ୍ସ ୧୧୦୯ ପଏଣ୍ଟ ବା ୧.୫୪ ପ୍ରତିଶତ ବୃଦ୍ଧି ପାଇ ୭୩,୦୩୩.୭୮ ପଏଣ୍ଟରେ ବନ୍ଦ ହୋଇଛି। ସେହିପରି ଏନଏସଇ ନିଫ୍ଟି ୫୦ ୩୫୯ ପଏଣ୍ଟ ବା ୧.୬୦ ପ୍ରତିଶତ ବୃଦ୍ଧି ସହ ୨୨,୭୨୧.୯୫ ପଏଣ୍ଟରେ କାରବାର ଶେଷ କରିଛି।ଏହି ଜୋରଦାର ବୃଦ୍ଧି ଯୋଗୁଁ ତାଲିକାଭୁକ୍ତ କମ୍ପାନୀଗୁଡ଼ିକର ମୋଟ ବଜାର ପୁଞ୍ଜିରେ ୪.୧୨ ଲକ୍ଷ କୋଟି ଟଙ୍କାରୁ ଅଧିକ ଯୋଡ଼ି ହୋଇଛି। ଫଳରେ ମୋଟ ବଜାର ପୁଞ୍ଜି ପ୍ରାୟ ୪୭୦ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି।

## ରାହୁଲ ଗାନ୍ଧୀଙ୍କୁ ସୁପ୍ରିମକୋର୍ଟରୁ ଆଶ୍ୱସ୍ତି

ନୂଆଦିଲ୍ଲୀ, ୧୩।୧୦: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ମନ୍ତବ୍ୟକୁ ନେଇ ଦାଏର ହୋଇଥିବା ମାନହାନି ମାମଲାରେ ରାହୁଲ ଗାନ୍ଧୀଙ୍କ ବିରୋଧରେ ଚାଲିଥିବା ଟ୍ରୋଲ୍ ଉପରେ ସୁପ୍ରିମକୋର୍ଟ ରୋକ୍ ଲଗାଇଛନ୍ତି । ଜଷ୍ଟିସ୍ ବିକ୍ରମ ନାଥ ଏବଂ ଜଷ୍ଟିସ୍ ଅପରେଶ କୁମାର ସିଂଙ୍କ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ସୂଚନାନୁଯାୟୀ, ସୁପ୍ରିମକୋର୍ଟ ରାହୁଲ ଗାନ୍ଧୀଙ୍କ ଆବେଦନ ଉପରେ ନୋଟିସ୍ ଜାରି କରିବା ସହ ୪ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ କହିଛନ୍ତି । ସୂଚନାଯୋଗ୍ୟ ଯେ, ଏହି ମାମଲା ୨୦୧୮ ମସିହାରେ ରାଫେଲ୍ ଯୁଦ୍ଧବିମାନ ଚୁକ୍ତିକୁ ନେଇ ରାହୁଲ ଗାନ୍ଧୀଙ୍କ କଥିତ ମନ୍ତବ୍ୟ ସହ ଜଡ଼ିତ । ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପାଇଁ କଥିତ ଭାବେ 'କମାଣ୍ଡର-ଇନ୍-ଥିଫ୍' ଏବଂ 'ଚୋରଙ୍କ ସର୍ଦ୍ଦାର' ଭଳି ଶବ୍ଦ ବ୍ୟବହାର କରିଥିଲେ । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ, ମାନହାନି ମାମଲାର ନିମ୍ନ ଅଦାଲତରେ ଶୁଣାଣି ସ୍ଥଗିତ ରହିବ।

## ସାଉଦିରେ ଥିବା ଭାରତୀୟ ନାଗରିକଙ୍କ ପାଇଁ ଆଡଭାଇଜରୀ ଜାରି: ଶାନ୍ତ ଏବଂ ସତର୍କ ରୁହନ୍ତୁ

ନୂଆଦିଲ୍ଲୀ, ୧୩।୧୦: ସାଉଦି ଆରବରେ ରହୁଥିବା ଭାରତୀୟମାନଙ୍କ ପାଇଁ ଦୂତାବାସ ପକ୍ଷରୁ ଜାରି କରାଯାଇଛି ଆଡଭାଇଜରୀ। ଯେଉଁଥିରେ ସେମାନଙ୍କୁ ଶାନ୍ତ ଏବଂ ସତର୍କ ରହିବାକୁ ଅନୁରୋଧ କରାଯାଇଛି। ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି, ଏୟାର ଷ୍ଟ୍ରାଇକ୍ ଆଶଙ୍କା ଥିବାରୁ ସେମାନେ ଘର ଭିତରେ ରହିବାକୁ କୁହାଯାଇଛି। ଆଡଭାଇଜରୀରେ କୁହାଯାଇଛି ଯେ ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି, ସାଉଦି ଆରବରେ ରହୁଥିବା ସମସ୍ତ ଭାରତୀୟ ନାଗରିକ ଶାନ୍ତ ଏବଂ ସତର୍କ ରୁହନ୍ତୁ। ବିମାନ ଆକ୍ରମଣର ଆଶଙ୍କା ଥିବାରୁ ଘର ଭିତରେ ରହିବାକୁ ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ସରକାରୀ ଚ୍ୟାନେଲ ମାଧ୍ୟମରେ ଜାରି ନିର୍ଦ୍ଦେଶାବଳୀ ପାଳନ କରିବାକୁ ପରାମର୍ଶ ଦିଆଯାଇଛି। ଏହାଛଡା କୁହାଯାଇଛି ଯେ, ସେମାନଙ୍କୁ ଚଳିତ ଘଟଣା ସହିତ ଜଡିତ କୌଣସି ଭିଡିଓ କିମ୍ବା ଖବର ପ୍ରସାରଣ କିମ୍ବା ରିପୋଷ୍ଟ ନକରିବାକୁ ପରାମର୍ଶ ଦିଆଯାଇଛି। ରିୟାଦରେ ଥିବା ଭାରତୀୟ ଦୂତାବାସ ଏବଂ ଜେଦ୍ଦାରେ ଥିବା କନସୁଲେଟ୍, ମାଧ୍ୟମରେ ସେମାନଙ୍କର ଆଉଟସୋର୍ସ ପାସପୋର୍ଟ/ ପ୍ରମାଣୀକରଣ ସେବାଗୁଡ଼ିକ ସ୍ୱାଭାବିକ ଭାବରେ କାର୍ଯ୍ୟ କରୁଛି। ଦୂତାବାସ ପକ୍ଷରୁ କୁହାଯାଇଛି ଯେ, ମୃତ ଭାରତୀୟ ନାଗରିକ ମହମ୍ମଦ ୟୁସୁଫ ଅଲିଙ୍କ ଶେଷକୃତ୍ୟ ତାଙ୍କ ପରିବାରର ଇଚ୍ଛା ଅନୁଯାୟୀ ଅକ୍ଟୋବର ୧୨ ତାରିଖରେ ରିୟାଦରେ କରାଯାଇଥିଲା।

## ଫ୍ଲାଇଦୁବାଇ ବିମାନ ମାମଲା
## ମାଲଦ୍ୱୀପର ୨ ପାଇଲଟ୍ ଗିରଫ

ନୂଆଦିଲ୍ଲୀ, ୧୩।୧୦: ଫ୍ଲାଇଦୁବାଇ ବିମାନକୁ ହାଇଜାକ୍ କରି କ୍ରାସ୍ କରିବାକୁ ଉଦ୍ୟମ ଅଭିଯୋଗରେ ୟୁଏଇରେ ବଡ଼ କାର୍ଯ୍ୟାନୁଷ୍ଠାନ। ଏହି ଘଟଣାରେ ଫ୍ଲାଇଦୁବାଇ ଏୟାରଲାଇନ୍ସରେ କାର୍ଯ୍ୟରତ ମାଲଦ୍ୱୀପର ଦୁଇ ଜଣ ପାଇଲଟଙ୍କୁ ଗିରଫ କରିଛି ୟୁଏଇ ପୋଲିସ। ଦୁଇ ପାଇଲଟଙ୍କ ଗିରଫଦାରୀ ପରେ ଘଟଣାକୁ ନେଇ ରହସ୍ୟ ଆହୁରି ଘନୀଭୂତ ହୋଇଛି। ତେବେ ଏହି ଦୁଇ ପାଇଲଟଙ୍କର ହାଇଜାକ୍ ଉଦ୍ୟମ ସହ କ'ଣ ସମ୍ପର୍କ ରହିଛି, ତାହା ଏଯାଏଁ ସ୍ପଷ୍ଟ ହୋଇନାହିଁ। ଗଣମାଧ୍ୟମର ରିପୋର୍ଟ ଅନୁସାରେ, ଅକ୍ଟୋବର ୩ ତାରିଖରେ ଦୁଇ ପାଇଲଟଙ୍କୁ ହେପାଜତକୁ ନିଆଯାଇଥିଲା। ନିକଟରେ ମାଲଦ୍ୱୀପରୁ ଏହି ଦୁଇ ପାଇଲଟଙ୍କୁ ଫ୍ଲାଇଦୁବାଇରେ ନିଯୁକ୍ତି ଦିଆଯାଇଥିଲା। ୟୁଏଇରେ ଥିବା ମାଲଦ୍ୱୀପ ଦୂତାବାସ ପକ୍ଷରୁ ଦୁଇ ପାଇଲଟଙ୍କ ପରିବାରକୁ ସେମାନଙ୍କ ଅଟକ ସମ୍ପର୍କରେ ସୂଚନା ଦିଆଯାଇଛି। ତେବେ ଏହି ମାମଲାକୁ ନେଇ ମାଲଦ୍ୱୀପର ଅଧିକାରୀମାନେ କୌଣସି ମନ୍ତବ୍ୟ ଦେବାକୁ ମନା କରିଛନ୍ତି। ସୂଚନା ଅନୁସାରେ, ସେପ୍ଟେମ୍ବର ୩୦ ତାରିଖରେ ଫ୍ଲାଇଦୁବାଇର ଓମାନୀ କୋ-ପାଇଲଟ୍ ହମ୍ମାମ ଅଲ୍-ହମ୍ମାମୀଙ୍କ ନାଁରେ ସାଂଘାତିକ ଅଭିଯୋଗ ଆସିଥିଲା।

## ମେଟ୍ରୋ ଓ ଟ୍ରେନ୍ ଚଳାଚଳ କଟକଣା ନେଇ କେନ୍ଦ୍ରକୁ ଜବାବ ମାଗିଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୩।୧୦: ଦିଲ୍ଲୀରେ ପ୍ରତିବାଦ ପୂର୍ବରୁ ମେଟ୍ରୋ ଷ୍ଟେସନ୍ ବନ୍ଦ ଓ ଟ୍ରେନ୍ ଚଳାଚଳରେ କଟକଣା ଲଗାଯିବା ସମ୍ପର୍କିତ ମାମଲାର ଶୁଣାଣିକୁ ସୁପ୍ରିମକୋର୍ଟ ଆସନ୍ତା ୧୫ ତାରିଖକୁ ଘୁଞ୍ଚାଇ ଦେଇଛନ୍ତି। ମଙ୍ଗଳବାର ଏହି ମାମଲାର ଶୁଣାଣି ହେବାକୁ ଥିବାବେଳେ ବିଚାରପତି ଜଷ୍ଟିସ୍ ଭି. ମୋହନା ଅସୁସ୍ଥ ଥିବାରୁ ଶୁଣାଣି ଘୁଞ୍ଚାଇବାକୁ ପଡ଼ିଛି। ଏଥିସହିତ ମେଟ୍ରୋ ଓ ରେଳ ସେବା ବନ୍ଦ ସମ୍ପର୍କରେ ଆବେଦନକାରୀଙ୍କ ଅଭିଯୋଗ ଉପରେ କେନ୍ଦ୍ର ସରକାରଙ୍କୁ ଜବାବ ଦାଖଲ କରିବାକୁ ଅଧିକ ସମୟ ଦିଆଯାଇଛି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ଓ ଭି. ମୋହନାଙ୍କୁ ନେଇ ଗଠିତ ତିନିଜଣିଆ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିବାର ଥିଲା। ଜଷ୍ଟିସ୍ ମୋହନା ଅସୁସ୍ଥ ଥିଲେ ମଧ୍ୟ ଅଦାଲତକୁ ଆସିଥିବା କଥା ପ୍ରଧାନ ବିଚାରପତି ଓକିଲମାନଙ୍କୁ ଜଣାଇଥିଲେ। ଏହାପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଉପସ୍ଥିତ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ସ୍ୱାସ୍ଥ୍ୟଗତ କାରଣକୁ ଗୁରୁତ୍ୱ ଦେଇ ଶୁଣାଣି ଘୁଞ୍ଚାଇବାକୁ ଅନୁରୋଧ କରିଥିଲେ। ବରିଷ୍ଠ ଆଇନଜୀବୀ ଗୋପାଳ ଶଙ୍କରନାରାୟଣନ୍ ମଧ୍ୟ ଏଥିରେ ସହମତି ଜଣାଇଥିଲେ। ଅକ୍ଟୋବର ୧୦ରେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ବିରୋଧରେ ପ୍ରତିବାଦ ପୂର୍ବରୁ ଦିଲ୍ଲୀରେ ମେଟ୍ରୋ ଷ୍ଟେସନ୍ ବନ୍ଦ ଓ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ଦାଖଲ ହୋଇଥିବା ଆବେଦନରେ ସୁପ୍ରିମକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ ଉଲ୍ଲଂଘନ କରାଯାଇଥିବା ଦାବି କରାଯାଇଛି। ମେଟ୍ରୋ ଓ ରେଳ ସେବା ସମ୍ପୂର୍ଣ୍ଣ ବନ୍ଦ ନ କରିବାକୁ କୋର୍ଟ ପୂର୍ବରୁ କହିଥିଲେ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଗୋପାଳ ଶଙ୍କରନାରାୟଣନ୍ ଜଣେ ସାମ୍ବାଦିକଙ୍କ ପକ୍ଷରୁ ଦାଖଲ ଅବମାନନା ଆବେଦନର ଜରୁରି ଶୁଣାଣି ଦାବି କରିଥିଲେ। ଏହି ମାମଲାରେ କେନ୍ଦ୍ର ସରକାରଙ୍କ ଜବାବୀ ସତ୍ୟପାଠ ମଙ୍ଗଳବାର ସୁଦ୍ଧା ଦାଖଲ ହେବାର ଥିଲା। ସଲିସିଟର ଜେନେରାଲ ମେହେଟ୍ଟା କହିଥିଲେ ଯେ ସତ୍ୟପାଠ ପ୍ରସ୍ତୁତ ଅଛି, କିନ୍ତୁ ଏହାକୁ ଅଧିକ ସମ୍ପୂର୍ଣ୍ଣ କରିବା ପାଇଁ କିଛି ତଥ୍ୟ ଯୋଡ଼ିବାକୁ ଚାହୁଁଛନ୍ତି। ଖଣ୍ଡପୀଠ ଅକ୍ଟୋବର ୧୫ ପର୍ଯ୍ୟନ୍ତ ସମୟ ବଢ଼ାଇବା ସହ ଜବାବର ନକଲ ଆବେଦନକାରୀଙ୍କ ଓକିଲମାନଙ୍କୁ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ସୌରଭ ଏବଂ ଆଶୁତୋଷ ପୁଣି ଅଟକ
### ଜନ୍ତରମନ୍ତରରୁ ଉଠାଇନେଲା ପୋଲିସ



ନୂଆଦିଲ୍ଲୀ, ୧୩/୧୦ : କକରୋଚ୍ ଜନତା ପାର୍ଟିର ନେତା ସୌରଭ ଦାସଙ୍କୁ ଦିଲ୍ଲୀ ପୋଲିସ ପୁଣି ଅଟକ ରଖିଛି । ସେ କିଛି ବନ୍ଧୁଙ୍କ ସହ ଜନ୍ତରମନ୍ତର ଯାଉଥିଲେ। ଏହି ସମୟରେ ତାଙ୍କୁ ପୋଲିସ ଉଠାଇ ନେଇଛି। ସୌରଭଙ୍କ ସହ ସିଜେପିର ସହ ସଂଯୋଜକ ଆଶୁତୋଷ ରାଙ୍କାଙ୍କୁ ମଧ୍ୟ ପୋଲିସ ଅଟକ ରଖିଛି। କୁହାଯାଉଛି ଯେ, ସୌରଭ ଏବଂ ଆଶୁତୋଷଙ୍କ ସମେତ ସିଜେପିର କିଛି ବ୍ୟକ୍ତି ଜନ୍ତରମନ୍ତର ନିକଟବର୍ତ୍ତୀ ଜେଡିୟୁ ପାର୍ଟି ଅଫିସ ଆଡକୁ ଯାଉଥିଲେ । ଏହାପରେ ଗେଟ୍ ଡେଇଁ ଜନ୍ତରମନ୍ତରର ଏକ କୋଣକୁ ଚାଲି ଯାଇଥିଲେ। ପୋଲିସ ସମସ୍ତଙ୍କୁ ଅଟକ ରଖିଛି। ଏହି ମାମଲାରେ ଦିଲ୍ଲୀ ପୋଲିସ ଏଫଆଇଆର ମଧ୍ୟ ରୁଜୁ କରିପାରେ। ଆଶୁତୋଷ ସୋସିଆଲ ମିଡିଆରେ ଏକ ଭିଡିଓ ପୋଷ୍ଟ କରିଛନ୍ତି । ଏଥିରେ ସେ ଭାରତ ମାତା କି ଜୟ ନାରା ଲଗାଉଛନ୍ତି। ଏହାସହ ଜ୍ଞାନେଶ କୁମାରଙ୍କ ଇସ୍ତଫା ମାଗୁଛନ୍ତି।

## ରାହୁଲଙ୍କ ଉପରେ ବର୍ଷିଲେ ଶାହ
## ଏସଆଇଆରକୁ ବଦନାମ୍ କରିବା ବନ୍ଦ କର



ନୂଆଦିଲ୍ଲୀ, ୧୩।୧୦: ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଉପରେ ବର୍ଷିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ। ଏସଆଇଆରକୁ ନେଇ ରାହୁଲ ଆଣିଥିବା ଅଭିଯୋଗ ଉପରେ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ଶାହ। କଂଗ୍ରେସର ବାରମ୍ବାର ପରାଜୟ ପାଇଁ ଏସଆଇଆରକୁ ଦାୟୀ କରିବା ବଦଳରେ ଆତ୍ମସମୀକ୍ଷା ପାଇଁ ସେ ରାହୁଲଙ୍କୁ ପରାମର୍ଶ ଦେଇଛନ୍ତି । ଏହା ସହିତ ଅମିତ ଶାହ ବଡ଼ ଦାବି ମଧ୍ୟ କରିଛନ୍ତି । ସେ କହିଛନ୍ତି, ୨୦୨୯ ଲୋକସଭା ନିର୍ବାଚନରେ କଂଗ୍ରେସ କ୍ରମାଗତ ଚତୁର୍ଥ ଥର ପାଇଁ ପରାଜୟର ସାମ୍ନା କରିବ। ଗୁଜରାଟର ତିନୋଟି ନଗର ନିଗମର ୧୦୪ଟି ସିଟ୍ ମଧ୍ୟରୁ ବିଜେପି ୯୦ଟି ସିଟ୍‌ରେ ବିଜୟୀ ହେବା ପରେ ଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀରେ ଶାହ ଏଭଳି କହିଛନ୍ତି । ଅମିତ ଶାହ କହିଛନ୍ତି ଯେ, ଏସଆଇଆର ପ୍ରକ୍ରିୟା କେବଳ ୨୦୨୪ ପରେ କାର୍ଯ୍ୟକାରୀ ହୋଇଛି । କିନ୍ତୁ ରାହୁଲ ଗାନ୍ଧୀ କଂଗ୍ରେସର ମୁଖ୍ୟ ନେତା, ସଭାପତି ଏବଂ ପରବର୍ତ୍ତୀ ସମୟରେ ବିରୋଧୀ ଦଳ ନେତା ହେବା ଦିନଠାରୁ ଦଳ କ୍ରମାଗତ ଭାବରେ ନିର୍ବାଚନରେ ପରାଜିତ ହୋଇଆସୁଛି। ରାହୁଲ ଗାନ୍ଧୀ ନିଜର ଭୁଲ୍ ସ୍ୱୀକାର କରିବା ଉଚିତ୍ ବୋଲି ସେ କହିଛନ୍ତି।

## ପୁଟିନ୍‌ଙ୍କୁ ନାଟୋ ସୁପ୍ରିମ କମାଣ୍ଡରଙ୍କ ଚେତାବନୀ
## ରୁଷ ସହ ଯୁଦ୍ଧ କରିବାକୁ ପ୍ରସ୍ତୁତ




ମସ୍କୋ, ୧୩।୧୦: ରୁଷ ଓ ନାଟୋ ଦେଶ ମଧ୍ୟରେ ବଢୁଛି ଉତ୍ତେଜନା। ଯେକୌଣସି ସମୟରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହେଲେ ମୁକାବିଲା ପାଇଁ ପ୍ରସ୍ତୁତ ରହିଛି ନାଟୋ ସାମରିକ ମେଣ୍ଟ। ଏନେଇ ନାଟୋର ଶୀର୍ଷ ସେନା କମାଣ୍ଡର ଜେନେରାଲ୍ ଆଲେକ୍ସସ୍ ଜି. ଗ୍ରିଙ୍କେୱିଚ୍ କହିଛନ୍ତି। ସେ କହିଛନ୍ତି ଆବଶ୍ୟକ ପଡ଼ିଲେ ମେଣ୍ଟ ଆଜି ରାତିରେ ମଧ୍ୟ ଯୁଦ୍ଧ କରିବାକୁ ପ୍ରସ୍ତୁତ। ଓ୍ୱାର୍ସା ସିକ୍ୟୁରିଟି ଫୋରମରେ ସେ କହିଛନ୍ତି, ଶତ୍ରୁପକ୍ଷ ଆକ୍ରମଣ କଲେ କେବଳ ଆକ୍ରମଣକାରୀ ସେନାକୁ ନୁହେଁ, ବରଂ ଆକ୍ରମଣକୁ ସହାୟତା କରୁଥିବା ସାମରିକ ବ୍ୟବସ୍ଥା, ଯୋଗାଣ ଶୃଙ୍ଖଳ ଓ କମାଣ୍ଡ ଢାଞ୍ଚାକୁ ମଧ୍ୟ ଟାର୍ଗେଟ୍ କରାଯିବ। ତେବେ ନିକଟ ଭବିଷ୍ୟତରେ ରୁଷ ପକ୍ଷରୁ ତତ୍କାଳ ବିପଦ ଦେଖୁନଥିବା କଥା ମଧ୍ୟ ସେ କହିଛନ୍ତି। ଅନ୍ୟପଟେ ୟୁକ୍ରେନ୍ ଉପରେ ରୁଷର ଆକ୍ରମଣ ଜାରି ରହିଥିବାରୁ ଅସ୍ତ୍ରବିରତି ଓ ଶାନ୍ତି ପ୍ରତିଷ୍ଠାକୁ ନେଇ ଚିନ୍ତା ବଢ଼ିଛି। ୟୁକ୍ରେନର ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କିଙ୍କ ଅନୁଯାୟୀ, ସୋମବାର ସନ୍ଧ୍ୟାରେ ରୁଷ ପକ୍ଷରୁ ଆକ୍ରମଣ କରାଯାଇଥିଲା। କିଭର ଏକ ବହୁତଳ ଆବାସିକ କୋଠାକୁ 'ଶାହେଦ୍' ଡ୍ରୋନରେ ଟାର୍ଗେଟ୍ କରାଯାଇଛି। ଏହି ଆକ୍ରମଣରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୯ ଜଣ ଆହତ ହୋଇଛନ୍ତି।

## ଭାରତୀୟ ସେନାରେ ସାମିଲ ହେଲା 'ନାଗାସ୍ତ୍ର-୧ଆର'

ନୂଆଦିଲ୍ଲୀ, ୧୩।୧୦: ଭାରତୀୟ ସେନା ନିଜର ଆକ୍ରମଣ କ୍ଷମତା ବୃଦ୍ଧି ପାଇଁ ମଙ୍ଗଳବାର ୪୫୦ଟି ସ୍ୱଦେଶୀ ନାଗାସ୍ତ୍ର-୧ଆର୍ ଡ୍ରୋନକୁ ସାମିଲ କରିଛି। ଏକକାଳୀନ ଏତେ ସଂଖ୍ୟକ କାମିକାଜେ (ଆତ୍ମଘାତୀ) ଡ୍ରୋନ୍ ସେନାରେ ସାମିଲ ହେବା ଏହା ପ୍ରଥମ ଘଟଣା। ଅପରେସନ୍ ସିନ୍ଦୂର ପରେ ସେନାର ଡ୍ରୋନ୍ କ୍ଷମତା ବଢ଼ାଇବା ଲାଗି ଚାଲିଥିବା ଉଦ୍ୟମର ଏହା ଏକ ଅଂଶ। ନାଗପୁରସ୍ଥିତ ସୋଲାର ଡିଫେନ୍ସ ଆଣ୍ଡ୍ ଏରୋସ୍ପେସ୍ ଲିମିଟେଡ୍ (ଏସଡିଏଏଲ୍) ଏହି ଡ୍ରୋନଗୁଡ଼ିକ ନିର୍ମାଣ କରିଛି। ଗତବର୍ଷ ଜୁନରେ ଏହି କମ୍ପାନିକୁ ୧୫୮ କୋଟି ଟଙ୍କାର ଜରୁରିକାଳୀନ ଯୋଗାଣ ଆଦେଶ ଦିଆଯାଇଥିଲା। ପାକିସ୍ତାନ ସହ ସାମରିକ ସଂଘର୍ଷ ପରେ ସେନାକୁ ଜରୁରିକାଳୀନ କ୍ରୟ କ୍ଷମତା ମିଳିଥିବାରୁ ଏହି ଆଦେଶ ଦିଆଯାଇଥିଲା। ଚୁକ୍ତି ଅନୁଯାୟୀ, ଏକ ବର୍ଷ ମଧ୍ୟରେ ଯୋଗାଣ ଶେଷ ହେବାର ଥିଲା। କିନ୍ତୁ ଏଥିପାଇଁ ଏକ ବର୍ଷରୁ ଅଧିକ ସମୟ ଲାଗିଛି। କମ୍ପାନିର କହିବା ଅନୁଯାୟୀ, ପରୀକ୍ଷଣରେ ଭାଗ ନେଇଥିବା ଚାରିଟି କମ୍ପାନି ମଧ୍ୟରୁ କେବଳ ଏସଡିଏଏଲ୍ ନିର୍ଦ୍ଧାରିତ ସମସ୍ତ କାର୍ଯ୍ୟକ୍ଷମ ମାନଦଣ୍ଡ ପୂରଣ କରିଥିଲା। ଏହା ପୂର୍ବରୁ ୨୦୨୪ରେ ସେନା ୪୮୦ଟି ନାଗାସ୍ତ୍ର-୧ ଡ୍ରୋନ୍ ପାଇଥିଲା।

## ଗଙ୍ଗା ନଦୀରେ ଡଙ୍ଗା ଓଲଟି ୧୧ ମୃତ

ପାଟନା, ୧୩।୧୦: ମଙ୍ଗଳବାର ଦିନ ବିହାରର ବୈଶାଳୀ ଜିଲ୍ଲାରେ ଗଙ୍ଗା ନଦୀରେ ଏକ ଡଙ୍ଗା ଓଲଟି ପଡ଼ିବାରୁ ଶିଶୁଙ୍କ ସମେତ ଅତିକମରେ ୧୧ ଜଣଙ୍କ ମୃତ୍ୟୁ ଘଟିଛି। ଖବର ଅନୁଯାୟୀ, ଡଙ୍ଗାରେ ୧୫ରୁ ୨୦ ଜଣ ଲୋକ ଥିଲେ ଏବଂ ସେମାନେ ସମସ୍ତେ ଏକ ଭୋଜିରେ ଯୋଗଦେବାକୁ ଯାଉଥିଲେ।ଏହି ଘଟଣା ବୈଶାଳୀର ରାଘୋପୁର ଅଞ୍ଚଳରେ ଘଟିଛି। ମୃତକଙ୍କ ମଧ୍ୟରେ ଅଧିକାଂଶ ଶିଶୁ ବୋଲି କୁହାଯାଉଛି। ଦୁର୍ଘଟଣା ପରେ ଘଟଣାସ୍ଥଳକୁ ଅଧିକାରୀଙ୍କ ଏକ ଦଳ ପଠାଯାଇଛି। ନଦୀରେ ନିଖୋଜ ଥିବା ବ୍ୟକ୍ତିଙ୍କୁ ଖୋଜିବା କାର୍ଯ୍ୟରେ ସ୍ଥାନୀୟ ଗ୍ରାମବାସୀମାନେ ମଧ୍ୟ ପ୍ରଶାସନକୁ ସହଯୋଗ କରୁଛନ୍ତି।

## ଜିଡିପି ଅଭିବୃଦ୍ଧି ହାର ହେବ ୭ ପ୍ରତିଶତ

ନୂଆଦିଲ୍ଲୀ, ୧୩।୧୦: ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ) ପୁଣି ଥରେ ଭାରତକୁ ବିଶ୍ୱର ସବୁଠାରୁ ଦ୍ରୁତ ଅଭିବୃଦ୍ଧିଶୀଳ ପ୍ରମୁଖ ଅର୍ଥନୀତି ଘୋଷଣା କରିଛି। ଆଇଏମଏଫ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ହାର ୭ ପ୍ରତିଶତ ହେବ ବୋଲି ଆକଳନ କରିଛି। ତଥାପି, ଏହା ପୂର୍ବ ଆର୍ଥିକ ବର୍ଷର ୭.୭ ପ୍ରତିଶତର ଦୃଢ଼ ଅଭିବୃଦ୍ଧି ହାର ତୁଳନାରେ କମ୍। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ)ମଙ୍ଗଳବାର ପ୍ରକାଶିତ ବିଶ୍ୱ ଅର୍ଥନୈତିକ ଆଉଟଲୁକ୍ ରିପୋର୍ଟରେ ଚଳିତ ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ଭାରତର ଜିଡିପି ଅଭିବୃଦ୍ଧି ପୂର୍ବାନୁମାନ ୬.୪ ପ୍ରତିଶତରୁ ୭ ପ୍ରତିଶତକୁ ବୃଦ୍ଧି କରିଛି।

## ଗର୍ଭବତୀ ସାମ୍ବାଦିକାଙ୍କୁ ରାହୁଲ ଠେଲିଦେଇଥିବା ଅଭିଯୋଗ, କଂଗ୍ରେସର ଖଣ୍ଡନ



ନୂଆଦିଲ୍ଲୀ, ୧୩।୧୦: ଦିଲ୍ଲୀରେ ବିରୋଧୀ ଦଳଙ୍କ ପଦଯାତ୍ରା ସମୟରେ ଜଣେ ତିନି ମାସର ଗର୍ଭବତୀ ସାମ୍ବାଦିକାଙ୍କୁ ରାହୁଲ ଗାନ୍ଧୀ ଠେଲିଦେଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ସୋମବାର ସୁପ୍ରିମକୋର୍ଟ ପରିସର ନିକଟରେ ଘଟିଥିବା ଅଭିଯୋଗକାରୀ ସାମ୍ବାଦିକା ରିଚା ପରାଶର କହିଛନ୍ତି। ସେ ଅନଲାଇନ୍ ନ୍ୟୁଜ୍ ସଂସ୍ଥା 'ଓ୍ୱାନଇଣ୍ଡିଆ'ରେ କାମ କରନ୍ତି। ଘଟଣା ପରେ ତାଙ୍କୁ ଦିଲ୍ଲୀର ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତେବେ ଭାଇରାଲ୍ ଭିଡିଓରେ ରାହୁଲ ତାଙ୍କୁ ଠେଲିଥିବା ସ୍ପଷ୍ଟ ଭାବେ ଜଣାପଡୁ ନଥିବା କଂଗ୍ରେସ କହିଛି। ରିଚାଙ୍କ କହିବା ଅନୁସାରେ, ସୋମବାର ବିରୋଧୀ ଦଳର ପଦଯାତ୍ରା ଶେଷ ହେବା ପରେ ସେ ସୁପ୍ରିମକୋର୍ଟ ପରିସରର ଏକ ଫାଟକ ନିକଟରେ ରାହୁଲଙ୍କ ପ୍ରତିକ୍ରିୟା ନେବାକୁ ଅପେକ୍ଷା କରିଥିଲେ। ସେ ମାଇକ୍ ଆଗକୁ ବଢ଼ାଇବାରୁ ରାହୁଲ ତାଙ୍କୁ ହଟାଇବାକୁ ସଙ୍କେତ ଦେଇଥିଲେ। ସେ ମାଇକ୍ ପଛକୁ ନେବା ପରେ ପୁଣି ଅନ୍ୟ ସାମ୍ବାଦିକଙ୍କ ମାଇକ୍ ଆଗକୁ ବଢ଼ିବାରୁ ସେ ନିଜ କାମ କରିବାକୁ ମାଇକ୍ ଆଗକୁ ନେଇଥିଲେ। ଏହି ସମୟରେ ରାହୁଲ ତାଙ୍କ ହାତ ଧରି ଜୋରରେ ଟାଣି ଦେଇଥିବା ଏବଂ ସୁରକ୍ଷାକର୍ମୀ ତାଙ୍କୁ ଠେଲିଦେବାରୁ ସେ ପାହାଚ ଉପରେ ପଡ଼ିଯାଇଥିବା ରିଚା ଅଭିଯୋଗ କରିଛନ୍ତି। ତାଙ୍କ ମୋବାଇଲ୍ ଫୋନ୍ ଭାଙ୍ଗିଯାଇଥିବା ଓ ମାଇକର ରିସିଭର୍ ଖସିଯାଇଥିବା ମଧ୍ୟ ରିଚା କହିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ନେତା ଅଲକା ଲାମ୍ବା ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଘଟଣାର ସମୟ ଓ ଡାକ୍ତରଖାନାରେ ପହଞ୍ଚିବା ସମୟକୁ ନେଇ ସେ ପ୍ରଶ୍ନ ଉଠାଇବା ସହ ବିଜେପି ଏହାକୁ ରାଜନୈତିକ ପ୍ରଚାରରେ ବ୍ୟବହାର କରୁଥିବା ଅଭିଯୋଗ କରିଛନ୍ତି। ଭିଡିଓରେ ରାହୁଲ ସାମ୍ବାଦିକାଙ୍କୁ ଠେଲିଥିବା ସ୍ପଷ୍ଟ ହେଉନାହିଁ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ରିଚା କହିଛନ୍ତି, ତାଙ୍କ ବେକ ଓ ପାଦରେ ଯନ୍ତ୍ରଣା ହେଉଛି। ଗର୍ଭାବସ୍ଥାରେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ସେ ସାମ୍ବାଦିକତା କାମ କରୁଥିବା କହିଛନ୍ତି। ବିଜେପି ନେତାମାନେ ଡାକ୍ତରଖାନାକୁ ଯାଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ।

CMYK



## ଗେଲ୍ ଇଣ୍ଡିଆ ପାଇପ୍‌ଲାଇନ୍ ଅଗ୍ନିକାଣ୍ଡ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲ୍ଲାପାଳ



କଟକ(ନିପ୍ର) : କଟକ କେଡିଏ ସେକ୍ଟର-୧୦ରେ ଗେଲ୍ ଇଣ୍ଡିଆର ପାଇପ୍‌ଲାଇନ୍ ଦୁର୍ଘଟଣାରେ ଘଟିଥିବା ଅଗ୍ନିକାଣ୍ଡ ଘଟଣାର ତଦନ୍ତ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାର ପ୍ରକୃତ କାରଣ ଅନୁଧ୍ୟାନ କରିବା ସହ ଅଞ୍ଚଳର ପାରିପାର୍ଶ୍ୱିକ ସ୍ଥିତି ଯାଞ୍ଚ କରି ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଏହି କ୍ରମରେ ଅତିରିକ୍ତ ଜିଲ୍ଲାପାଳ ଦିବ୍ୟଲୋଚନ ମହାନ୍ତିଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନେଇ ଏକ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛି। ଏହି ଟିମ୍‌ରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୁଗୁଡା ମୁର୍ମୁ, ଯୋଗାଣ ଅଧିକାରୀ ଚନ୍ଦ୍ରଶେଖର ପାତ୍ର, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ନୁରି ପରବିନ୍ ଏବଂ ଜିଲ୍ଲା ସହକାରୀ ଅଗ୍ନିଶମ ଅଧିକାରୀ ପ୍ରଶାନ୍ତ ଧଳ ପ୍ରମୁଖ ସାମିଲ ଥିଲେ। ଅଧିକାରୀମାନେ ଘଟଣାସ୍ଥଳରେ ଅଗ୍ନିକାଣ୍ଡ ଘଟିବାର ସମ୍ଭାବ୍ୟ କାରଣ, ପାଇପ୍‌ଲାଇନ୍‌ର ସ୍ଥିତି ଏବଂ ଏହାର ଆଖପାଖ ଅଞ୍ଚଳର ପାରିପାର୍ଶ୍ୱିକ ପରିସ୍ଥିତି ସମ୍ପର୍କରେ ଯାଞ୍ଚ କରିଛନ୍ତି। ତଦନ୍ତ ପରେ ଘଟଣା ସମ୍ପର୍କିତ ତଥ୍ୟ ସଂଗ୍ରହ କରି ଜିଲ୍ଲା ପ୍ରଶାସନ ନିକଟରେ ରିପୋର୍ଟ ଦାଖଲ କରାଯିବ। ଅନ୍ୟପକ୍ଷରେ, ଏହି ଅଗ୍ନିକାଣ୍ଡ ଘଟଣାରେ ଜଣେ ବ୍ୟକ୍ତି ଆହତ ହୋଇଥିବା ସୂଚନା ମିଳିଛି। ଆହତ ବ୍ୟକ୍ତିଙ୍କୁ କଟକସ୍ଥିତ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ତାଙ୍କର ଚିକିତ୍ସା ଚାଲିଛି। ଏହି ଘଟଣା ପରେ ସମ୍ପୃକ୍ତ ଅଞ୍ଚଳରେ ପାଇପ୍‌ଲାଇନ୍ ଯୋଗେ ଗ୍ୟାସ୍ ଯୋଗାଣ ଓ ସଂଯୋଗ ବ୍ୟବସ୍ଥାକୁ ସ୍ୱାଭାବିକ କରିବା ପାଇଁ ଗେଲ୍ ଇଣ୍ଡିଆ ପକ୍ଷରୁ ପଦକ୍ଷେପ ନିଆଯାଉଛି। ଯଥାଶୀଘ୍ର ଗ୍ୟାସ୍ ସଂଯୋଗ ପୁନଃସ୍ଥାପନ କରିବା ଉପରେ କମ୍ପାନୀ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି।

## ଛାତ ସ୍ଲାବ ପଡି ଯୁବକ ମୃତ

ଭାପୁର,(ନିପ୍ର): ଫତେଗଡ଼ ଥାନା ବିଜିପୁର ପଞ୍ଚାୟତ ଅନ୍ତର୍ଗତ ସୁନାଖଳା ଗ୍ରାମର ତାରେଶ୍ୱର ରାଉତଙ୍କ ପୁଅ ସୁମନ ରାଉତ (୪୭) ଙ୍କ ଉପରେ ନିର୍ମାଣଧୀନ ଛାତର ସ୍ଲାବ ପଡିଯିବାରୁ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଘଟଣାରୁ ପ୍ରକାଶ, ସେ ନିଜ ଗ୍ରାମର ମାଆ ବଘେଇ ଠାକୁରାଣୀଙ୍କ ନୂତନ ମନ୍ଦିର ନିର୍ମାଣ ପାଇଁ କାର୍ଯ୍ୟଦେଶ ନେଇଥିଲେ। ମନ୍ଦିର ପ୍ରାୟ ୧୦ ଫୁଟ ନିର୍ମାଣ ହୋଇଥିବାବେଳେ ତା ଉପରେ ଏକ ୫ କୁଇଣ୍ଟାଲର ସିମେଣ୍ଟ କଂକ୍ରିଟ ସ୍ଲାବ ପଡିଥିଲା। ମଙ୍ଗଳବାର ଅପରାହ୍ନରେ ଶ୍ରମିକମାନେ କାର୍ଯ୍ୟ କରୁଥିବାବେଳେ ସେ ସ୍ଲାବ ତଳେ ଛିଡା ହୋଇଥିଲେ କିନ୍ତୁ,ଆକସ୍ମାତ ସ୍ଲାବଟି ସୁମନଙ୍କ ଉପରେ ଭାଙ୍ଗି ଖସିପଡିଥିଲା ଫଳରେ, ଘଟଣାସ୍ଥଳରେ,ସେ ସ୍ଲାବ ତଳେ ଚାପି ହୋଇ ରହିଯାଇଥିଲେ। କାର୍ଯ୍ୟ କରୁଥିବା ଶ୍ରମିକ ମାନେ ତାଙ୍କୁ ସ୍ଲାବ ତଳୁ ବାହାର କରି ସାଙ୍ଗେସାଙ୍ଗେ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ମଧ୍ୟ କାର୍ଯ୍ୟରତ ଡାକ୍ତର ମୃତ ଘୋଷଣା କରିଥିଲେ। ରାତ୍ରୀରେ ଗ୍ରାମ ସ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ତାଙ୍କର ଛୋଟଛୋଟ ଝିଅ (୮) ଏବଂ ପୁଅ (୫) ରହିଛନ୍ତି।

## ଲାଞ୍ଚ ନେଇ ଧରାପଡ଼ିଲେ ଆର୍‌ଆଇ

କଟକ(ନିପ୍ର): ଲାଞ୍ଚ ନେଇ ଧରାପଡ଼ିଲେ ଆରଆଇ। ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ବଲାଙ୍ଗୀର ଜିଲ୍ଲା ସାନ୍ତଳା ରାଜସ୍ୱ ସର୍କଲର ରାଜସ୍ୱ ନିରୀକ୍ଷକ ଆଲାନ ବେହେରା। ଜଣେ ଆବେଦନକାରୀଙ୍କ କୃଷି ଜମିକୁ ଘରବାରି କିସମ ଜମିରେ ପରିବର୍ତ୍ତନ କରିବା ସଂକ୍ରାନ୍ତ ମାମଲାରେ ତଦନ୍ତ ରିପୋର୍ଟ ଦାଖଲ କରିବା ପାଇଁ ସେ ୩ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଆଜି ତାଙ୍କୁ ଧରିଛି ଓଡ଼ିଶା ଭିଜିଲାନ୍ସ। ଆବେଦନକାରୀ ଜଣକ ଗତ ସେପ୍ଟେମ୍ବର ୭ ତାରିଖରେ ଏଥିପାଇଁ ଅନଲାଇନରେ ଆବେଦନ କରିଥିଲେ। ବାରମ୍ବାର ଅନୁରୋଧ ସତ୍ତ୍ୱେ ଅଭିଯୁକ୍ତ ରାଜସ୍ୱ ନିରୀକ୍ଷକ ଫାଇଲ୍ ପ୍ରକ୍ରିୟା ଆଗକୁ ବଢ଼ାଉ ନଥିଲେ। ସେ ପ୍ରଥମେ ୬ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଆବେଦନକାରୀ ଏତେ ଟଙ୍କା ଦେବାକୁ ଅସମର୍ଥତା ପ୍ରକାଶ କରିବାରୁ ଲାଞ୍ଚ ପରିମାଣ ୩ ହଜାର ଟଙ୍କାକୁ କମାଇ ଦେଇଥିଲେ। ଏନେଇ ଆବେଦନକାରୀ ଭିଜିଲାନ୍ସର ଦ୍ୱାରସ୍ଥ ହେବା ପରେ ଯୋଜନା ମୁତାବକ ଆଜି ଲାଞ୍ଚ ଟଙ୍କା ନେବା ସମୟରେ ଆଲାନ ବେହେରାଙ୍କୁ ଧରିଥିଲା ଭିଜିଲାନ୍ସ ଟିମ୍। ତାଙ୍କ ନିକଟରୁ ସମସ୍ତ ୩ ହଜାର ଟଙ୍କା ଜବତ କରାଯାଇଛି।ଏହି ଘଟଣା ପରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଦିଗରୁ ଅଭିଯୁକ୍ତଙ୍କ ସହ ସମ୍ପୃକ୍ତ ଦୁଇଟି ସ୍ଥାନରେ ଏକକାଳୀନ ଚଢ଼ାଉ ଜାରି ରଖିଛି ଭିଜିଲାନ୍ସ। ଏ ସଂକ୍ରାନ୍ତରେ ସମ୍ବଲପୁର ଭିଜିଲାନ୍ସ ଡିଭିଜନ ଥାନାରେ ଏକ ମାମଲା ରୁଜୁ ହୋଇଛି। ଦୁର୍ନୀତି ନିବାରଣ (ସଂଶୋଧନ) ଆଇନ, ୨୦୧୮ର ଧାରା ୭ ଅନୁଯାୟୀ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## ଅଭ୍ୟାସଗତ ବାଇକ ଲୁଟେରା ଧରାପଡିଲା

ଭୁବନେଶ୍ୱର, (ନି.ପ୍ର): ଭୁବନେଶ୍ୱରର ଆହାର କେନ୍ଦ୍ର ନିକଟରୁ ବାଇକ୍ ଚୋରି କରିଥିବା ଜଣେ ଅଭ୍ୟାସଗତ ଲୁଟେରା ତଥା ଅପରାଧୀକୁ ନୟାପଲ୍ଲୀ ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ବେଗୁନିଆର ସନ୍ତୋଷ ବେହେରା। ପୁଲିସ ତା' ନିକଟରୁ ଚୋରି ହୋଇଥିବା ଗ୍ଲାମର ବାଇକ୍‌କୁ ମଧ୍ୟ ଜବତ କରାଯାଇଛି। ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଗତକାଲି ଅଭିଯୋଗକାରୀ ପାପୁ ମଲ୍ଲିକ ନୟାପଲ୍ଲୀ ଆହାର କେନ୍ଦ୍ରକୁ ଖାଇବାକୁ ଆସିଥିଲେ। ସେ ନିଜର ଗ୍ଲାମର ବାଇକକୁ କେନ୍ଦ୍ର ବାହାରେ ପାର୍କିଂ କରି ଭିତରକୁ ଯାଇଥିଲେ। ଦିନ ପ୍ରାୟ ୧୨.୦୦ ଟାରେ ଖାଇସାରି ବାହାରକୁ ଆସିବା ବେଳକୁ ତାଙ୍କ ବାଇକ୍‌ଟି ସେଠାରେ ନଥିଲା। ବହୁ ଖୋଜାଖୋଜି ପରେ ମଧ୍ୟ ବାଇକ୍ ନମିଳିବାରୁ ସେ ନୟାପଲ୍ଲୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୋଲିସ ତୁରନ୍ତ ଆରମ୍ଭ କରିଥିଲେ। ଅପରାହ୍ନ ପ୍ରାୟ ୨.୩୦ ମିନିଟରେ ସର୍ଭିସ୍ ରୋଡ୍ ଦେଇ ଜଟଣୀ ପଟୁ ଜୟଦେବ ବିହାର ଆଡ଼କୁ ଚୋରି ହୋଇଥିବା ବାଇକ୍‌ଟି ଆସୁଥିବାର ସୂଚନା ମିଳିଥିଲା। ପୋଲିସ ଟିମ୍ ସିଆରପି ଛକ ଏବଂ ନୟାପଲ୍ଲୀ ଅଣ୍ଡରପାସ୍ ନିକଟରେ ଜଗି ରହିଥିଲା। ଦିନ ପ୍ରାୟ ୨.୫୦ ମିନିଟରେ ଉକ୍ତ ବାଇକ୍‌କୁ ପୋଲିସ ଅଟକାଇବାକୁ ଚେଷ୍ଟା କରିଥିଲା। ଅଭିଯୁକ୍ତ ସନ୍ତୋଷ ବେହେରା ବାଇକ୍ ଛାଡ଼ି ଦୌଡ଼ି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ତାକୁ କାବୁ କରିଥିଲା।

## ଘରେ ପଶି ମୋବାଇଲ ଓ ଟଙ୍କା ଚୋରି, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ନି.ପ୍ର): ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଚକେଇସିହାଣି ଅଞ୍ଚଳରେ ଘରେ ପଶି ମୋବାଇଲ୍ ଓ ଟଙ୍କା ଚୋରି କରିଥିବା ଜଣେ ପେସାଦାର ଅପରାଧୀକୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଚନ୍ଦନ ଓରଫ ବିମଳ ରଣସିଂହ। ଘଟଣାସ୍ଥଳରୁ ଚୋରିରେ ବ୍ୟବହୃତ ତା'ର ବାଇକକୁ ମଧ୍ୟ ଜବତ କରାଯାଇଛି। ପୋଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଭୋର୍ ସମୟରେ ଅଭିଯୋଗକାରିଣୀଙ୍କ ଘରେ ଜଣେ ଚୋର ପଶି ଆଲମିରାରୁ ଏକ ମୋବାଇଲ୍ ଫୋନ୍ ଏବଂ ନଗଦ ୪,୫୦୦ ଟଙ୍କା ଚୋରି କରି ନେଉଥିଲା। ଘର ଭିତରେ ଖଟଖଟ ଶବ୍ଦ ଶୁଣି ଅଭିଯୋଗକାରିଣୀଙ୍କ ନିଦ ଭାଙ୍ଗିଯାଇଥିଲା। ସେ ଚୋରକୁ ଦେଖି ପାଟି କରିବାରୁ ପଡ଼ୋଶୀମାନେ ଉଠି ଚୋରକୁ ଗୋଡ଼ାଇଥିଲେ। ଚୋର ଜଣକ ଘଟଣାସ୍ଥଳରୁ ଖସି ପଳାଇବାରେ ସଫଳ ହୋଇଥିଲା, ମାତ୍ର ତରବରରେ ତା'ର ବାଇକଟିକୁ ସେଠାରେ ଛାଡ଼ିଦେଇ ପଳାଇଥିଲା। ଅଭିଯୋଗ ପାଇବା ପରେ ମଞ୍ଚେଶ୍ୱର ପୋଲିସ ସିସିଟିଭି ଫୁଟେଜ୍ ଏବଂ ଘଟଣାସ୍ଥଳରେ ଥିବା ବାଇକ୍‌ର କାଗଜପତ୍ର ଯାଞ୍ଚ କରିଥିଲା। ଯାଞ୍ଚରୁ ଜଣାପଡ଼ିଥିଲା ଯେ ବାଇକ୍‌ଟି ସମେଇଗାଡ଼ିଆ ଅଞ୍ଚଳର ବିଜୟ ରଣସିଂହଙ୍କ ନାମରେ ରହିଛି ଏବଂ ତାଙ୍କ ପୁଅ ଚନ୍ଦନ ଏହାକୁ ଚଳାଉଥିଲା। ପୋଲିସ ତଦନ୍ତରୁ ଏହା ମଧ୍ୟ ସ୍ପଷ୍ଟ ହୋଇଥିଲା ଯେ ଅଭିଯୁକ୍ତ ଚନ୍ଦନ ଜଣେ ପେସାଦାର ଲୁଟେରା ।

# ଗୁଟକା, ତମାଖୁ, ପାନମସଲା କଟକଣା ସଂପର୍କିତ ବିଜ୍ଞପ୍ତିକୁ ବିରୋଧ

କଟକ,(ନିପ୍ର): ଚିୱିଙ୍ଗ ଟବାକୋ ବା ଗୁଟୁକା ଉପରେ କଟକଣା ଜାରି କରି ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ବିଜ୍ଞପ୍ତିକୁ ନେଇ ଦେଖା ଦେଇଥିବା ବିବାଦର ସାନି ବିଚାର ପାଇଁ ଜଣିକିଆ ବିଚାରପତିଙ୍କୁ ନେଇ ଗଠିତ ଖଣ୍ଡପୀଠଙ୍କ ନିକଟକୁ ହାଇକୋର୍ଟ ମାମଲାକୁ ପଠାଇଛନ୍ତି। ନିର୍ଦ୍ଦିଷ୍ଟ କେତେକ ପ୍ରସଙ୍ଗରେ ଦ୍ୱନ୍ଦ୍ୱ ରହିଛି ବୋଲି ଶୁଣାଣି ବେଳେ ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା। ଏଥିସହିତ ରାଜ୍ୟ ସରକାରଙ୍କ ବିଜ୍ଞପ୍ତି ଗ୍ରହଣୀୟ ନୁହେଁ ବୋଲି ଆବେଦନକାରୀଙ୍କ ତରଫରୁ ଯୁକ୍ତି ଉପସ୍ଥାପନ କରାଯାଇଥିଲା। ଅନ୍ୟପକ୍ଷରେ ମାମଲାକୁ ରାଜ୍ୟ ସରକାରଙ୍କ ତରଫରୁ ବିରୋଧ କରାଯିବା ସହିତ ଚିୱିଙ୍ଗ ଟବାକୋ ବା ଗୁଟୁକା ଉପରେ କଟକଣା ଜାରି କରି ପ୍ରକାଶିତ ବିଜ୍ଞପ୍ତି ଆଇନ ସମ୍ମତ ବୋଲି ଦର୍ଶାଯାଇଥିଲା। ସଂପୃକ୍ତ ପ୍ରସଙ୍ଗରେ ସ୍ପଷ୍ଟୀକରଣ ଲୋଡ଼ି ଆବେଦନକାରୀଙ୍କ ପକ୍ଷରୁ ଜଣିକିଆ ବିଚାରପତିଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଆବେଦନ ଦାୟର କରାଯିବ। ଏହାପରେ ଜଣିକିଆ ବିଚାରପତି ମାମଲାର ସାନି ଶୁଣାଣି କରିବେ ବୋଲି ହାଇକୋର୍ଟ କହିବା ସହିତ ଆବେଦନକାରୀଙ୍କ ରିଟ ଅପିଲର ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଚିୱିଙ୍ଗ ଟବାକୋ ଉତ୍ପାଦନ ଓ ବିକ୍ରି କରୁଥିବା କଟକର ଏକ କମ୍ପାନି ପକ୍ଷରୁ ଦାୟର ରିଟ ଅପିଲର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ଚିୱିଙ୍ଗ ଟବାକୋ ବା ଗୁଟୁକା ଉପରେ କଟକଣା ଜାରି କରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ୨୦୨୬, ଜାନୁଆରି ୨୧ରେ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ରାଜ୍ୟରେ ଗୁଟକା, ତମାଖୁଯୁକ୍ତ ପାନମସଲା ଉପରେ ଏପରି ବିଜ୍ଞପ୍ତି ମାଧ୍ୟମରେ କଟକଣା ଜାରି କରାଯାଇଥିଲା। ଏହି ବିଜ୍ଞପ୍ତିକୁ ବିରୋଧ କରି ହାଇକୋର୍ଟରେ କେତେକ ମାମଲା ଦାୟର ହୋଇଥିଲା। ଜଣିକିଆ ବିଚାରପତିଙ୍କୁ ନେଇ ଗଠିତ ଖଣ୍ଡପୀଠ ଜାନୁଆରି ୨୧ର ବିଜ୍ଞପ୍ତିରେ ହସ୍ତକ୍ଷେପ କରିବାକୁ ମନା କରିବା ସହିତ ଏହାକୁ ଚାଲେଞ୍ଜ କରି ଚିୱିଙ୍ଗ ଟବାକୋ ଉତ୍ପାଦନ ଓ ବିକ୍ରି କରୁଥିବା କମ୍ପାନି ଗୁଡ଼ିକ ତରଫରୁ ଦାୟର ୪ଟି ମାମଲାକୁ ଅଗଷ୍ଟ ୨୧ରେ ଖାରଜ କରିଥିଲେ। ଏଥି ସହିତ ବିଜ୍ଞପ୍ତି ଉପରେ ରହିତାଦେଶ ଜାରି କରି ପୂର୍ବରୁ ପ୍ରଦାନ କରାଯାଇଥିବା ଅନ୍ତରୀଣ ନିର୍ଦ୍ଦେଶକୁ ହାଇକୋର୍ଟ ଉଠାଇ ଦେଇଥିଲେ।

## ଆସିକାରେ ପୌର ପରିଷଦର ଚଢ଼ାଉ
## ୧୩ କେଜି ପଲିଥିନ ଜବତ: ୬ ହଜାର ଟଙ୍କା ଜୋରିମାନା ଆଦାୟ



ଆସିକା,(ନିପ୍ର): ସହରରେ ସ୍ୱଚ୍ଛତା ବଜାୟ ରଖିବା ସହ ପଲିଥିନ ବ୍ୟବହାର ଉପରେ ଅଙ୍କୁଶ ଲଗାଇବା ଲକ୍ଷ୍ୟରେ ଆସିକା ପୌର ପରିଷଦ ପକ୍ଷରୁ ବିଭିନ୍ନ ଦୋକାନରେ ଚଢ଼ାଉ କରାଯାଇଛି। ଏହି ଚଢ଼ାଉ ସମୟରେ ୧୩ କିଲୋଗ୍ରାମ ପଲିଥିନ ଜବତ କରାଯିବା ସହ ୬ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଛି ବୋଲି ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି। ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଅଜିତ ପଟ୍ଟନାୟକ, ଜଗନ୍ନାଥ ବେହେରା ପ୍ରମୁଖ ଏହି ଅଭିଯାନରେ ସାମିଲ ହୋଇଥିଲେ। ସହରର ବିଭିନ୍ନ ତେଜରାତି ଦୋକାନ, ପାନ ଦୋକାନ ଓ ଜଳଖିଆ ଦୋକାନରେ ଯାଞ୍ଚ କରାଯାଇ ପଲିଥିନ ଜବତ କରାଯାଇଥିଲା। ବଜାରରେ ପଲିଥିନର ବହୁଳ ବ୍ୟବହାର ପରିବେଶ ପ୍ରଦୂଷଣର ଏକ ପ୍ରମୁଖ କାରଣ ପାଲଟିଛି। ଦୈନନ୍ଦିନ ଜୀବନରେ ଜିନିଷପତ୍ର କିଣାବିକା ସମୟରେ ପଲିଥିନ ବ୍ୟବହାର ଯୋଗୁଁ ଏହାର ଅଳିଆ ଏଣେତେଣେ ପଡ଼ି ପରିବେଶକୁ ଦୂଷିତ କରିବା ସହ ଡ୍ରେନ୍ ଜାମ୍ ଭଳି ସମସ୍ୟା ସୃଷ୍ଟି କରୁଛି। ପଲିଥିନ ବ୍ୟବହାର ଉପରେ କଟକଣା ରହିଥିଲେ ମଧ୍ୟ ଏହାର ଉଲ୍ଲଂଘନ ହେଉଥିବାରୁ ପୌର ପରିଷଦ ପକ୍ଷରୁ ଏଭଳି ଯାଞ୍ଚ ଅଭିଯାନ ଜାରି ରହିଛି। ଆସିକା ସହରକୁ ସ୍ୱଚ୍ଛ ଓ ପଲିଥିନମୁକ୍ତ କରିବା ପାଇଁ କେବଳ ପ୍ରଶାସନର ପ୍ରୟାସ ଯଥେଷ୍ଟ ନୁହେଁ, ଏଥିପାଇଁ ଦୋକାନୀ ଓ ସାଧାରଣ ଜନତାଙ୍କ ସହଯୋଗ ମଧ୍ୟ ଜରୁରୀ। ତେଣୁ ପଲିଥିନ ବଦଳରେ କପଡ଼ା କିମ୍ବା ଅନ୍ୟ ପୁନଃ ବ୍ୟବହାରଯୋଗ୍ୟ ବ୍ୟାଗ୍ ବ୍ୟବହାର କରିବା ସହ ପରିବେଶ ସୁରକ୍ଷା ଦିଗରେ ସମସ୍ତେ ସଚେତନ ହେବାକୁ ପୌର ପରିଷଦ ପକ୍ଷରୁ ଆହ୍ୱାନ କରାଯାଇଛି।

## ଅନାବନା ଗଛ ହେତୁ ବୁଲାଣିଆ ରାସ୍ତାରେ ଘଟୁଛି ଦୁର୍ଘଟଣା

କାଶୀନଗର (ନିପ୍ର): ପାରଳାଖେମୁଣ୍ଡି ଠାରୁ ଗୁଣୁପୁର ପର୍ଯ୍ୟନ୍ତ ଯାଇଥିବା ରାଜ୍ୟ ରାଜପଥ-୪ ବର୍ତ୍ତମାନ ଯାତ୍ରୀଙ୍କ ପାଇଁ ମାରଣଯନ୍ତା ପାଲଟିଛି। ଏହି ରାସ୍ତା ପ୍ରାୟ ଷାଠିଏ କିଲୋମିଟର ରହିଛି। ଏହି ରାସ୍ତାରେ ଅନେକ ବୁଲାଣି ରହିଥିବା ବେଳେ ରାସ୍ତାର ଉଭୟ ପାର୍ଶ୍ୱରେ ଅନାବନା ଗଛ ଓ ଲଟି ବ୍ୟାପକ ଭାବେ ମାଡି ଯାଇଥିବା ହେତୁ ବୁଲାଣି ରାସ୍ତା ସାମ୍ନା ପଟୁ କାଉ ଗାଡି ବା ମଟର ସାଇକେଲ ଆସୁଥିବା ଦେଖା ଯାଉନାହିଁ। ଯାହାଦ୍ୱାରା ଦ୍ରୁତ ଗତିରେ ଆସୁଥିବା ଦୁଇ କିମ୍ବା ଚାରି ଚକିଆ ଯାନ ଅନେକ ସମୟରେ ବୁଲାଣି ରାସ୍ତାରେ ଦୁର୍ଘଟଣାର ଶିକାର ହେଉଛନ୍ତି। କାଶୀନଗର ଥାନା ଅନ୍ତର୍ଗତ କେ.ସୀତାପୁର ବାଇପାସ ଛକ ନିକଟରେ ଥିବା ବୁଲାଣୀୟ ବ୍ରିଜ୍ ନିକଟରେ ବହୁତ ଗାଡି ଦୁର୍ଘଟଣା ଗସ୍ତ ହେଉ ଥିବା ସରପଞ୍ଚ କେ. ତେଜସ୍ୱର ରାଓ ସୂଚନା ଦେଇଥିବା ବେଳେ ଏହି ବ୍ଲକ ଅନ୍ତର୍ଗତ ହରିପୁର ଠାରୁ ଅଲଡା ଗ୍ରାମ ଯାଏଁ ଯେଉଁ ସବୁ ବୁଲାଣିଆ ରାସ୍ତା ଅଛି ଏହି ରସ୍ତାର ପାର୍ଶ୍ୱରେ ବି ଅନାବନା ଗଛ ବୃଦ୍ଧି ଘଟି ବିପଦପୂର୍ଣ୍ଣ ଅବସ୍ଥା ରହି ଥିବା ଦୃଷ୍ଟିକୁ ଆସିଛି। ଦୁଇ ତିନି ବର୍ଷ ମଧ୍ୟରେ ଏହି ବୁଲାଣିଆ ରାସ୍ତାରେ ଏଲାଧିକ ଦୁର୍ଘଟଣା ଘାଟିଥିବା ନଜରକୁ ଆସିଛି। ଖୁବ ଶୀଘ୍ର ଏହି ରାଜପଥର ଉଭୟ ପାର୍ଶ୍ୱରେ ବଢ଼ି ଯାଇଥିବା ଗଛ ଲଟା ସବୁ ତୁରନ୍ତ ହଟେଇବା ନିମନ୍ତେ ସାଧାରଣରେ ଦାବୀ ରହିଛି।

## ବେଆଇନ ଭାବେ ଗଚ୍ଛିତ ଔଷଧ ଜବତ
## ଅଭିଯୁକ୍ତଙ୍କ ବିରୋଧରେ ଆଇନଗତ ପଦକ୍ଷେପ

କଟକ(ନିପ୍ର): କଟକ ଜିଲ୍ଲାର ନିଆଳି ଥାନା ଅନ୍ତର୍ଗତ କଣ୍ଠାପଡ଼ା ଗ୍ରାମରେ ଡ୍ରଗ୍ସ କଣ୍ଟ୍ରୋଲ ବିଭାଗ ଓ ସ୍ଥାନୀୟ ପୋଲିସ ପକ୍ଷରୁ ଏକ ମିଳିତ ଚଢ଼ଉ କରାଯାଇ ବେଆଇନ ଭାବେ ଗଚ୍ଛିତ ବିପୁଳ ପରିମାଣରେ ଔଷଧ ଜବତ କରାଯାଇଛି। କଟକ ଡ୍ରଗ୍ସ କଣ୍ଟ୍ରୋଲ ଟିମ୍ ଓ ନିଆଳି ଥାନା ପୋଲିସର ମିଳିତ ଉଦ୍ୟମରେ ଅଭିଯୁକ୍ତଙ୍କ ଘରେ ଏହି ଚଢ଼ଉ କରାଯାଇଥିଲା। ଏହି ଚଢ଼ଉରେ ଆସିଷ୍ଟାଣ୍ଟ ଡ୍ରଗ୍ସ କଣ୍ଟ୍ରୋଲର ତୁଷାର ରଞ୍ଜନ ପାଣିଗ୍ରାହୀ, ଡ୍ରଗ୍ସ ଇନ୍ସପେକ୍ଟର ବିନାୟକ ଦଳବେହେରା ଓ ଅମିତ ମାଇତିଙ୍କ ସମେତ ନିଆଳି ଥାନାର ପୋଲିସ କର୍ମଚାରୀମାନେ ସାମିଲ ହୋଇଥିଲେ। ଜବତ ହୋଇଥିବା ଔଷଧଗୁଡ଼ିକର ଉତ୍ସ, ସଂରକ୍ଷଣ ଓ ଆଇନଗତ ବୈଧତା ସମ୍ପର୍କରେ ଆବଶ୍ୟକ ଯାଞ୍ଚ ଓ ତଦନ୍ତ କରାଯିବ। ଏହି ଘଟଣାରେ ଡ୍ରଗ୍ସ ଆଣ୍ଡ କସମେଟିକ୍ସ ଆଇନର ନିୟମ ଅନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ କୋର୍ଟରେ ଅଭିଯୋଗ ଦାଖଲ ସହ ଆବଶ୍ୟକ ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ।

## ପୂଜା କମିଟି ସଦସ୍ୟଙ୍କୁ ସଂଘବଦ୍ଧ ଆକ୍ରମଣ ଓ ଗୁଳି ମାଡ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ନି.ପ୍ର): ଗଣେଶ ପୂଜା ଭସାଣି ପରେ ଏକାଠି ହୋଇ ପ୍ରସାଦ ସେବନ କରୁଥିବା କମିଟି ସଦସ୍ୟଙ୍କ ଉପରେ ବନ୍ଧୁକ ଏବଂ ଖଣ୍ଡାରେ ସଂଘବଦ୍ଧ ଆକ୍ରମଣ ଓ ଫାୟାରିଂ କରିବା ଘଟଣାରେ ଭରତପୁର ଥାନା ପୋଲିସ ଆଉ ଜଣେ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ କିଶାନ ବାରିକ। ପୁଲିସ ତା' ନିକଟରୁ ଏକ ଛୁରୀ ଏବଂ ଗୋଟିଏ ସ୍କର୍ପିଓ କାର୍ ଜବତ କରିଛି। ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ନିହାର ରଞ୍ଜନ ବେହେରା ନାମକ ଜଣେ ବ୍ୟକ୍ତି ଫେସବୁକରେ ୟାସିର୍ ନୱାଜ ଏବଂ ତାର ସହଯୋଗୀଙ୍କ ବିରୋଧରେ କିଛି ବିବାଦୀୟ ପୋଷ୍ଟ କରିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ଗତ ୨୧.୦୯.୨୦୨୬ ତାରିଖ ବିଳମ୍ବିତ ରାତି ପ୍ରାୟ ୨.୦୦ ରୁ ୨.୩୦ ମଧ୍ୟରେ ୟାସିର୍ ନୱାଜ୍ ଏବଂ ତା'ର ଅନ୍ୟ ସହଯୋଗୀମାନେ ସଂଘବଦ୍ଧ ଭାବେ ମଣିପାଲ ହସ୍ପିଟାଲ୍ ପଛପଟେ ଥିବା ଗଣେଶ ପୂଜା ପେଣ୍ଡାଲ୍ ପାଖରେ ପହଞ୍ଚିଥିଲେ। ସେମାନେ ନିହାର ରଞ୍ଜନକୁ ଖୋଜୁଥିଲେ, ମାତ୍ର ସେ ସେଠାରେ ନଥିଲେ। ଏଥିରେ ରାଗିଯାଇ ଦୁର୍ବୃତ୍ତମାନେ ସେଠାରେ ପ୍ରସାଦ ଖାଉଥିବା ନିରୀହ ପୂଜା କମିଟି ସଦସ୍ୟଙ୍କ ଉପରେ ଅତର୍କିତ ଭାବେ ବନ୍ଧୁକ, ଖଣ୍ଡା ଓ ଭୁଜାଲିରେ ଆକ୍ରମଣ କରିଥିଲେ। ଅଭିଯୁକ୍ତ ଫୈଜଲ ଖାନ୍ ସେଠାରେ ଫାୟାରିଂ ମଧ୍ୟ କରିଥିଲା, ଯାହା ଲକ୍ଷ୍ୟଭ୍ରଷ୍ଟ ହୋଇଥିଲା। ଏହି ଆକ୍ରମଣରେ ଅଭିଯୋଗକାରୀ ସୁବ୍ରତ ବେହେରାଙ୍କ ସମେତ ୫ ଜଣ ଗୁରୁତର ଆହତ ହୋଇଥିଲେ। ଦୁର୍ବୃତ୍ତମାନେ ଆସବାବପତ୍ର ଓ ବଗିଚା ମଧ୍ୟ ଭାଙ୍ଗିରୁଜି ଦେଇଥିଲେ। ପୋଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରୁ ଦୁଇଟି ଖାଲି ଗୁଳି ଓ ସିସିଟିଭି ଡିଭିଆର ଜବତ କରିଥିଲା। ସିସିଟିଭି ଫୁଟେଜ୍ ଏବଂ ଗୋପନୀୟ ସୂତ୍ରରୁ ଖବରପାଇ ଭରତପୁର ପୋଲିସ ଆଜି ସକାଳ ୬.୩୦ ମିନିଟରେ ଏହି ଆକ୍ରମଣରେ ସାମିଲ ଥିବା ଅନ୍ୟତମ ମୁଖ୍ୟ ଅଭିଯୁକ୍ତ କିଶନ ବାରିକ୍‌କୁ ବରମୁଣ୍ଡା ଅଞ୍ଚଳରୁ କାବୁ କରିଛି। ତା' ନିକଟରୁ ଏକ ଧାରୁଆ ଫୋଲ୍ଡିଂ ଛୁରୀ ଏବଂ ଏକ ସ୍କର୍ପିଓ କାର୍ ଜବତ ହୋଇଛି। ପଚରାଉଚରା ବେଳେ ସେ ଦୋଷ ସ୍ୱୀକାର କରିଛି ଏବଂ ଆଜି ଅପରାହ୍ନ ୩ ଟାରେ ତାକୁ ଗିରଫ କରାଯାଇ ୧୫ ଦିନିଆ ରିମାଣ୍ଡ ପ୍ରାର୍ଥନା ସହ କୋର୍ଟ ଚାଲାଣ କରାଯାଇଛି। ଏହି ଗ୍ୟାଙ୍ଗର ଅନ୍ୟ ସଦସ୍ୟମାନଙ୍କୁ ଧରିବା ପାଇଁ ପୋଲିସ ତଦନ୍ତ ଜାରି ରଖିଛି।

## ଦୁଇଟି ମୁଣ୍ଡ ବିଶିଷ୍ଟ ଶିଶୁ ଜନ୍ମ

ବ୍ରହ୍ମପୁର,(ନିପ୍ର): ରବିବାର ରାତିରେ ବ୍ରହ୍ମପୁରସ୍ଥିତ ସରକାରୀ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡିକାଲ୍ କଲେଜ୍ ଓ ହସ୍ପିଟାଲରେ କନ୍ଧମାଳ ଜିଲ୍ଲାର ଜଣେ ୨୨ ବର୍ଷୀୟା ମହିଳା ଦୁଇଟି ମୁଣ୍ଡ ଓ ଗୋଟିଏ ଶରୀର ବିଶିଷ୍ଟ ଯାଆଁଳା ପୁତ୍ର ସନ୍ତାନଙ୍କୁ ଜନ୍ମ ଦେଇଛନ୍ତି। ନବଜାତକର ଅବସ୍ଥା ଗୁରୁତର ରହିଛି ଏବଂ ଡାକ୍ତରମାନେ ଶ୍ୱାସକ୍ରିୟା ଜନିତ ସମସ୍ୟା ଥିବା କଥା ଜଣାଇଛନ୍ତି। ଜନ୍ମ ସମୟରେ ୨.୨୫ କିଲୋଗ୍ରାମ ଓଜନ ଥିବା ଏହି ଶିଶୁକୁ ହସ୍ପିଟାଲର ନବଜାତକ ଇଣ୍ଟେନ୍ସିଭ୍ କେୟାର ୟୁନିଟ୍ ରେ ଭର୍ତ୍ତି କରାଯାଇଛି, ଯେଉଁଠାରେ ବିଭିନ୍ନ ବିଭାଗର ବିଶେଷଜ୍ଞଙ୍କ ଏକ ଦଳ ତା'ର ସ୍ୱାସ୍ଥ୍ୟାବସ୍ଥା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି।

## ଗୋରୁ ବୋଝେଇ ଗାଡ଼ି ଜବତ; ୪ ଗିରଫ

ଆଠଗଡ଼,(ନିପ୍ର): ଆଠଗଡ଼ ଥାନା ଅନ୍ତର୍ଗତ ମୁଣ୍ଡଲୀ ବ୍ରିଜ୍ ଅନତି ଦୂର ବାଉଁଶ ଦଣ୍ଡା ଠାରେ ଆଜି ସକାଳ ପ୍ରାୟ ୬ ଘଟିକା ସମୟରେ ଏକ ଗୋରୁ ବୋଝେଇ ପିକଅପ ଗାଡ଼ି ରେ ୭ଟି ଗାଈ ଅତି ଦୟନୀୟ ଅବସ୍ଥାରେ ନିଆଯାଉଥିଲା।ଏହି ଗାଡ଼ିକୁ ଆଗରେ ଏକ ବଲେରୋ ଗାଡି ପାଇଲିଙ୍ଗ କରୁଥିଲା।ଏହାକୁ ଦେଖି ସ୍ଥାନୀୟ ଯୁବକମାନେ ପିଛାକରି ଗାଡ଼ି ୨ଟାକୁ ଅଟକାଇ ଆଠଗଡ଼ ପୋଲିସକୁ ଖବର ଦେଇ ଜବତ କରାଇଥିଲେ । ଏଥିରେ ଥିବା ୪ ଜଣ ଆସାମୀ ଗିରଫ ହୋଇଥିବା ବେଳେ ୨ଜଣଙ୍କୁ କୋର୍ଟ ଫରୱାଡ କରାଯାଇଥିଲା ଏବଂ ଅନ୍ୟ ୨ଜଣଙ୍କୁ ଚିକିତ୍ସା ନିମନ୍ତେ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।କେସ ନମ୍ବର ୪୨୮/୨୬ ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## କେନ୍ଦ୍ରାପଡ଼ାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

କେନ୍ଦ୍ରାପଡ଼ା, (ନିପ୍ର): କେନ୍ଦ୍ରାପଡ଼ା ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ୨୦୨୬-୨୭ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ପଞ୍ଚାୟତ ସମିତି ଓ ପୌରପାଳିକା ପକ୍ଷରୁ ଜିଲ୍ଲା ସାମାଜିକ ସୁରକ୍ଷା ଓ ସଶକ୍ତୀକରଣ ବିଭାଗର ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରକୁ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ କେନ୍ଦ୍ରାପଡ଼ା ବିଡିଓ ଅଭିଷେକ ସ୍ୱାଇଁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେହୁରା, ଅତିରିକ୍ତ ବିଡିଓ ଅନିରୁଦ୍ଧ ବେହେରା ଏବଂ ବ୍ଲକ ଉପାଧ୍ୟକ୍ଷ ପ୍ରତାପ ନାରାୟଣ ମହାପାତ୍ର ଯୋଗଦେଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁଦୀପ୍ତା ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଶିବିରରେ ମୋଟ ୪୧୯ ଜଣ ନାମ ପଞ୍ଜୀକରଣ କରିଥିବାବେଳେ ବିଭିନ୍ନ ବିଭାଗରେ ଦିବ୍ୟାଙ୍ଗମାନଙ୍କର ଡାକ୍ତରୀ ପରୀକ୍ଷା କରାଯାଇଥିଲା।

## ଅପମିଶ୍ରିତ ଛେନା ଓ ରଙ୍ଗମିଶା ଖାଦ୍ୟ ଜବତ
## ୨୦ ହଜାର ଟଙ୍କା ଜୋରିମାନା ଆଦାୟ



ଆସିକା,(ନିପ୍ର): ରାଜ୍ୟରେ ଖାଦ୍ୟ ସୁରକ୍ଷା ଏକ ବଡ଼ ପ୍ରଶ୍ନ ହୋଇଥିଲା ବେଳେ ଖାଦ୍ୟର ଶୁଦ୍ଧତା ଓ ନିରାପତ୍ତାକୁ ଦୃଷ୍ଟିରେ ରଖି ଆସିକା ପୌର ପରିଷଦ ଏବଂ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ସହରର ବିଭିନ୍ନ ଗୋଦାମ, ହୋଟେଲ ଓ ମିଠା ଦୋକାନରେ ଅତର୍କିତ ଚଢ଼ାଉ କରାଯାଇଛି। ଏହି ଚଢ଼ାଉରେ ଅପମିଶ୍ରିତ ଛେନା ଓ ଖାଦ୍ୟରେ ବ୍ୟବହାର କରାଯାଉଥିବା ବିଭିନ୍ନ ରଙ୍ଗ ମିଶ୍ରିତ ସାମଗ୍ରୀ ଜବତ କରାଯିବା ସହ ଜୋରିମାନା ବାବଦରେ ମୋଟ ୨୦ ହଜାର ଟଙ୍କା ଆଦାୟ କରାଯାଇଛି। ଆସିକା ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ର ଓ ଅଜିତ ପଟ୍ଟନାୟକଙ୍କ ସମେତ ଏକ ସ୍ୱତନ୍ତ୍ର ଟିମ୍ ଏହି ଚଢ଼ାଉରେ ସାମିଲ ହୋଇଥିଲେ। ସହରର ବସ୍‌ଷ୍ଟାଣ୍ଡ, ମୁଖ୍ୟ ବଜାର, ଲକ୍ଷ୍ମୀ ବଜାର, ବିନାୟକ ବଜାର ଓ କଳିଙ୍ଗା ରୋଡ୍? ଅଞ୍ଚଳରେ ଥିବା ବିଭିନ୍ନ ଦୋକାନରେ ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ କେତେକ ହୋଟେଲ ଓ ମିଠା ଦୋକାନରୁ ଅପମିଶ୍ରିତ ଛେନା ଏବଂ ଖାଦ୍ୟରେ ବ୍ୟବହାର ପାଇଁ ରଖାଯାଇଥିବା ରଙ୍ଗ ମିଶ୍ରିତ ସାମଗ୍ରୀ ଜବତ କରାଯାଇଥିଲା। ଏଥିସହ କଦଳୀ ପଚାଇବା ପାଇଁ ବ୍ୟବହୃତ ସ୍ପ୍ରେ ମଧ୍ୟ ଜବତ କରାଯାଇ ଏହାର ମାଲିକଙ୍କଠାରୁ ଜୋରିମାନା ଆଦାୟ କରାଯାଇଥିବା ଜଣାପଡ଼ିଛି। ପାର୍ବଣ ସମୟରେ ମିଠା ଓ ବିଭିନ୍ନ ଖାଦ୍ୟ ସାମଗ୍ରୀର ଚାହିଦା ବଢୁଥିବାରୁ ଖାଦ୍ୟର ଗୁଣବତ୍ତା ଓ ନିରାପତ୍ତା ରକ୍ଷା କରିବା ଉପରେ ପ୍ରଶାସନ ଗୁରୁତ୍ୱ ଦେଇଛି।

## ରେଳ ଡିପୋରୁ ମାଇ ଅଜଗର ଉଦ୍ଧାର

ପୁରୀ(ନିପ୍ର): ପୁରୀ ରେଳଷ୍ଟେସନ ରେଳ ଡିପୋରୁ ମାଇ ଅଜଗର ଉଦ୍ଧାର। ୧୨ ଫୁଟ ଲମ୍ବ ଓ ୧୫ କେ.ଜି ଓଜନର ଏହି ମାଇ ଅଜଗରକୁ ଉଦ୍ଧାର କଲେ ସ୍ନେକ ହେଲ୍ପ ଲାଇନ୍ ସଦସ୍ୟ ସଂଗ୍ରାମ କେଶରୀ ଦାସ।ଉଦ୍ଧାର ପରେ ସେ ଅଜଗରକୁ ଜଙ୍ଗଲ ବିଭାଗକୁ ହସ୍ତାନ୍ତର କରିଛନ୍ତି।ତେବେ ପୁରୀ ରେଳଷ୍ଟେସନ ରେଳ ଡିପୋକୁ ଅଜଗର କେଉଁଠୁ ଆସିଲା ତାକୁ ନେଇ ସନ୍ଦେହ ସହ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସ୍ନେକ ହେଲ୍ପ ଲାଇନ୍ ସଦସ୍ୟ ସଂଗ୍ରାମ କେଶରୀ ଦାସ ଅଭିଯୋଗ ଆଣୁଛନ୍ତି ଯେ ଗତ ସେପ୍ଟେମ୍ବର ମାସରେ ପୁରୀ ସଦର ଧନିକେରା ଗାଁରୁ ଏହି ଅଜଗରଟି ଉଦ୍ଧାର ହୋଇଥିଲା।

## କାଠଯୋଡ଼ି ପଠାରେ ମହିଳାଙ୍କୁ ହତ୍ୟା ଘଟଣା
# କଳାହାଣ୍ଡିରୁ ଆଣି କଟକରେ ହତ୍ୟା, ମୃତଦେହ ଚିହ୍ନଟ ପାଇଁ ଆସିଲେ ପରିବାର ଲୋକ

କଟକ(ନିପ୍ର): କାଠଯୋଡ଼ି ନଦୀପଠାରେ ମହିଳାଙ୍କୁ ହତ୍ୟା ଘଟଣାରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛି ପୁଲିସ। ମୃତ ମହିଳାଙ୍କ ଘର କଳାହାଣ୍ଡିରେ। ତାଙ୍କ ବାପଘର ନୂଆପଡ଼ା ଅଞ୍ଚଳରେ। ଅଭିଯୁକ୍ତ ତାଙ୍କର ସଂପର୍କୀୟ। ଏଭଳି ତଥ୍ୟ ଆଧାରରେ ପୁଲିସ ଏବେ ଅଭିଯୁକ୍ତକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି। ଅନ୍ୟପଟେ ଉଭୟ ଅଭିଯୁକ୍ତ ଓ ମୃତ ମହିଳାଙ୍କ ସ୍ପଷ୍ଟ ଚିତ୍ର ସିସିକ୍ୟାମେରା ଫୁଟେଜରେ ସାମନାକୁ ଆସିଛି। ଉଭୟ ସିଏନ୍‌ବିଟିକୁ ବସ୍‌ରେ ଆସିଥିଲେ। ସିଏନ୍‌ବିଟିରେ ଓହ୍ଲାଇବା ପରେ ସେମାନେ ଚାଲିଚାଲି ସିଟି କଲେଜ ସାମନା କାଠଯୋଡ଼ି ନଦୀପଠାକୁ ଯାଇଥିଲେ। ଦିନ ସମୟରେ ହିଁ ସେହି ସ୍ଥାନରେ ହତ୍ୟାକାଣ୍ଡ ଘଟିଥିବା ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ବୁଧବାର ସଂଧ୍ୟାରେ ସିଟି କଲେଜ ସାମନା କାଠଯୋଡ଼ି ନଦୀପଠାରେ ଜଣେ ମହିଳାଙ୍କ ଶବ ପଡ଼ିଥିବା ବାଦାମବାଡ଼ି ଥାନା ପୁଲିସ ଜାଣିବାକୁ ପାଇଥିଲା। ସେଠାରୁ ମହିଳାଙ୍କ ଶବ, ଖାଦ୍ୟ ସାମଗ୍ରୀ ଓ ଆସବାବପତ୍ର ମିଳିଥିଲା। ମହିଳାଙ୍କ ହାତରେ ଅଭିନାଶ-ଗୌରୀ ଲେଖାକୁ ନେଇ ପୁଲିସ ଛାନଭିନ୍ ଆରମ୍ଭ କରିଥିଲା। ବାଦାମବାଡ଼ି ଥାନା ପୁଲିସ ମହିଳାଙ୍କ ଠିକଣା ଠାବ କରିବା ପରେ ମୃତ ମହିଳାଙ୍କ ପରିବାର ଲୋକଙ୍କୁ ଡକାଇ ପଚରାଉଚରା କରିଛି। ସେମାନଙ୍କ ବୟାନ ଆଧାରରେ ଅଭିଯୁକ୍ତକୁ ବି ଚିହ୍ନଟ କରିଛି। ଯେଉଁ ଅଭିଯୁକ୍ତ ଏହି ମହିଳାଙ୍କୁ ବସ୍‌ରେ ଆଣିଥିଲା, ଉଭୟ ପୂର୍ବ ପରିଚିତ ଓ ସଂପର୍କୀୟ। ଘଟଣାସ୍ଥଳରେ ଏକ ପ୍ଲାଷ୍ଟିକ ବିଛଣା, ପଲିଥିନରେ ପଶିଥିବା ସିଲଭର୍ କଡ଼େଇ, ଦୁଇଟି ଷ୍ଟିଲ୍ ପ୍ଲେଟ୍, ଡିସପୋଜେବଲ ପ୍ଲେଟ, ଚାଉଳ ଇତ୍ୟାଦି ମିଳିଛି। କିନ୍ତୁ ମୃତ ମହିଳାଙ୍କ ପରିବାର ଲୋକେ ଏଭଳି ଖାଦ୍ୟପେୟ ଆୟୋଜନ ସମ୍ପର୍କରେ କୌଣସି ତଥ୍ୟ ପୁଲିସକୁ ଦେଇପାରୁନାହାନ୍ତି। ଅନ୍ୟପଟେ ଅଭିଯୁକ୍ତ ଯୁବକଙ୍କ ଘର ଠିକଣାରେ ବାଦାମବାଡ଼ି ଥାନା ପୁଲିସର ଏକ ଟିମ୍ ଚଢ଼ଉ କରିଛି। ବାରମ୍ବାର ନିଜର ଠିକଣା ବଦଳାଉଥିବାରୁ ତାକୁ ଧରିବା ପୁଲିସ ପାଇଁ ଏବେ ବଡ଼ ଆହ୍ୱାନ ହୋଇଛି। ମହିଳାଙ୍କ ହାତରେ ଲେଖାଥିବା 'ଅଭିନାଶ-ଗୌରୀ' ଶବ୍ଦକୁ ନେଇ ମଧ୍ୟ ତଦନ୍ତ ଚାଲିଛି । ଅଭିଯୁକ୍ତଙ୍କ ପୂର୍ବ ରେକର୍ଡକୁ ଦୃଷ୍ଟିରେ ରଖି ଦୁଷ୍କର୍ମ ସନ୍ଦେହ କରାଯାଉଛି । ଅଭିଯୁକ୍ତର ଯେହେତୁ ମନ୍ଦ ପ୍ରବୃତ୍ତି ସମ୍ପର୍କିତ ପୂର୍ବ ରେକର୍ଡ ରହିଛି, ସେଥିପାଇଁ ମୃତ ମହିଳାଙ୍କୁ ଦୁଷ୍କର୍ମ କରାଯାଇଥିବା ସନ୍ଦେହ ହେଉଛି। ଏ ନେଇ ସ୍ପଷ୍ଟ ହେବାକୁ ମହିଳାଙ୍କ ସ୍ୱାବ୍ ନମୁନା ସଂଗ୍ରହ କରାଯାଇଛି। ଏସ୍‌ସିବି ମେଡିକାଲରେ ନମୁନା ସଂଗ୍ରହ କରାଯିବା ପରେ ଏହାକୁ ଭୁବନେଶ୍ୱର ରସୁଲଗଡ଼ସ୍ଥିତ ଫୋରେନସିକ୍ ସାଇନ୍ସ ଲାବୋରେଟୋରିକୁ ପଠାଯାଇଛି। ତେବେ ଦିନ ସମୟରେ ରିଂବନ୍ଧ ପାର୍ଶ୍ୱ କାଠଯୋଡ଼ି ନଦୀପଠାରେ ଇଟାରେ ପିଟି ପିଟିହତ୍ୟା ସମୟରେ ମହିଳାଙ୍କ ଚିତ୍କାର କେମିତି ରାସ୍ତାରେ ଚଳପ୍ରଚଳ କରୁଥିବା ଲୋକଙ୍କୁ ଶୁଭିଲାନି, ସେ ନେଇ ବି ପ୍ରଶ୍ନ ଉଠିଛି।

CMYK

# ଅମାନତ ଟଙ୍କାକୁ ନେଇ ଟଣାଓଟରା, ଯନ୍ତ୍ରୀ-ଛାୟା ଠିକାଦାର ମୁହାଁମୁହିଁ

କଟକ, ୧୩।୧୦(ନିପ୍ର): କଟକ ସଦର ବ୍ଲକ୍‌ରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅମାନତ ରାଶି ଉଠାଣକୁ ନେଇ ଯନ୍ତ୍ରୀ ଓ ଛାୟା ଠିକାଦାରଙ୍କ ମଧ୍ୟରେ ବିବାଦ ତୀବ୍ର ହୋଇଛି। ଦଶହରା ପାଇଁ ଅର୍ଥର ଆବଶ୍ୟକତା ଥିବାରୁ ଦୁଇ ବର୍ଷ ତଳେ ହୋଇଥିବା କାର୍ଯ୍ୟର ଅମାନତ ରାଶି ଉଠାଇବା ପାଇଁ ଛାୟା ଠିକାଦାରମାନେ ଗତ ୩ରୁ ୪ ଦିନ ହେବ ବ୍ଲକ୍ କାର୍ଯ୍ୟାଳୟକୁ ଦୌଡୁଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ବିଭାଗୀୟ କାର୍ଯ୍ୟର ବିଲ୍ ଯନ୍ତ୍ରୀଙ୍କ ନାମରେ ହୋଇଥିଲେ ମଧ୍ୟ କାମ ପାଇଁ ଆଗୁଆ ଅର୍ଥ ଛାୟା ଠିକାଦାରମାନେ ଖର୍ଚ୍ଚ କରିଥାନ୍ତି। ବିଡିଓଙ୍କ ଅନୁମୋଦନ ପରେ ବିଲ୍ ବାବଦ ଅର୍ଥ ଯନ୍ତ୍ରୀଙ୍କ କରେଣ୍ଟ ଆକାଉଣ୍ଟକୁ ଯାଇଥାଏ। ଅଡିଟ୍ ସମୟରେ ଆବଶ୍ୟକତା ପଡ଼ିପାରେ ବୋଲି ମୋଟ ବିଲ୍ ଅର୍ଥର ୫ ପ୍ରତିଶତ ଅମାନତ ରାଶି ଭାବେ କାଟି ରଖାଯାଇଥାଏ। ଏବେ ଲୋକାଲ୍ ଫଣ୍ଡ ଅଡିଟ୍ ସରିଯାଇଥିବାରୁ ଏହି ଅମାନତ ରାଶି ଉଠାଇବା ପାଇଁ ଠିକାଦାରମାନେ ଉଦ୍ୟମ କରୁଛନ୍ତି। ତେବେ ଯେଉଁ ଯନ୍ତ୍ରୀଙ୍କ ଆକାଉଣ୍ଟକୁ ବିଲ୍ ବାବଦ ଅର୍ଥ ଯାଇଥିଲା, ସେମାନଙ୍କ ମଧ୍ୟରୁ କେତେକ ବଦଳି ହୋଇଯାଇଥିବା ବେଳେ ଆଉ କେତେକ ଅବସର ନେଇସାରିଛନ୍ତି। ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ପୂର୍ବତନ ଯନ୍ତ୍ରୀଙ୍କୁ ନ ଜଣାଇ ନୂତନ ଭାବେ ଦାୟିତ୍ୱ ନେଇଥିବା ଯନ୍ତ୍ରୀ ଅମାନତ ରାଶି ଉଠାଉଥିବା ସମ୍ପର୍କରେ ଜାଣିବା ପରେ ଛାୟା ଠିକାଦାରମାନେ ନିଜ ଅର୍ଥ ନେବା ପାଇଁ ବ୍ଲକ୍ କାର୍ଯ୍ୟାଳୟକୁ ଆସୁଥିଲେ ମଧ୍ୟ ଯନ୍ତ୍ରୀ ଟଙ୍କା ଫେରାଉନଥିବା ସେମାନେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ବିବାଦ ଦେଖାଦେଇଛି। ମାତ୍ର ଏହି ବିବାଦ ସମ୍ପର୍କରେ ଅନୌପଚାରିକ ଭାବେ ଜାଣିଥିଲେ ମଧ୍ୟ ବିଡିଓ ପ୍ରତୀକ ସାହୁ ଏଥିରୁ ନିଜକୁ ଦୂରେଇ ରଖିଥିବା ଜଣାପଡ଼ିଛି।



ନବରାତ୍ରୀର ତୃତୀୟ ଦିନରେ କାକଟପୁର ମା' ମଙ୍ଗଳା। (ଫଟୋ-ତୁଷାର ଦୀକ୍ଷିତ)

## ସମ୍ବଲପୁର ଓ ସାନ୍ତ୍ରାଗାଛି ମଧ୍ୟରେ ସ୍ୱତନ୍ତ୍ର ପୂଜା ଟ୍ରେନ

ଭୁବନେଶ୍ୱର, ୧୩।୧୦: ଆଗାମୀ ଦୁର୍ଗା ପୂଜା ଓ ଦୀପାବଳି ଉତ୍ସବ ସମୟରେ ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ଥିବାରୁ, ଯାତ୍ରୀଙ୍କ ସୁବିଧାଜନକ ଯାତ୍ରା ଏବଂ ଅତିରିକ୍ତ ଭିଡ଼ ପରିଚାଳନା ପାଇଁ ଗୁରୁତ୍ୱପୂର୍ଣ୍ଣ ମାର୍ଗରେ ଅତିରିକ୍ତ ସ୍ୱତନ୍ତ୍ର ପୂଜା ଟ୍ରେନ୍ ଚଳାଚଳ କରାଯିବ। ଟ୍ରେନ୍ ନଂ ୦୮୩୦୩ ସମ୍ବଲପୁର - ସାନ୍ତ୍ରାଗାଛି ସ୍ୱତନ୍ତ୍ର ଟ୍ରେନ୍ ୧୪ ଅକ୍ଟୋବରରୁ ୨୧ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ପ୍ରତ୍ୟେକ ବୁଧବାର ଅପରାହ୍ନ ୪:୧୫ ରେ ସମ୍ବଲପୁରରୁ ଛାଡ଼ିବ ଏବଂ ପରଦିନ ଭୋର ୨:୦୦ ଟାରେ ସାନ୍ତ୍ରାଗାଛିରେ ପହଞ୍ଚିବ। ଫେରନ୍ତା ଯାତ୍ରାରେ, ଟ୍ରେନ୍ ନଂ ୦୮୩୦୪ ସାନ୍ତ୍ରାଗାଛି - ସମ୍ବଲପୁର ସ୍ୱତନ୍ତ୍ର ଟ୍ରେନ୍ ୧୫ ଅକ୍ଟୋବରରୁ ୨୨ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ପ୍ରତ୍ୟେକ ଗୁରୁବାର ସନ୍ଧ୍ୟା ୭:୦୫ ରେ ସାନ୍ତ୍ରାଗାଛିରୁ ଛାଡ଼ିବ ଏବଂ ଶୁକ୍ରବାର ସକାଳ ୭:୪୫ ରେ ସମ୍ବଲପୁରରେ ପହଞ୍ଚିବ। ଏହି ଟ୍ରେନ୍‌ଗୁଡ଼ିକ ରାସ୍ତାରେ ବିଭିନ୍ନ ଷ୍ଟେସନରେ ରହଣି କରିବ, ଯେଉଁଥିରେ ରେଙ୍ଗାଲି, ଝାରସୁଗୁଡ଼ା ଜଙ୍କସନ୍, ରାଜଗାଙ୍ଗପୁର, ରାଉରକେଲା, ଚକ୍ରଧରପୁର, ଟାଟାନଗର ଜଙ୍କସନ୍, ଖଡ଼ଗପୁର ଜଙ୍କସନ୍ ଏବଂ ଉଲୁବେରିଆ ଅନ୍ତର୍ଭୁକ୍ତ। ଏହା ବ୍ୟତୀତ ବାଗଡିହି, ବାମରା, ଗରପୋଷ, ବିଶ୍ରା, ମନୋହରପୁର, ରାଜଖରସୁଆଁ ଜଙ୍କସନ୍, ଝାଡ଼ଗ୍ରାମ, ପାନ୍ସ୍କୁରା ଏବଂ ବାଗନାନ ଷ୍ଟେସନରେ ମଧ୍ୟ ଅତିରିକ୍ତ ରହଣି ବ୍ୟବସ୍ଥା କରାଯାଇଛି।



## କେନ୍ଦୁପଦର କଲେଜ ଛାତ୍ର ସଂସଦ ନିର୍ବାଚନ: ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ

### କଲେଜ ଫାଟକରେ ଛାତ୍ରଛାତ୍ରୀଙ୍କ ଧାରଣା

ଆସିକା, ୧୩।୧୦(ନିପ୍ର): ଆସିକା କେନ୍ଦୁପଦର ନିମିନା ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟ, କେନ୍ଦୁପଦରର ପତ୍ର ସଂଖ୍ୟା ୧୪୭/୨୬ ତାରିଖ ୧୧/୧୦/୨୬ ଅନୁସାରେ ସମସ୍ତ ଛାତ୍ରଛାତ୍ରୀ, ପ୍ରାର୍ଥୀ, ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ତଥା ସମ୍ପୃକ୍ତ ସମସ୍ତ ବ୍ୟକ୍ତିଙ୍କୁ ଜଣାଇ ଦିଆଯାଉଛି ଯେ, ତାରିଖ ୧୫/୧୦/୨୦୨୬ ରେ ଅନୁଷ୍ଠିତ ହେବାକୁ ଥିବା ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନକୁ ବର୍ତ୍ତମାନର ପରିସ୍ଥିତି ଏବଂ ଆଇନଶୃଙ୍ଖଳା ରକ୍ଷା ସମ୍ପର୍କିତ ଆଶଙ୍କାକୁ ଦୃଷ୍ଟିରେ ରଖି ବାତିଲ କରାଯାଇଛି। ମହାବିଦ୍ୟାଳୟର ସାଧାରଣ ସମ୍ପାଦକ ପଦବୀ ପାଇଁ ଜଣେ ପ୍ରାର୍ଥୀଙ୍କୁ ନାମାଙ୍କନ ପ୍ରତ୍ୟାହାର କରିବାକୁ ଚାପ ପ୍ରୟୋଗ କରାଯାଇଥିବା ଅଭିଯୋଗ ସମ୍ପର୍କରେ ଗଙ୍ଗାପୁର ଥାନାରେ ତାରିଖ ୧୦/୧୦/୨୦୨୬ରେ କେସ୍ ନଂ. ୪୮୦ ରୁଜୁ ହୋଇଛି। ଅଭିଯୋଗର ଗମ୍ଭୀରତା ଏବଂ ଭବିଷ୍ୟତରେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବାର ସମ୍ଭାବନାକୁ ବିଚାର କରି, ନିର୍ବାଚନ ପ୍ରକ୍ରିୟା ଜାରି ରହିଲେ ମହାବିଦ୍ୟାଳୟର ଶାନ୍ତିପୂର୍ଣ୍ଣ ଶିକ୍ଷାଦାନ ପରିବେଶ ପ୍ରଭାବିତ ହେବାର ଆଶଙ୍କା ରହିଛି। ଏହି ପରିସ୍ଥିତିରେ ଛାତ୍ରଛାତ୍ରୀ, ପ୍ରାର୍ଥୀ, ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ତଥା ମହାବିଦ୍ୟାଳୟ ସହ ସମ୍ପୃକ୍ତ ସମସ୍ତଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ନିର୍ବାଚନ ପ୍ରକ୍ରିୟାକୁ ବାତିଲ କରାଯାଇଛି ଏବଂ ଏହାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଛି। ଏଥିସହିତ, କୌଣସି ଅପ୍ରୀତିକର ଘଟଣାକୁ ଏଡ଼ାଇବା ଏବଂ ଶାନ୍ତି, ଶୃଙ୍ଖଳା ଓ ସାଧାରଣ ଆଇନଶୃଙ୍ଖଳା ବଜାୟ ରଖିବା ଉଦ୍ଦେଶ୍ୟରେ ତାରିଖ ୧୧/୧୦/୨୦୨୬ ଦିନ ଅପରାହ୍ନ ୧:୩୦ ଘଟିକା ଠାରୁ ପରବର୍ତ୍ତୀ ନୋଟିସ୍ ଜାରି ହେବା ପର୍ଯ୍ୟନ୍ତ ମହାବିଦ୍ୟାଳୟକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ଘୋଷଣା କରାଯାଇଛି। ଏହି ସମୟ ମଧ୍ୟରେ ମହାବିଦ୍ୟାଳୟ ପ୍ରଶାସନର ପୂର୍ବାନୁମତି ବିନା କୌଣସି ଛାତ୍ରଛାତ୍ରୀ କିମ୍ବା ଅନ୍ୟ ସମ୍ପୃକ୍ତ ବ୍ୟକ୍ତି ମହାବିଦ୍ୟାଳୟ ପରିସରରେ ଏକତ୍ରିତ ନ ହେବାକୁ ପରାମର୍ଶ ଦିଆଯାଉଛି। ମହାବିଦ୍ୟାଳୟ ପୁନଃ ଖୋଲିବା ଏବଂ ନିର୍ବାଚନ ସମ୍ପର୍କରେ ପରବର୍ତ୍ତୀ ନିଷ୍ପତ୍ତି ଯଥାସମୟରେ ପୃଥକ ବିଜ୍ଞପ୍ତି ମାଧ୍ୟମରେ ଜଣାଇ ଦିଆଯିବ। ସମସ୍ତ ଛାତ୍ରଛାତ୍ରୀ, ପ୍ରାର୍ଥୀ ଓ କର୍ମଚାରୀଙ୍କୁ ମହାବିଦ୍ୟାଳୟ ପ୍ରଶାସନକୁ ସହଯୋଗ କରିବା ସହ ଶାନ୍ତି ଓ ସଦ୍ ?ଭାବ ବଜାୟ ରଖିବାକୁ ଅନୁରୋଧ କରାଯାଉଛି। ଏହି ବିଜ୍ଞପ୍ତି ଜାଣିବା ପରେ କଲେଜ ର ଛାତ୍ର ଛାତ୍ରୀ ମାନେ ଫାଟକ ସମ୍ମୁଖରେ ହୋ ହାଲ୍ଲା କରୁଥିବା ଦେଖିବାକୁ ମିଳିଛି।

## ଶାରଦୀୟ ପୂଜା ପାଇଁ ଉତ୍ସବମୁଖର ସମସ୍ତ ଶକ୍ତିପୀଠ

କଣ୍ଟିଲୋ, ୧୩।୧୦(ନି.ପ୍ର): ପାର୍ବଣ ଋତୁ ଅବସରରେ ଉତ୍ସବମୁଖର ହୋଇ ଉଠିଛି ଖଣ୍ଡପଡ଼ା ଅଞ୍ଚଳର ପ୍ରମୁଖ ଶକ୍ତିପୀଠ । ସବୁ ଶକ୍ତିପୀଠରେ ଚାଲିଛି ଷୋଡ଼ଶ ଉପଚାରରେ ନବରାତ୍ର ପୂଜା। ପବିତ୍ର ମୂଳାଷ୍ଟମୀଠାରୁ ଦେବୀଙ୍କ ନିକଟରେ ଷୋଳ ଦିନାତ୍ମକ ପୂଜାପାଠ ଆରମ୍ଭ ହୋଇଥିବା ବେଳେ ଏବେ ନବ ଦିନାତ୍ମକ ପୂଜାପାଠ ଆରମ୍ଭ ହୋଇଛି। ଖଣ୍ଡପଡ଼ା ସହରର ଆରାଧ୍ୟ ମା ଉମାଦେବୀଙ୍କ ପୀଠ, ମା ବାଉରୀ ଠାକୁରାଣୀଙ୍କ ପୀଠ, ମା ପାଟ୍ଟଚଣ୍ଡୀଙ୍କ ପୀଠ, ମା ଡୁମାଲୁଣୀଙ୍କ ପୀଠ, ମା ବାହାଡାଶୁଣୀଙ୍କ ପୀଠ, ମା କୁକୁଟାଶୁଣିଙ୍କ ପୀଠ, ମା ଡକେଇଶୁଣୀଙ୍କ ପୀଠ, ମା ବେଲେଇଶୁଣୀଙ୍କ ପୀଠ, ମା ସପ୍ତଭାୟା ପୀଠ ସମେତ ଅନ୍ୟାନ୍ୟ ଶକ୍ତିପୀଠ ଗୁଡ଼ିକରେ ହୋମଯଜ୍ଞ, ପୂଜାପାଠ ଆଦି ମାଙ୍ଗଳିକ କାର୍ଯ୍ୟ ପାରମ୍ପରିକ ପ୍ରଥାନୁଯାୟୀ ଚାଲୁ ରହିଥିବା ଜଣାପଡିଛି।

## ସାଲେପୁର ମହିଳା ବିଜେପି ପକ୍ଷରୁ ରାହୁଲ ଗାନ୍ଧୀ ଓ ପ୍ରଫେସର ବିମଲଙ୍କ କୁଶପୁତ୍ତଳିକା ଦାହ

ସାଲେପୁର, ୧୩।୧୦(ନିପ୍ର): ସାଲେପୁର ବିଜେପି ପକ୍ଷରୁ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ ମଣିପୁର ସାଂସଦ ପ୍ରଫେସର ବିମଲଙ୍କର କୁଶ ପୁତ୍ତଳିକା ଦାହ ସାଲେପୁର ବଜାର ମଧ୍ୟରେ କରାଯାଇଛି। ବିଜେପି କଟକ ଜିଲ୍ଲା ଗ୍ରାମୀଣ ଉପ ସଭାପତି ହିମାଂଶୁ କୁମାର ମହାନ୍ତିଙ୍କ ନେତୃତ୍ୱରେ ବିଜେପି କଟକ ଜିଲ୍ଲା ଗ୍ରାମୀଣ ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ୱାଗତା ପଟ୍ଟନାୟକଙ୍କ ଉପସ୍ଥିତିରେ କଂଗ୍ରେସ ମଣିପୁର ଇନର ସାଂସଦ ଅଗଁମଚ ବିମଲ ଅକୋଇଜାମ ଯେ.ଏନ. ୟୁ ରେ ପ୍ରଫେସର ଥିବା ବେଳେ ଛାତ୍ରୀ ମାନଙ୍କ ପ୍ରତି କରିଥିବା ଅସଦାଚରଣ ବିରୁଦ୍ଧରେ ଶତାଧିକ ମହିଳାମାନେ ସାହେଶ୍ୱରୀ ମନ୍ଦିରରୁ ଏକ ଶୋଭାଯାତ୍ରାରେ ବିଭିନ୍ନ ପ୍ରକାର ନାରାବାଜି ଦେଇ ଯାଇଥିଲେ। ସାଲେପୁର ବଜାରର ମଧ୍ୟବର୍ତ୍ତୀ ସ୍ଥାନରେ କଟକ ସାଲେପୁର ମୁଖ୍ୟ ରାସ୍ତା ଉପରେ ରାହୁଲ ଗାନ୍ଧୀ ଓ ପ୍ରଫେସର ବିମଲଙ୍କ କୁଶପୁତ୍ତଳିକା ଦାହ କରିଥିଲେ।

### ମୁଖ୍ୟମନ୍ତ୍ରୀଙ୍କୁ କଟକ ମେୟର ସୁବାସ ସିଂହଙ୍କ ଚିଠି

## ଏସ୍‌ଟିଏ କାର୍ଯ୍ୟାଳୟ ସ୍ଥାନାନ୍ତର ପ୍ରସ୍ତାବର ପୁନର୍ବିଚାର କରନ୍ତୁ

କଟକ, ୧୩।୧୦(ନିପ୍ର: କଟକରେ ଅବସ୍ଥିତ ରାଜ୍ୟ ପରିବହନ ପ୍ରାଧିକରଣ କାର୍ଯ୍ୟାଳୟକୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରିବା ନେଇ ପ୍ରସ୍ତାବର ପୁନର୍ବିଚାର କରିବା ସହ କାର୍ଯ୍ୟାଳୟକୁ ପୂର୍ବବତ୍ କଟକରେ ରଖିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅନୁରୋଧ କରିଛନ୍ତି କଟକ ମହାନଗର ନିଗମର ମେୟର ସୁବାସ ଚନ୍ଦ୍ର ସିଂହ। ଏ ସମ୍ପର୍କରେ ସେ ଅକ୍ଟୋବର ୧୩ ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଆନୁଷ୍ଠାନିକ ପତ୍ର ଲେଖିଛନ୍ତି। ପତ୍ରରେ ମେୟର ଉଲ୍ଲେଖ କରିଛନ୍ତି ଯେ, କଟକ ଓଡ଼ିଶାର ପୂର୍ବତନ ରାଜଧାନୀ ଏବଂ ରାଜ୍ୟର ଏକ ପ୍ରାଚୀନ ଐତିହାସିକ ସହର। ପ୍ରଶାସନ, ବାଣିଜ୍ୟ, ଶିକ୍ଷା ଓ ନ୍ୟାୟିକ ବ୍ୟବସ୍ଥା କ୍ଷେତ୍ରରେ କଟକର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଓଡ଼ିଶା ହାଇକୋର୍ଟ ଏବଂ ଅନ୍ୟାନ୍ୟ ନ୍ୟାୟିକ ଅନୁଷ୍ଠାନ ଥିବାରୁ କଟକ ରାଜ୍ୟର ଏକ ପ୍ରମୁଖ ନ୍ୟାୟିକ କେନ୍ଦ୍ର ଭାବେ ପରିଚିତ। ତେଣୁ ସହରରେ ଥିବା ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟଗୁଡ଼ିକର ସ୍ଥାନାନ୍ତର ନିଷ୍ପତ୍ତି ନେବା ପୂର୍ବରୁ ଏହାର ଐତିହାସିକ ଓ ପ୍ରଶାସନିକ ଗୁରୁତ୍ୱକୁ ବିଚାର କରିବା ଆବଶ୍ୟକ। ମେୟର କହିଛନ୍ତି ଯେ, ଏସ୍‌ଟିଏ କାର୍ଯ୍ୟାଳୟ ଗାଡ଼ି ମାଲିକ, ପରିବହନ ବ୍ୟବସାୟୀ, ବାଣିଜ୍ୟିକ ଯାନର ପରମିଟ୍‌ଧାରୀ ଏବଂ ଅନ୍ୟାନ୍ୟ ହିତାଧିକାରୀଙ୍କୁ ବିଭିନ୍ନ ପରିବହନ ସମ୍ବନ୍ଧୀୟ ସେବା ଯୋଗାଇଥାଏ। କଟକରେ ଏହି କାର୍ଯ୍ୟାଳୟ ରହିବା ଫଳରେ କଟକ ସମେତ ପଡ଼ୋଶୀ ଜିଲ୍ଲାର ଲୋକମାନେ ମଧ୍ୟ ସହଜରେ ନିଜର ସରକାରୀ କାର୍ଯ୍ୟ ସମ୍ପାଦନ କରିପାରୁଛନ୍ତି। କାର୍ଯ୍ୟାଳୟ ସ୍ଥାନାନ୍ତର ହେଲେ ସାଧାରଣ ଲୋକଙ୍କୁ ଅଧିକ ଯାତାୟାତ ସମୟ ଓ ଅର୍ଥ ବ୍ୟୟ କରିବାକୁ ପଡ଼ିପାରେ। ବାରମ୍ବାର କାର୍ଯ୍ୟାଳୟକୁ ଯିବାକୁ ପଡୁଥିବା ଲୋକ, ପରିବହନ ବ୍ୟବସାୟୀ ଓ ଅନ୍ୟ ହିତାଧିକାରୀମାନେ ଏଥିଯୋଗୁଁ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଏହା ସରକାରୀ ସେବାର ସହଜ ଉପଲବ୍ଧତାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଦ୍ୱିଧା ଓ ଆଶଙ୍କା ସୃଷ୍ଟି କରିପାରେ ବୋଲି ମେୟର ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଜନସାଧାରଣଙ୍କ ସୁବିଧା, ପ୍ରଶାସନିକ ଆବଶ୍ୟକତା ଓ କଟକର ଐତିହାସିକ ତଥା ନ୍ୟାୟିକ ଗୁରୁତ୍ୱକୁ ଦୃଷ୍ଟିରେ ରଖି ପ୍ରସ୍ତାବିତ ସ୍ଥାନାନ୍ତର ନିଷ୍ପତ୍ତିର ପୁନର୍ବିଚାର କରିବାକୁ ସେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ଏଥିସହିତ, ସମ୍ପୃକ୍ତ ବିଭାଗ ସହ ଆଲୋଚନା କରି ଏସ୍‌ଟିଏ କାର୍ଯ୍ୟାଳୟକୁ କଟକରେ ପୂର୍ବବତ୍ ରଖିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ମଧ୍ୟ ଅନୁରୋଧ କରିଛନ୍ତି। କଟକବାସୀ ଓ ପଡ଼ୋଶୀ ଜିଲ୍ଲାର ଲୋକଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ ଏହି ଅନୁରୋଧ ଉପରେ ସକାରାତ୍ମକ ବିଚାର କରିବେ ବୋଲି ମେୟର ଆଶା ପ୍ରକାଶ କରିଛନ୍ତି।




## ନିର୍ଭୟା ଯୋଜନାରେ ମହିଳାଙ୍କ ସୁରକ୍ଷା ହେବ ଅଧିକ କଡ଼ାକଡ଼ି

ସମ୍ବଲପୁର, ୧୩।୧୦ : ପ୍ରାୟ ୧୦ କୋଟି ଟଙ୍କା ବ୍ୟୟ ବରାଦରେ ୯ଟି ପ୍ରସ୍ତାବ ଉପରେ ଉଚ୍ଚସ୍ତରୀୟ ସମୀକ୍ଷା, ୮ ଶହ ସିସିଟିଭି କ୍ୟାମେରା, ୧୫ଟି ଜରୁରୀକାଳୀନ ଯାନ ଓ ୪୦ ଟି ଇ-ରିକ୍ସା ପାଇଁ ପ୍ରସ୍ତାବ, ମହିଳାଙ୍କ ନିରାପଦ ଯାତାୟାତ, ତ୍ୱରିତ୍ ପୋଲିସ ସହାୟତାକୁ ସର୍ବାଧିକ ଗୁରୁତ୍ୱ । ମହିଳା ଓ ବାଳିକାଙ୍କ ପାଇଁ ସୁରକ୍ଷିତ, ସମାବେଶୀ ଓ ଭୟମୁକ୍ତ ସହର ଗଠନ ଲକ୍ଷ୍ୟରେ ନିର୍ଭୟା ପଦକ୍ଷେପ ଅଧୀନରେ ସମ୍ବଲପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ବିଭିନ୍ନ ଯୋଜନାର ସମୀକ୍ଷା ପାଇଁ ମଙ୍ଗଳବାର ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଓ ପୋଲିସ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ଉପସ୍ଥିତ ଥିଲେ। ବୈଠକରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଆଭାସୀ ମାଧ୍ୟମରେ ଯୋଗଦେଇ ପ୍ରସ୍ତାବିତ ଯୋଜନାଗୁଡ଼ିକର ରୂପରେଖ ଉପସ୍ଥାପନା କରିଥିଲେ।ହି ପଦକ୍ଷେପ ଅଧୀନରେ ମୋଟ ୧୦ କୋଟି ଟଙ୍କାର ଆନୁମାନିକ ବ୍ୟୟରେ ୯ ଟି ପ୍ରମୁଖ ଉଦ୍ୟମ ପ୍ରସ୍ତାବିତ ହୋଇଛି। ଏଥିରେ ମହିଳା ପୋଲିସଙ୍କ ଦ୍ୱାରା ତ୍ୱରିତ ସହାୟତା, ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥା, ପ୍ରଯୁକ୍ତି ଭିତ୍ତିକ ନିରୀକ୍ଷଣ, ନିରାପଦ ଯାତାୟାତ, ମହିଳା ଅନୁକୂଳ ସାର୍ବଜନୀନ ସୁବିଧା ଓ ସଚେତନତା କାର୍ଯ୍ୟକ୍ରମକୁ ସାମିଲ କରାଯାଇଛି। 'ଶକ୍ତି ସାରଥୀ' ଅଧୀନରେ ୧୫ଟି ଦୁଇଚକିଆ ଯାନ ମାଧ୍ୟମରେ ମହିଳା ପୋଲିସ କର୍ମଚାରୀଙ୍କ ପକ୍ଷରୁ ପାଟ୍ରୋଲିଂ ଓ ତ୍ୱରିତ ସହାୟତା ପ୍ରଦାନ ପ୍ରସ୍ତାବ ରହିଛି। 'ପ୍ରତିକ୍ରିୟା' ଯୋଜନାରେ ୧୫ଟି ଜରୁରୀକାଳୀନ ପ୍ରତିକ୍ରିୟା ଯାନ ଓ ଡ୍ରୋନ୍ ବ୍ୟବହାର ମାଧ୍ୟମରେ ମହିଳାଙ୍କୁ ଆବଶ୍ୟକ ସହାୟତା ଓ ଉଦ୍ଧାର ସେବା ଯୋଗାଇବାର ଯୋଜନା ରହିଛି। 'ଦୃଷ୍ଟି' ଅଧୀନରେ ୨୧୦ଟି ସ୍ଥାନରେ ୮୦୦ଟି ସିସିଟିଭି କ୍ୟାମେରା ସ୍ଥାପନ କରି ନିରୀକ୍ଷଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ପ୍ରସ୍ତାବ ରହିଛି।

## ନବରାତ୍ର ପୂଜାରେ ମା'ଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼

ବାଙ୍କୀ, ୧୩।୧୦(ନିପ୍ର): ବାଙ୍କୀର ଅଧିଷ୍ଠାତ୍ରୀ ଦେବୀ ମା' ଚର୍ଚ୍ଚିକା ଠାକୁରାଣୀଙ୍କ ଶାରଦୀୟ ଷୋଡ଼ଶ ପୂଜାର ଏକାଦଶ ଦିବସ ତଥା ନବରାତ୍ର ପୂଜାର ତୃତୀୟ ଦିବସରେ ମା'ଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। ମା'ଙ୍କ ଦର୍ଶନ ଓ ଆଶୀର୍ବାଦ ଲାଭ ପାଇଁ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ପରମ୍ପରା ଅନୁଯାୟୀ, ପ୍ରାତଃକାଳରେ ସେବାୟତମାନେ ମା'ଙ୍କ ପହଡ଼ ଖୋଲି ମଙ୍ଗଳ ଆଳତି କରିଥିଲେ। ରଟିକ ପାହାଡ଼ ଉପରେ ଅବସ୍ଥିତ ମା'ଙ୍କ ମନ୍ଦିର ନିକଟସ୍ଥ ମହାନଦୀର ରେଣୁକା ଘାଟରୁ ୧୦୮ କଳସ ଜଳ ଅଣାଯାଇ ମା'ଙ୍କ ସ୍ନାନ ଓ ମାର୍ଜନା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ସକାଳ ପହିଲି ଧୂପରେ ମାଣ୍ଡୁଆ ସହ ବିଭିନ୍ନ ପ୍ରକାର ଫଳ ଭୋଗ ଲାଗି କରାଯାଇଥିଲା। ମଧ୍ୟାହ୍ନରେ ଅନ୍ନ, ଖେଚୁଡ଼ି, ଡାଲମା, ଶାଗ, ଖଟା, କ୍ଷୀରି ଓ କାକରା ଆଦି ଭୋଗ ଅର୍ପଣ କରାଯାଇଥିଲା। ସନ୍ଧ୍ୟାରେ ପହଡ଼ ଖୋଲାଯାଇ ସନ୍ଧ୍ୟା ଧୂପ ଓ ଆଳତି ନୀତି ସମ୍ପନ୍ନ ହୋଇଥିଲା। ନବରାତ୍ର ପୂଜା ଅବସରରେ ମା'ଙ୍କ ଦର୍ଶନ ପାଇଁ ମନ୍ଦିରରେ ଭକ୍ତଙ୍କ ଭିଡ଼ ଜମିଥିବାବେଳେ ସମଗ୍ର ଅଞ୍ଚଳ ଭକ୍ତିମୟ ପରିବେଶରେ ପରିପୂର୍ଣ୍ଣ ହୋଇଉଠିଥିଲା।

## କୂଅରେ ପଡ଼ିଲା ହାତୀ: ସୁରକ୍ଷିତ ଭାବେ ଉଦ୍ଧାର

ବଲାଙ୍ଗୀର, ୧୩।୧୦: କୂଅରେ ପଡ଼ିଗଲା ହାତୀ। ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଲା ବନ ବିଭାଗ। ଦୀର୍ଘ ସମୟର ଉଦ୍ୟମ ପରେ ହାତୀଟିକୁ କୂଅରୁ ସୁରକ୍ଷିତ ଭାବେ ବାହାର କରାଯାଇଛି। ମୁରିବାହାଲ ରେଞ୍ଜ ଅନ୍ତର୍ଗତ ହୀରାପୁର ଗାଁ ନିକଟରେ ଏହି ଘଟଣା ଘଟିଛି। ସୂଚନା ଅନୁସାରେ, ହୀରାପୁର ଗାଁ ନିକଟରେ ଏକ କୂଅରେ ହାତୀଟି ପଡ଼ିଯାଇଥିଲା। ଏହା ଜଣାପଡ଼ିବା ପରେ ହାତୀକୁ ଉଦ୍ଧାର କରିବା ପାଇଁ ବନ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଦୀର୍ଘ ସମୟ ଧରି ଉଦ୍ଧାର କାର୍ଯ୍ୟ ଚାଲିବା ପରେ ଶେଷରେ ହାତୀଟିକୁ କୂଅରୁ ବାହାର କରାଯାଇଥିଲା। ଏପଟେ ମୁରିବାହାଲ ରେଞ୍ଜର ବିଭିନ୍ନ ଗାଁରେ ହାତୀପଲଙ୍କ ଉପଦ୍ରବ ଚିନ୍ତା ବଢ଼ାଇଛି। ଗତ ଦୁଇ ବର୍ଷ ଧରି ଏହି ଅଞ୍ଚଳରେ ପ୍ରାୟ ୫୦ଟି ହାତୀଙ୍କ ଏକ ପଲ ଘୂରି ବୁଲୁଛନ୍ତି। ହାତୀପଲ ଗାଁ ନିକଟକୁ ଆସି ଲୋକଙ୍କ ଧାନ ଫସଲ ଖାଇବା ସହ ଘରଦ୍ୱାର ଭାଙ୍ଗୁଥିବା ଅଭିଯୋଗ ହେଉଛି। ହାତୀପଲଙ୍କୁ ଜଙ୍ଗଲ ଭିତରକୁ ଫେରାଇବା ପାଇଁ ବନ ବିଭାଗ ଉଦ୍ୟମ ଜାରି ରଖିଛି।

## ଏନଡିସି ମିଳିଲାନି, ଦ୍ୱିତୀୟ ଥର ପାଇଁ ଡିପିସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ

କେନ୍ଦ୍ରାପଡ଼ା, ୧୩।୧୦(ନିପ୍ର): ୨୦୧୧ ମସିହାରେ ସ୍କୁଲର ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ପାଇଁ ମିଳିଥିବା ଅନୁଦାନକୁ ନେଇ ବିବାଦ ତେଜିଛି। ନିର୍ମାଣ କାର୍ଯ୍ୟ ସମ୍ପର୍କିତ ନୋ ଡ୍ୟୁଜ୍ ସାର୍ଟିଫିକେଟ୍ ପ୍ରଦାନ ଓ ବକେୟା ଅନୁଦାନ ଅର୍ଥ ମିଳିବା ଦାବିରେ ଦ୍ୱିତୀୟ ଥର ପାଇଁ କେନ୍ଦ୍ରାପଡ଼ା ଡିପିସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି ଫକିରାବାଦ ଉର୍ଦ୍ଦୁ ୟୁପି ସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶେଖ୍ ମଂଶୁର ଅଲ୍ଲୀ। ଏନଡିସି ମିଳିନଥିବାରୁ ତାଙ୍କ ପେନସନ୍ ପ୍ରକ୍ରିୟାରେ ସମସ୍ୟା ଉପୁଜିଥିବା ସେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ପୌରପାଳିକା ଅଧୀନ ଫକିରାବାଦ ଉର୍ଦ୍ଦୁ ୟୁପି ସ୍କୁଲରେ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ପାଇଁ ୨୦୧୧ ମସିହାରେ ମୋଟ ୩ ଲକ୍ଷ ୬୦ ହଜାର ଟଙ୍କାର ଅନୁଦାନ ମଞ୍ଜୁର ହୋଇଥିଲା। ଏଥିମଧ୍ୟରୁ ୨ ଲକ୍ଷ ୫୦ ହଜାର ଟଙ୍କା ମିଳିଥିବା ବେଳେ ଅବଶିଷ୍ଟ ୧ ଲକ୍ଷ ୧୦ ହଜାର ଟଙ୍କା ଏଯାଏଁ ମିଳିନଥିବା ଶେଖ୍ ମଂଶୁର ଅଲ୍ଲୀ ଦାବି କରିଛନ୍ତି। ତାଙ୍କ କହିବା ଅନୁଯାୟୀ, ମଞ୍ଜୁର ହୋଇଥିବା ଅନୁଦାନ ଅର୍ଥରେ ଶ୍ରେଣୀଗୃହ ନିର୍ମାଣ ସହ ବିଦ୍ୟୁତ୍ ବ୍ୟବସ୍ଥା, ସାନିଟାରୀ, ସିଡ଼ି, ପାଣି ଟାଙ୍କି ଓ ବାଉଣ୍ଡାରୀ ନିର୍ମାଣ ଭଳି କାର୍ଯ୍ୟ କରାଯାଇଥିଲା। ତେବେ ନିର୍ମାଣ କାର୍ଯ୍ୟ ସମ୍ପର୍କିତ ଏନଡିସି ପ୍ରଦାନ ଏବଂ ବକେୟା ଅର୍ଥ ମିଳିବା ନେଇ ସମସ୍ୟା ରହିଥିବା ସେ ଅଭିଯୋଗ କରିଛନ୍ତି। ଶେଖ୍ ମଂଶୁର ଅଲ୍ଲୀ ଗତ ୩୦ ଜୁନ୍ ୨୦୨୬ରେ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ପେନସନ୍ ସମ୍ପର୍କିତ କାଗଜପତ୍ର ଦାଖଲ ପାଇଁ ନିର୍ମାଣ ସମ୍ପର୍କିତ ଏନଡିସି ଆବଶ୍ୟକ ଥିବାରୁ ସେ ସମ୍ପୃକ୍ତ ବିଭାଗକୁ ଏହା ପ୍ରଦାନ କରିବାକୁ ଅନୁରୋଧ କରିଥିଲେ। କିନ୍ତୁ ଏଯାଏଁ ଏହା ମିଳିନଥିବାରୁ ପୁଣି ଧାରଣାରେ ବସିବାକୁ ବାଧ୍ୟ ହୋଇଥିବା ସେ କହିଛନ୍ତି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2026-23, ତା.07.10.2026ରିଖ

**କାର୍ଯ୍ୟର ନାମ :** ଟିଟିଲାଗଡ଼-ଥେରୁବାଲି ସେକ୍ସନରେ ସ୍ୱଚ୍ଛ ଉଚ୍ଚତା ବିଶିଷ୍ଟ ଉପମାର୍ଗ, ବ୍ରିଜ୍ କାର୍ଯ୍ୟ ଇତ୍ୟାଦି ଯୋଗୁଁ କେବୁଲ ଡାଇଭର୍ସନ ସମ୍ବନ୍ଧୀୟ ବିବିଧ କାର୍ଯ୍ୟ।
କାର୍ଯ୍ୟ ପରିସର : RV-99, ଲାଞ୍ଜିଗଡ଼ ରୋଡ଼-ଭବାନୀପାଟଣାରେ 18/12-13 ଠାରେ ଅନଧିକୃତ ପ୍ରବେଶ ସ୍ଥାନ, LJ-28, LJ-22, LJ-26, LJ-24, LJ-17, LJ-25, LJ-9।

**ଟେଣ୍ଡର ମୂଲ୍ୟ :** ₹48,84,545.00, ବିଡ୍ ସିକ୍ୟୁରିଟୀ : ₹97,700/-

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.29.10.2026ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ (ଦୂରସଞ୍ଚାର), ସମ୍ବଲପୁର
PR-491/R/26-27

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ